

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୮ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 18 FEBRUARY 2024

Vol.No. 35 ■ No.48 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନିର୍ବାଚନ ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ: ସିଇସି ରାଜୀବ କୁମାର



ଭୁବନେଶ୍ୱର, ୧୭/୨ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆମେ ସଂପୂର୍ଣ୍ଣ ପ୍ରସ୍ତୁତ ଅଛୁ। ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ସମୀକ୍ଷା ପରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର ଶନିବାର ଏହା କହିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସିଇସି କହିଛନ୍ତି, ୨୦୨୪ ଲୋକସଭା ନିର୍ବାଚନ ଓ ବିଧାନସଭା ନିର୍ବାଚନକୁ ନିର୍ବିଘ୍ନରେ ପରିଚାଳନ କରିବା ପାଇଁ ଆମେ ସମସ୍ତ ପ୍ରସ୍ତୁତି ପର୍ବ ସରିସାରିଛି। ସିଇସି ରାଜୀବ କୁମାର କହିଛନ୍ତି, ଗଣତନ୍ତ୍ରର ମହାପର୍ବରେ ସମସ୍ତେ ସାମିଲ ହୁଅନ୍ତୁ। ଏହି ମହାପର୍ବରେ ଓଡ଼ିଶାରେ ମୋଟ ୩ କୋଟି ୩୨ ଲକ୍ଷ ମତଦାତା ଭୋଟ୍ ଦେବେ। ରାଜ୍ୟରେ ବଢ଼ିଛି ଭୋଟରଙ୍କ ସଂଖ୍ୟା। ୨୦୧୯ ପରେ ଭୋଟ ହାର ୪.୪ ପ୍ରତିଶତ ବଢ଼ିଥିବା ବେଳେ ୯ ହଜାର ୬୦ ଶତାୟୁ ଭୋଟର ଚିହ୍ନଟ ହୋଇଛନ୍ତି। ଏହାସହ ମହିଳା ଭୋଟରଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ମୋଟ୍ ୩୭, ୮୦୯ଟି ବୁଥ୍‌ରେ ଭୋଟ୍ ଗ୍ରହଣ କରାଯିବ। ସେଥିରୁ ୨୨,୬୮୫ଟି କେନ୍ଦ୍ରରେ ୱେବ୍‌କାଷ୍ଟିଂ କରାଯିବ। ସେହିପରି ପ୍ରାୟ ୪୦୦୦ ବୁଥ୍‌ରେ କେବଳ ମହିଳା ଅଧିକାରୀ ନିୟୋଜିତ ହେବେ। ଯେଉଁଠି କୌଣସି ତ୍ରୁଟି ଦେଖାଯିବ, ଲୋକେ କମିସନଙ୍କୁ ଜଣାଇପାରିବେ। ଲୋକେ ନାମ ଗୋପନ ରଖି କମିସନଙ୍କୁ ଅଭିଯୋଗ କରିପାରିବେ। ଏହିଭଳି ଅଭିଯୋଗ ଆସିଲେ, ୧୦୦ ମିନିଟ୍ ମଧ୍ୟରେ ଆମ ଟିମ୍ ପହଞ୍ଚିବେ। ନିର୍ଦ୍ଦିଷ୍ଟ ସ୍ଥାନରେ ସଭା ଆୟୋଜନ ପାଇଁ ଯିଏ ପ୍ରଥମେ ଆବେଦନ କରିବ, ତାକୁ ମିଳିବ। ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ଥିଲେ ସେମାନେ ୩ ଥର ବିଜ୍ଞାପନ ଦେଇ ଜଣାଇବେ। ହେବାକୁ ଥିବା ସାଧାରଣ ନିର୍ବାଚନରେ ସମସ୍ତ ମତଦାନ କେନ୍ଦ୍ରରେ ପିଇବା ପାଣି ଓ ଶୌଚାଳୟର ବ୍ୟବସ୍ଥା କରାଯିବ। ମତଦାନ ହାର କମ୍ ଥିବା ଅଂଚଳ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ନିର୍ବାଚନ ଆୟୋଗ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥର ନିର୍ବାଚନରେ ହିଂସାକୁ ରୋକିବ 'ସି-ଭିଜିଲ' ଆପ୍। ନିର୍ବାଚନ ସମୟରେ ହିଂସା ଦେଖିଲେ ଏହି ଜରିଆରେ ଅଭିଯୋଗ କରିପାରିବେ ଭୋଟର। ଜୁନ୍ ୨୪ରେ ଓଡିଶା ବିଧାନସଭାର କାର୍ଯ୍ୟକାଳ ସରୁଥିବା ବେଳେ ୧୬ ଜୁନରେ ସରୁଛି ପାର୍ଲାମେଂଟର କାର୍ଯ୍ୟକାଳ। ତେଣୁ ଜୁନ ୧୬ ତାରିଖ ପୂର୍ବରୁ ନିର୍ବାଚନ ହେବା ଅତ୍ୟନ୍ତ ଜରୁରୀ ବୋଲି କହିଛନ୍ତି ନିର୍ବାଚନ କମିସନ୍। ସେହିପରି ଶ୍ରୀ କୁମାର କହିଛନ୍ତି ଯେ, ନିର୍ବାଚନ ନେଇ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ମଧ୍ୟ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସବୁ ରାଜନୈତିକ ଦଳ ପ୍ରତି ସମାନ ମନୋଭାବ ପୋଷଣ କରିବାକୁ ନିର୍ଦ୍ଦେଶ ହୋଇଛି। ନିରପେକ୍ଷ, ସ୍ୱଚ୍ଛ ଓ ସବୁ ରାଜନୈତିକ ଦଳର ଅଭିଯୋଗ ଶୁଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନରେ ନିରପେକ୍ଷ ଓ ଶୃଙ୍ଖଳିତ ପରିଚାଳନାକୁ ଗୁରୁତ୍ୱ ଦିଆଯାଇଛି। ପେଡ୍ ନ୍ୟୁଜ୍ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଭିଯୋଗ ଆସିଲେ ଏକ ସ୍ୱତନ୍ତ୍ର କମିଟି ତଦନ୍ତ କରିବ। ଯଦି ଅଭିଯୋଗ ସତ ହୋଇଥାଏ, ସଂପୃକ୍ତ ପ୍ରାର୍ଥୀ ସମସ୍ତ ଖର୍ଚ୍ଚ ବହନ କରିବେ।

## ଗୁଲଜାର ଓ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ପାଇବେ ଜ୍ଞାନପୀଠ ପୁରସ୍କାର



ନୂଆଦିଲ୍ଲୀ, ୧୭/୨ : ସଂସ୍କୃତ ବିଦ୍ୱାନ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ଓ ପ୍ରସିଦ୍ଧ ଉର୍ଦ୍ଦୁ କବି ତଥା ଗୀତିକାର ଗୁଲଜାର ପ୍ରଦାନ କରାଯିବ ୫୮ତମ ଜ୍ଞାନପୀଠ ପୁରସ୍କାର। ଶନିବାର ଜ୍ଞାନପୀଠ ଚୟନ କମିଟି ପକ୍ଷରୁ କରାଯାଇଛି ଏହି ଘୋଷଣା। ଜ୍ଞାନପୀଠ ଚୟନ କମିଟି ଜାରି କରିଥିବା ବୟାନରେ କୁହାଯାଇଛି, ୨୦୨୩ ବର୍ଷ ପାଇଁ ଦୁଇଟି ଭାଷାର ଦୁଇ ଜଣ ପ୍ରସିଦ୍ଧ ଲେଖକଙ୍କୁ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ସଂସ୍କୃତ ସାହିତ୍ୟିକ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ଓ ଉର୍ଦ୍ଦୁ ସାହିତ୍ୟିକ ଶ୍ରୀ ଗୁଲଜାରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଗୁଲଜାର ହେଉଛନ୍ତି ଜଣେ ପ୍ରସିଦ୍ଧ ଉର୍ଦ୍ଦୁ କବି। ତାଙ୍କୁ ଶ୍ରେଷ୍ଠ ଉର୍ଦ୍ଦୁ କବିଙ୍କ ମଧ୍ୟରେ ଗଣନା କରାଯାଏ। ଅନେକ ହିନ୍ଦୀ ଫିଲ୍ମ ପାଇଁ ସେ ଗୀତ ଲେଖିଛନ୍ତି। କିଛି ଫିଲ୍ମର ସେ ନିର୍ଦ୍ଦେଶନା ଦେଇଛନ୍ତି। ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ୨୦୦୨ ମସିହାରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳଚ୍ଚିତ୍ର ପାଇଁ ସେ ଅନେକ ପୁରସ୍କାର ପାଇଛନ୍ତି। ସେ ୫ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା ବେଳେ ୨୨ଟି ଫିଲ୍ମ ଫେୟାର ଆୱାର୍ଡ ପାଇଛନ୍ତି। ୨୦୦୪ରେ ତାଙ୍କୁ ପଦ୍ମ ଭୂଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୧୩ରେ ସେ ପାଇଥିଲେ ଦାଦାସାହେବ ଫାଲକେ ପୁରସ୍କାର। ସେହିପରି ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ହେଉଛନ୍ତି ଚିତ୍ରକୋଟ ସ୍ଥିତ ତୁଳସୀ ପୀଠର ପ୍ରତିଷ୍ଠାତା ଓ ମୁଖ୍ୟ। ସେ ଜଣେ ପ୍ରସିଦ୍ଧ ହିନ୍ଦୁ ଧାର୍ମିକ ଗୁରୁ, ସଂସ୍କୃତ ବିଦ୍ୱାନ, ଶିକ୍ଷକ ତଥା ଲେଖକ। ସେ ୧୦୦ରୁ ଅଧିକ ପୁସ୍ତକ ଲେଖିଛନ୍ତି। ସେ ୨୨ଟି ଭାଷାରେ କଥାବାର୍ତ୍ତା ହୋଇପାରନ୍ତି।

## ମଧ୍ୟାହ୍ନଭୋଜନ ପାଚିକା-ସହାୟିକାଙ୍କ ପାରିଶ୍ରମିକ ଓ କୃଷକସାଥୀଙ୍କ ସହାୟତା ରାଶି ବଢ଼ିଲା




ଭୁବନେଶ୍ୱର, ୧୭/୨ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ କ୍ଷମତାସୀନ ବିଜେଡି ସରକାର ସବୁ ବର୍ଗକୁ ଖୁସି କରିବାକୁ ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି । ଆଜି କୃଷକସାଥୀ, ମଧ୍ୟାହ୍ନଭୋଜନରେ କାର୍ଯ୍ୟରତ ପାଚିକା ଓ ସହାୟିକାମାନଙ୍କର ପାରିଶ୍ରମିକ ବୃଦ୍ଧି କରିଛନ୍ତି । ଗତ କିଛିଦିନ ଧରି ରାଜ୍ୟ ସରକାର ସବୁବର୍ଗକୁ ତୁଷ୍ଟୀକରଣ ପାଇଁ ରାଜ୍ୟ ରାଜକୋଷକୁ ଉନ୍ମୁକ୍ତ କରିଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁସାରେ, ମଧ୍ୟାହ୍ନଭୋଜନ ଯୋଜନାରେ ସ୍କୁଲରେ ନିୟୋଜିତ ପାଚିକା ଓ ସହାୟିକାମାନଙ୍କ ପାରିଶ୍ରମିକ ରାଶି ବୃଦ୍ଧି କରାଯାଇଛି । ପାଚିକା ଓ ସହାୟିକାମାନଙ୍କ ପାରିଶ୍ରମିକ ପରିମାଣ ୧୪୦୦ଟଙ୍କାରୁ ୨ହଜାର ଟଙ୍କାକୁ ବୃଦ୍ଧି ହୋଇଛି । ସେହିପରି ଯଦି କୌଣସି ପାଚିକା ଓ ସହାୟିକାଙ୍କ କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ହୁଏ ସେମାନଙ୍କ ପରିବାର ସଦସ୍ୟଙ୍କୁ ୧ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ସରକାର ଯୋଗାଇ ଦେବେ । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ପ୍ରାୟ ମୋଟ ୫୫ହଜାର ସ୍କୁଲରେ କାର୍ଯ୍ୟରତ ୧.୧୦ଲକ୍ଷ ପାଚିକା ଓ ସହାୟିକାମାନେ ଉପକୃତ ହେବେ । ରାଜ୍ୟ ସରକାରଙ୍କୁ ଏଥିପାଇଁ ବର୍ଷକୁ ୭୪କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିବ । ▶▶ପୃଷ୍ଠା ୭

## ମାଡ଼ ମାରିଥିବା ଦୁଇ ଡାକ୍ତରୀ ଛାତ୍ରୀଙ୍କୁ ଦୁଇ ମାସ କ୍ୟାମ୍ପସ ମନା




ବ୍ରହ୍ମପୁର, ୧୭/୨ (ନି.ପ୍ର): ମାଡ଼ ମାରିବା ମହଙ୍ଗା ପଡ଼ିଲା। ରାଗିଂ ନାଁରେ ମାଡ଼ ମାରିଥିବା ଦୁଇ ଡାକ୍ତରୀ ଛାତ୍ରୀଙ୍କୁ କରାଯାଇଛି ବ୍ୟାନ୍। ଦୁଇ ମାସ ପର୍ଯ୍ୟନ୍ତ ସେମାନେ କ୍ଲାସ୍ କରିପାରିବେନି କି ହଷ୍ଟେଲରେ ରହିପାରିବେ ନାହିଁ। ଏନେଇ ସୂଚନା ଦେଇଛନ୍ତି ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ର ଇନ୍‌ଚାର୍ଜ ଅଧ୍ୟକ୍ଷ ପ୍ରଫେସର ▶▶ପୃଷ୍ଠା ୭

## ୨ ଶିଶୁ ସମେତ ୪ ଜଣଙ୍କୁ ନିର୍ମମ ହତ୍ୟା: ରେଳ ଟ୍ରାକ୍‌ରୁ ମିଳିଲା ଖଣ୍ଡବିଖଣ୍ଡିତ ମୃତଦେହ

ଝାଡ଼ଖଣ୍ଡ, ୧୭/୨ (ନି.ପ୍ର): ଓଡିଶା ଝାଡ଼ଖଣ୍ଡ ସୀମାନ୍ତ ପଶ୍ଚିମ ସିଂହଭୂମ ଜିଲ୍ଲାର ତାଲାବୁରୁ ଏବଂ କେନ୍ଦୋପୋସି ରେଳ ଷ୍ଟେସନ ନିକଟ ଟ୍ରାକ୍‌ରେ ଦେଖିବାକୁ ମିଳିଛି ଅତି ବୀଭତ୍ସ ଦୃଶ୍ୟ । ଚକ୍ରଧରପୁର ରେଳ ବିଭାଗ ଅଧୀନରେ ଯାଉଥିବା ରେଳ ଟ୍ରାକ୍ ଭିତରେ ଓ ବାହାରେ ବିକ୍ଷିପ୍ତ ହୋଇ ପଡ଼ିଛି ୪ଟି ମୃତଦେହ। ମୃତକଙ୍କ ମଧ୍ୟରେ ଜଣେ ପୁରୁଷ, ଜଣେ ମହିଳା ଥିବା ବେଳେ ଆଉ ୨ ଜଣ ଶିଶୁ ଅଛନ୍ତି । ଝାଡ଼ଖଣ୍ଡର ହାଟଗମ୍ହାରିଆ ଥାନା ଅଞ୍ଚଳରେ ଘଟିଛି ଏପରି ଅଭାବନୀୟ ଘଟଣା। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି । ଦୁଇ ଶିଶୁଙ୍କ ମଧ୍ୟରେ ଶିଶୁ କନ୍ୟାର ବୟସ ୩ ବର୍ଷ ପାଖାପାଖି ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଶିଶୁ ପୁତ୍ରର ବୟସ ବର୍ଷେରୁ କମ୍ ହେବ ବୋଲି ଜଣାଯାଇଛି। ମହିଳାଙ୍କ ହାତ ଓ ଗୋଡ଼ ବନ୍ଧା ଯାଇଥିବା ବେଳେ ତାଙ୍କ ଶରୀର ଦୁଇ ଭାଗ ହୋଇ ଯାଇଛି। ▶▶ପୃଷ୍ଠା ୭

## ବଢୁଛି ଅଡୁଆ: ବିଜେଡି ବିଧାୟକ ଓ ତାଙ୍କ ପୁଅଙ୍କୁ ସମନ କଲା ଇଡି



ଭଦ୍ରକ, ୧୭/୨ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଓ ତାଙ୍କ ପୁଅ ପ୍ରୟାସକାନ୍ତିଙ୍କ ପାଇଁ ଦିନକୁ ଦିନ ଅଡୁଆ ବଢ଼ିବାରେ ଲାଗିଛି। ଦୁଇ ଦିଦ ତଳେ ପ୍ରଫୁଲ୍ଲଙ୍କ ଘର ସମେତ ୧୦ଟି ସ୍ଥାନରେ ଇଡି ରେଡ୍ କରିଥିବା ବେଳେ ଏବେ ପ୍ରଫୁଲ୍ଲ ସାମଲ ଓ ତାଙ୍କ ପୁଅକୁ ଇଡି ସମନ କରିଛି। ବରପଦା ଇଂଜିନିୟରିଂ କଲେଜ ଜମି ଦୁର୍ନୀତି ମାମଲାରେ ଇଡି ସମନ କରିଥିବା ଜଣାଯାଇଛି। ଡକ୍ୟୁମେଣ୍ଟ ସହ ହାଜର ହେବାକୁ ଉଭୟଙ୍କୁ ସମନ କରିଛି ଇଡି। କେଉଁ ତାରିଖରେ ବିଜେଡି ବିଧାୟକ ଓ ତାଙ୍କ ପୁଅ ଇଡିରେ ହାଜର ହେବେ ସେନେଇ ସ୍ପଷ୍ଟ ହୋଇନାହିଁ। ଗୋଟିଏ ପଟେ ପ୍ରଫୁଲ୍ଲ ସାମଲଙ୍କୁ ଇଡି ସମନ କରିଥିବା ବେଳେ ଅନ୍ୟପଟେ ଆଜି ତାଙ୍କ ନୂଆବଜାର ସ୍ଥିତ ଘରେ ବିଜେଡିର ନେତାମାନେ ପହଞ୍ଚିଛନ୍ତି। ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ସାଂସଦ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଞ୍ଜୀବ ମଲ୍ଲିକ ପ୍ରଫୁଲ୍ଲଙ୍କୁ ଭେଟି ଆଲୋଚନା କରିଛନ୍ତି। ଦୁଇ ଦିନ ତଳେ ପ୍ରଫୁଲ୍ଲ ସାମଲଙ୍କ ଭଦ୍ରକ ନୂଆବଜାର ସ୍ଥିତ ବାସଭବନରେ ଇଡିର ୬ ଜଣିଆ ଟିମ୍ ଚଢ଼ାଉ କରିଥିଲା। ସେହିପରି ବିଜେଡି ବିଧାୟକଙ୍କ ସମ୍ପର୍କୀୟଙ୍କ ଘରେ ମଧ୍ୟ ଇଡି ଚଢ଼ାଉ କରିଥିଲା। ଭଦ୍ରକ ସହରର ୬ଟି ସ୍ଥାନରେ ଓ ଭୁବନେଶ୍ୱରର ୪ଟି ସ୍ଥାନରେ ଇଡି ରେଡ୍ କରିଥିଲା। ସେଥି ମଧ୍ୟରେ ଭୁବନେଶ୍ୱରର ▶▶ପୃଷ୍ଠା ୭

## ଆସ୍ଥା ଭୋଟ୍ ଜିତି ବର୍ଷିଲେ କେଜ୍ରିୱାଲ: କହିଲେ ଆପ୍ ବିଜେପି ପାଇଁ ବଡ଼ ଭୟ



ନୂଆଦିଲ୍ଲୀ, ୧୭/୨ : ଆସ୍ଥା ଭୋଟରେ ବିଜୟୀ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ନିଜ ଆଡୁ ଆସ୍ଥା ଭୋଟ୍ ପ୍ରସ୍ତାବ ଆଣି ଆଜି ଶକ୍ତି ପ୍ରଦର୍ଶନ କରିଛନ୍ତି। ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭାରେ ଆପ୍ ପାଖରେ ୬୨ଟି ଆସନ ଥିବା ପ୍ରମାଣ ଦେଇଛନ୍ତି। ବିଧାନସଭାରେ ଶକ୍ତି ପ୍ରଦର୍ଶନ ପରେ ବିଜେପି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ କେଜ୍ରିୱାଲ। ଆପ୍ ପୂଣ୍ୟର ରାଜନୀତି କରୁଛି, ବିଜେପି ପାପର ରାଜନୀତି କରୁଛି ବୋଲି କେଜ୍ରିୱାଲ କହିଛନ୍ତି। ସେ ଆହୁରି କହିଛନ୍ତି, ବିଜେପିର ଭବିଷ୍ୟତ ବିପଦରେ। ସେଥିପାଇଁ ସେମାନେ ଆମକୁ ଭୟ କରୁଛନ୍ତି। କେନ୍ଦ୍ରରେ ବିଜେପି ସରକାର ଗଠନ ହେବା ପରେ ସେମାନେ ▶▶ପୃଷ୍ଠା ୭

## ଇସ୍ରୋର ଇନସାଟ୍-୩ଡିଏସ ଉତ୍କ୍ଷେପଣ ସଫଳ

ମହାକାଶ ଗବେଷଣା କ୍ଷେତ୍ରରେ ଇସ୍ରୋକୁ ଆଉ ଏକ ସଫଳତା। ପାଣିପାଗ ଉପଗ୍ରହ ଇନସାଟ୍-୩ଡିଏସ ଉତକ୍ଷେପଣ ସଫଳ ହୋଇଛି। ଆଜି ଆନ୍ଧ୍ରପ୍ରଦେଶ ସ୍ଥିତ ଶ୍ରୀହରିକୋଟା ଶତୀଶ ଧାୱନ ସ୍ପେଶ୍ ସେଣ୍ଟରରୁ ଇନସାଟ-୩ଡିଏସ ସଫଳତାପୂର୍ବକ ଉତକ୍ଷେପଣ କରିଛି ଇସ୍ରୋ। ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ ଭେଇକିଲ୍ ଜିଏସଏଲଭି-୧୪ ମାଧ୍ୟମରେ ଉତକ୍ଷେପଣ ହୋଇଛି ଇନସାଟ୍-୩ଡିଏସ। ଏହି ସାଟେଲାଇଟ ମାଧ୍ୟମରେ ଏକ ମହତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ରଖିଛି ଇସ୍ରୋ। ଇସ୍ରୋ ଜିଓଷ୍ଟେସନାରୀ କକ୍ଷପଥରେ ସ୍ଥାନିତ ହେବାକୁ ଥିବା ପାଣିପାଗ ଉପଗ୍ରହ ତୃତୀୟ ପିଢ଼ିର ନୂଆ ମିଶନ୍ ହେଉଛି ନସାଟ୍-୩ଡିଏସ। ଏହା ଜିଓଷ୍ଟେସନାରୀ କକ୍ଷପଥରେ ପହଞ୍ଚିବା ପରେ ପାଣିପାଗ ବାବଦରେ ସଠିକ୍ ପୂର୍ବାନୁମାନ ପାଇବା ସହଜ ହେବ। ଏଥିସହ ଯଦି ଆଗକୁ ପ୍ରାକୃତିକ ବିପର୍ଯ୍ୟୟ ହେବାର ଆଶଙ୍କା ଥାଏ, ତେବେ ଏହି ସାଟେଲାଇଟ୍ ମାଧ୍ୟମରେ ପୂର୍ବ ସୂଚନା ମିଳିପାରିବ। ଏହା ମାଧ୍ୟମରେ ଭାରତୀୟ ପାଣିପାଗ ବିଭାଗକୁ ସାହାଯ୍ୟ ମିଳିପାରିବ। ବିଶେଷ କରି ସ୍ଥଳ ▶▶ପୃଷ୍ଠା ୭

## କଂଗ୍ରେସକୁ ଝଟ୍‌କା: ପଦ୍ମ ଧରିପାରନ୍ତି କମଲନାଥ



ନୂଆଦିଲ୍ଲୀ, ୧୭/୨ : କଂଗ୍ରେସ ଛାଡିପାରନ୍ତି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ। ସେ ଓ ତାଙ୍କ ପୁଅ ତଥା ସାଂସଦ ନକୁଲନାଥ ବିଜେପିରେ ଯୋଗ ଦେବା ନେଇ ଚର୍ଚ୍ଚା ଜୋର ଧରି। କମଲନାଥ ଯେକୌଣସି ସମୟରେ ମଧ୍ୟ ବିଜେପିରେ ସାମିଲ ହେବା ପାଇଁ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଇଛି। ଯଦି ଏହା ସତ ହୁଏ ତେବେ କଂଗ୍ରେସକୁ ଜୋରଦାର ଝଟ୍‌କା ଲାଗିବ। ଆଜି କମଲନାଥଙ୍କ ପୁଅ ନକୁଲନାଥ ନିଜ ସୋଶାଲ ମିଡିଆ ହ୍ୟାଣ୍ଡେଲ 'ଡ'ରୁ କଂଗ୍ରେସ ହଟାଇ ଦେଇଛନ୍ତି। ଏହାକୁ ନେଇ ଚର୍ଚ୍ଚାର ଅହୁରି ଜୋର ଧରିଛି। ସେପଟେ କମଲନାଥ ମଧ୍ୟ ଛିନ୍ଦୱାଡା ଗସ୍ତକୁ ବାତିଲ କରି ଅଚାନକ ନିଜ ପୁଅ ସହ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହାକୁ ନେଇ ମଧ୍ୟପ୍ରଦେଶ ରାଜନୀତି ସରଗରମ ରହିଛି। ଗତ କିଛିଦିନ ହେବ ମଧ୍ୟପ୍ରଦେଶ ରାଜନୀତିରେ ଯେଉଁଭଳି ବୟାନବାଜୀ ଚାଲିଛି ତାକୁ ନେଇ ଅନୁମାନ କରାଯାଉଛି ଯେ, ଖୁବଶୀଘ୍ର ▶▶ପୃଷ୍ଠା ୭

## ଏନସିପି ବନାମ ଏନସିପି : ନଣନ୍ଦଙ୍କୁ ଟକ୍କର ଦେବେ ଭାଉଜ



ନୂଆଦିଲ୍ଲୀ, ୧୭/୨ : ପାଖେଇ ଆସିଲାଣି ଲୋକସଭା ନିର୍ବାଚନ। ଏଥିପାଇଁ ମହାରାଷ୍ଟ୍ରରେ ରାଜନୈତିକ ହଲଚଲ ଜାରି ରହିଛି। ମହାରାଷ୍ଟ୍ର ବାରାମତି ଆସନରେ ଏନ୍‌ସିପି ବନାମ ଏନ୍‌ସିପି ଲଢ଼େଇ ଦେଖିବାକୁ ମିଳିପାରେ। କାରଣ ଏହି ଆସନରେ ନଣନ୍ଦଙ୍କୁ ଟକ୍କର ଦେଇପାରନ୍ତି ଭାଉଜ। ଅଜିତ ପାୱାର ନିଜ ପତ୍ନୀ ସୁନେତ୍ରାଙ୍କୁ ବାରାମତି ଆସନରେ ଭଉଣୀ ସୁପ୍ରିୟା ସୁଲେଙ୍କ ବିରୋଧରେ ପ୍ରାର୍ଥୀ କରିପାରନ୍ତି। ଯଦି ଏହି ଚର୍ଚ୍ଚା ସତ ହୁଏ ତେବେ ଆଗାମୀ ନିର୍ବାଚନରେ ଗୋଟିଏ ପରିବାରର ଦୁଇ ଜଣଙ୍କ ମଧ୍ୟରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିବ। ଅଜିତ ପାୱାର ଶୁକ୍ରବାର ଦିନ ଇସାରା କରିଥିଲେ ଯେ, ସେ ବାରାମତି ଆସନରେ ସୁପ୍ରିୟା ସୁଲେଙ୍କ ବିରୋଧରେ ଏଭଳି ଜଣେ ପ୍ରାର୍ଥୀଙ୍କୁ ଠିଆ କରିବେ, ଯିଏ ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ିବେ। ବାରାମତି ଆସନ ହେଉଛି ପରମ୍ପରାଗତ ରୂପେ ଶରଦ ପାୱାର ଓ ସୁପ୍ରିୟା ସଲେଙ୍କ ଗଡ। ୨୦୦୯ରୁ ସୁପ୍ରିୟା ସିଲେ ଏହି ଆସନରୁ ଲଗାତର ତିନି ଥର ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ସୁପ୍ରିୟା ସୁଲେ ହେଉଛନ୍ତି ▶▶ପୃଷ୍ଠା ୭

# ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱ

ପୁରୀ, ୧୭/୨ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ୨୦୨୪ କୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସେକ୍ଟର ଅଫିସର ଓ ସେକ୍ଟର ପୋଲିସ ଅଫିସର ମାନଙ୍କର ଏକ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ପ୍ରଶିକ୍ଷଣ ଶିବିରକୁ ଉଦ୍ଘାଟନ ଓ ଏଥିରେ ଅଧ୍ୟକ୍ଷତା କରିଥିଲେ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ଭଲ୍ନରେବିଲିଟି ମ୍ୟାପିଙ୍ଗ୍ ବା ବିପଦସଙ୍କୁଳ ବୁଥ୍ ଚିହ୍ନଟିକରଣ, ମତଦାନ କେନ୍ଦ୍ରକୁ ଅନୁଧ୍ୟାନ, କେନ୍ଦ୍ରରେ ବିଦ୍ୟୁତ ସଂଯୋଗ, ପାନୀୟ ଜଳ ବ୍ୟବସ୍ଥା, ରାମ୍ପ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥାକୁ ନିରୀକ୍ଷଣ ସହ ନିର୍ବାଚନ ପୂର୍ବରୁ, ନିର୍ବାଚନ ଦିନ ଓ ନିର୍ବାଚନ ପରବର୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ସେ ବିସ୍ତୃତ ପ୍ରଶିକ୍ଷଣ ଦେଇ ନିର୍ବାଚନକୁ ଶୃଙ୍ଖଳିତ ପରିଚାଳନା ପାଇଁ ୧୦ ଗୋଟି ଗୁରୁତ୍ୱପୂର୍ଣ୍ଣ ଟିମ ଗଠିତ ହୋଇଛି ବୋଲି କହିଥିଲେ। ସେକ୍ଟର ଅଫିସର ଓ ସେକ୍ଟର ପୋଲିସ୍ ଅଫିସର୍ ମାନଙ୍କ ଦାୟିତ୍ୱ ଓ କର୍ତବ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ. ଶରତ ଚନ୍ଦ୍ର ମହାପାତ୍ର ଅତ୍ୟନ୍ତ ନିଷ୍ଠାର ସହ ନିର୍ବାଚନ ଦାୟିତ୍ୱକୁ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ମତଦାନ ପ୍ରକ୍ରିୟା ସମ୍ପର୍କରେ ସେକ୍ଟର ଅଫିସର ମାନେ ସମ୍ପୂର୍ଣ୍ଣ ଅବଗତ ହୋଇ ତାଙ୍କ ଅଧିନରେ ଥିବା ପ୍ରିଜାଇଡିଂ ଓ ପୁଲିଂ ଅଫିସର ମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରାଇବାକୁ ସେ ଆହ୍ୱାନ ଦେଇଥିଲେ। ଉପଜିଲ୍ଲାପାଳ ଗୋପୀନାଥ କୁଅଁର ପିପିଟି ମାଧ୍ୟମରେ ତାଲିମ ଦେବା ସହ ସେକ୍ଟର ଅଫିସର ମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ବିଷଦ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାସଁଦା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରକ୍ରିୟା। ନିର୍ବାଚନ ଆରମ୍ଭ ପୂର୍ବରୁ ଓ ନିର୍ବାଚନ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଆମେ ସମସ୍ତେ ଭାରତର ନିର୍ବାଚନ କମିଶନଙ୍କ ଅଧିନରେ କାର୍ଯ୍ୟ କରୁଥିବାରୁ ଏହାର ଗୁରୁତ୍ୱ କୁ ଅନୁଭବ କରି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ନିର୍ବାଚନ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଶେଷରେ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପ୍ରାକ୍ଟିକାଲ ଭାବେ ଇଭିଏମ ଓ ଭିଭିପାଟର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଡ଼ିଓ, ତହସିଲଦାର ସେକ୍ଟର ଅଫିସର ଓ ସେକ୍ଟର ପୋଲିସ୍ ଅଫିସରମାନେ ଯୋଗ ଦେଇଥିଲେ।

# ଜିଲ୍ଲାର ବିଭିନ୍ନ ଗ୍ରାମ ପଂଚାୟତରେ ଲୋକକଳା କଳାକାର ମାନଙ୍କ ଦ୍ୱାରା ରୂପାନ୍ତରିତ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୧୭/୨ (ନି.ପ୍ର): ଜିଲ୍ଲାରେ ପାରମ୍ପରିକ ଲୋକକଳା ମାଧ୍ୟମରେ ବିଭିନ୍ନ ଗ୍ରାମରେ ସରକାରଙ୍କ ଯୋଜନା ବିଷୟରେ ସଚେତନତା କରୁଛନ୍ତି କଳାକାର ମାନେ । ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ପାରମ୍ପରିକ ଲୋକକଳା ମାଧ୍ୟମରେ ଗାଁ ଗାଁରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାର ବ୍ଲକ କଳା ସଂସ୍କୃତି ସଂଘ କଳାକାର ମାନଙ୍କୁ ଏହାପୂର୍ବରୁ ତାଲିମ ପ୍ରଦାନ କରାଯାଇଥିଲା । ଝାରସୁଗୁଡା ଜିଲ୍ଲା ପ୍ରଶାସନର ଜିଲ୍ଲା ସଂସ୍କୃତି ବିଭାଗ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସୂଚନା ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଉପକ୍ରମରେ ଲୋକକଳାର ପ୍ରୟୋଗ କରାଯାଇ ସଚେତନ କରାଯାଉଛି । ରାଜ୍ୟ ସରକାରଙ୍କ ପ୍ରଗତିମୂଳକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ମୁଖ୍ୟତଃ ସରକାରଙ୍କ ମମତା ଯୋଜନା, ବିଜୁ ସାସ୍ଥ୍ୟ କଲ୍ୟାଣ ଯୋଜନା, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି, ମଧୁବାବୁ ପେନସନ ଯୋଜନା, ଆମ ଓଡିଶା ନବୀନ ଓଡିଶା, ମିଶନ ଶକ୍ତି, ୫ଟି ସ୍କୁଲ ରୂପାନ୍ତୀକରଣ, ଆମ କ୍ରୀଡା, ଓଡିଶା ଆଦର୍ଶ ବିଦ୍ୟାଳୟ, ହସ୍ପିଟାଲ, ସତ୍ୱନ୍ତ ଉନ୍ନୟନ ପରିଷଦ, ଆମ ଐତିହ୍ୟ ଆମ ବ୍ୟାଙ୍କ ଓ ଲକ୍ଷ୍ମୀ ବସ ଆଦି ୧୫ଟି ଯୋଜନା ସମ୍ପର୍କରେ ପ୍ରତ୍ୟେକ ଗ୍ରାମ ପଂଚାୟତ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ ମାନ କରାଯାଉଛି । ଝାରସୁଗୁଡା ଜିଲ୍ଲା ପାଇଁ ଓଡିଶା ସୂଚନା, ଶିକ୍ଷା ଓ ଯୋଗାଯୋଗ ପର୍ଯ୍ୟବେକ୍ଷକ ଓ ସହ ଉପଦେଷ୍ଟା ପ୍ରଫୁଲ୍ଲ ସାମନ୍ତରାୟ , ଜିଲ୍ଲା କଳା ସଂସ୍କୃତି ସଙ୍ଘ ଉପସଭାପତି ସୁରଙ୍ଗ ପଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଅନିଲ କେରକେଟା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା ଜିଲ୍ଲାର ବିଭିନ୍ନ ବ୍ଲକ ଓ ବିଭିନ୍ନ ପଂଚାୟତ ଗ୍ରାମରେ ଅନୁଷ୍ଠିତ ହେଉଥିବା ସଚେତନତା କାର୍ଯ୍ୟକ୍ରମ ପରିଦର୍ଶନ କରିଛନ୍ତି। ବ୍ଲକ୍ ମାନଙ୍କରେ ହେଉଥିବା କାର୍ଯ୍ୟକ୍ରମ ଗୁଡ଼ିକର ତଦାରଖ ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କରୁଥିବା ବେଳେ ମିଶନ ଶକ୍ତି ସଭ୍ୟା ବୃନ୍ଦ ଗ୍ରାମପଂଚାୟତ ମାନଙ୍କରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଦେଖୁଥିବା ସହ କଳାକାରଙ୍କୁ ଉତ୍ସାହିତ କରୁଛନ୍ତି।

# ଫାଇନାନ୍ସ ସଂସ୍ଥାର କର୍ମଚାରୀଙ୍କୁ ଛୁରୀ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍ ଅଭିଯୋଗ

ଗଞ୍ଜାମ, ୧୭/୨ (ନି.ପ୍ର): ଏକ ଫାଇନାନ୍ସ ସଂସ୍ଥାର କର୍ମଚାରୀଙ୍କୁ ବ୍ରହ୍ମପୁର ନିକଟସ୍ଥ ହଳଦିଆପଦର ଓଭରବ୍ରିଜ୍ ପାଖରେ ତିନି ଜଣ ଦୁର୍ବୃତ ଛୁରୀ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି । ପୋଲିସ କେସ୍ ନଂ ୪୭/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

ଲୁଟ୍ ଅଭିଯୋଗ କରିଥିବା ବ୍ୟକ୍ତି ହେଲେ ଗାଙ୍ଗପୁର ଥାନା ବିରିପୁରର ମୂଳ ବାସିନ୍ଦା ଲିପୁନ ପ୍ରଧାନ । ସେ ଗୋଷାଣୀନୂଆଗାଁ କୌତୁକୀ ନଗରରେ ରହୁଥିବା ବେଳେ ପ୍ରାୟ ୬ ମାସ ହେବ ଏକ ଫାଇନାନ୍ସ ସଂସ୍ଥାରେ କଲେକ୍ସନ ମେମ୍ବର ଭାବେ କାର୍ଯ୍ୟରତ ଥିଲେ । ତାଙ୍କ ଅଭିଯୋଗ ମୁତାବକ ସେ ଋଣ କିସ୍ତି ଆଦାୟ କରି ଏବଂ ଋଣ ବଂଟନ ପାଇଁ ଗତକାଲି ଆମ୍ବପୁର ଏବଂ ହଳଦିଆପଦର ଯାଇଥିଲେ । ସେ ସଂନ୍ଧ୍ୟାରେ ସେଠାରୁ ଫେରିବା ବାଟରେ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଓଭର ବ୍ରିଜ୍ ପାର୍ଶ୍ୱ ରାସ୍ତାରେ ତିନି ଜଣ ଦୁର୍ବୃତ ଏକ କଳା ରଙ୍ଗର ବାଇକ୍ ରେ ପଛପଟୁ ଆସି ଲିପୁନଙ୍କ ବାଇକ୍ କୁ ଗୋଇଠା ମାରିଥିଲେ । ଫଳରେ ବାଇକ୍ ସହ ଲିପୁନ୍ ତଳେ ପଡି ଯାଇଥିଲେ । ଏହି ସମୟରେ ଦୁର୍ବୃତ ମାନେ ତାଙ୍କୁ ଛୁରୀ ଦେଖାଇ ତାଙ୍କ ଠାରୁ ଟଙ୍କା ଭର୍ତି ବ୍ୟାଗ୍ ଟିକୁ ଛଡାଇ ନେଇ ହଳଦିଆପଦର ଆଡକୁ ଚମ୍ପଟ୍ ମାରିଥିଲେ । ସେହି ବ୍ୟାଗ୍ ରେ ୧ ଲକ୍ଷ ୨୩ ହଜାର ୪୬୯ ଟଙ୍କା ସହ ଅଫିସ୍ ଟ୍ୟାବ୍, ବାୟୋମେଟ୍ରିକ ମେସିନ, ପର୍ସ ଓ ଦଶମ, ଯୁକ୍ତ ଦୁଇ ସାର୍ଟିଫିକେଟ, ଭୋଟର କାର୍ଡ୍, ଗାଡିର କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ, ଇନ୍ସୁରାନ୍ସ କାଗଜପତ୍ର ରହିଥିବା ଏତଲାରେ ଦର୍ଶାଯାଇଛି ।

# କେନ୍ଦ୍ର ସରକାରଙ୍କ ନୀତକୁ ବିରୋଧ କରି ଏଆଇଟିୟୁସି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କେନ୍ଦୁଝର, ୧୭/୨ (ନି.ପ୍ର): କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସ୍ୱାଧିନ ଫେଡେରେସନ ମାନଙ୍କ ମିଳିତ ଡାକରାରେ 'ସାଧାରଣ ଧର୍ମଘଟ ଓ ଗ୍ରାମୀଣ ଭାରତ ବନ୍ଦ' ପରିପ୍ରେକ୍ଷୀରେ ଆଜି ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ ଏଆଇଟିୟୁସି ପକ୍ଷରୁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଅଛି। କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ୧୨ଦଫା ଦାବି ଯଥା-ଶ୍ରମିକ ବିରୋଧି ୪ଗୋଟି ଶ୍ରମ କୋର୍ଡକୁ ବାତିଲ କରିବା, କୃଷି ଉତ୍ପାଦନ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଆଇନ ଲାଗୁ କରିବା, ସମସ୍ତ ସାମାଜିକ ନିରାପତା ଆଇନ କଡାକଡି ଲାଗୁ କରିବା, ସର୍ବନିମ୍ନ ମଜୁରୀ ମାସକୁ ୨୬ହଜାର ଟଙ୍କା ଘୋଷଣା କରିବା, ପୁରୁଣା ପେନସନ୍ ସ୍କିମ ଲାଗୁ କରିବା, ସମସ୍ତ ବନ୍ଦ ଖଣିକୁ ତୁରନ୍ତ ଚାଲୁ କରିବା, ଛଟେଇ ଶ୍ରମିକଙ୍କୁ ପୁନଃ ନିଯୁକ୍ତି କରିବା, ସ୍ଥାନୀୟ ଖଣିରେ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ଦେବା, ଲକ୍ଷ୍ମୀପୁର କୃଷକ ହତ୍ୟା ଷଡଯନ୍ତ୍ରରେ ଅଭିଯୁକ୍ତ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ର ଟେନିଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରିବା ଓ ଗିରଫ କରିବା, ମନରେଗା କାର୍ଯ୍ୟ ଦିବସ ୨ଶହ ଦିନକୁ ବୃଦ୍ଧି କରିବା ଓ ସର୍ବନିମ୍ନ ମଜୁରୀ ଦୈନିକ ୭ଶହ ଟଙ୍କା କରିବା, ଡ୍ରାଇଭରମାନଙ୍କ ପାଇଁ ନିକଟରେ ଲାଗୁ ହୋଇଥିବା କଳା ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବା, ସମସ୍ତ କୃଷି ଋଣ ଛାଡ କରିବା, ଶିକ୍ଷା ଓ ସ୍ୱାସ୍ଥ୍ୟର ଘରୋଇକରଣ ବନ୍ଦ କରିବା, ରାଷ୍ଟ୍ରାୟତ ଉଦ୍ୟୋଗ ବିକ୍ରୀ ବନ୍ଦ କରିବା, ଖାଦ୍ୟ ନିରାପତାରେ ଗ୍ୟାରେଟିଂ, ଅସଂଗଠିତ ଶ୍ରମିକମାନଙ୍କ ପାଇଁ ନିର୍ମାଣ ଶ୍ରମିକ କଲ୍ୟାଣବୋର୍ଡ ପରି ଏକ କଲ୍ୟାଣ ବୋର୍ଡ ପ୍ରତିଷ୍ଠା କରିବା ଆଦି ଦାବି ସମ୍ୱଳିତ ଏହି ବିକ୍ଷୋଭ ସମାବେଶ ପ୍ରାରମ୍ଭରେ କାଳି ପଡିଆଠାରୁ ସହସ୍ରାଧିକ ଶ୍ରମିକ ଏକ ଶୋଭାଯାତ୍ରା ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବରିଷ୍ଠ ଶ୍ରମିକ ନେତା କାହ୍ନୁଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଏଆଇଟିୟୁସି ର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଜିଲ୍ଲା ସାଧାରଣ ସଂପାଦକ ସାଥି ମହେଶ୍ୱର ରାଉତ ଏହି ସମାବେଶରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନିତୀକୁ କଟୁଭାଷାରେ ସମାଲୋଚନା କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଦେଶର ଶ୍ରମିକମାନେ ଇଂରେଜ ଅମଳରୁ ଲଢେଇ କରି ହାସଲ କରିଥିବା ୪୨ ଗୋଟି ଶ୍ରମ ଆଇନକୁ କେନ୍ଦ୍ର ସରକାର ଉଚ୍ଛେଦ କରି ୪ଗୋଟି ଶ୍ରମ କୋର୍ଡରେ ପରିଣତ କରିବା ଶ୍ରମିକ ବିରୋଧି ଓ କର୍ପୋରେଟ ତୋଷଣର ଜ୍ୱଳନ୍ତ ନମୁନା। କେନ୍ଦ୍ର ସରକାର ନିକଟରେ ଡ୍ରାଇଭରମାନଙ୍କ ପାଇଁ ଲାଗୁ କରିଥିବା କଳା ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେ ଦାବି କରିଥିଲେ। ସାରା ଦେଶର ଶ୍ରମିକମାନେ ଏକାଠି ହୋଇ ଏହି କଳା ଆଇନକୁ ବିରୋଧ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସାଥି କପିଳ ମହାନ୍ତି ତାଙ୍କ ଉଦ୍‌ବୋଧନରେ ସମସ୍ତ ବନ୍ଦ ଖଣି ଖୋଲି ଛଟେଇ ଶ୍ରମିକମାନଙ୍କୁ ପୁନଃ ନିଯୁକ୍ତି ଦେବା ତଥା ସ୍ଥାନୀୟ ଖଣି ଓ ଶିଳ୍ପରେ ସ୍ଥାନୀୟ ବେକାର ଯୁବକ ଯୁବତୀମାନଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦେବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ରାଜାରାମ ମୁଣ୍ଡା, ବାଗରା ଚାତାର , ଶ୍ରୀହରି ଘଣା , ହୃଦାନନ୍ଦ ପୃଚ୍ଛ୍, ମହମ୍ମଦ ବଦ୍ରୁ ଜାମା, ବିରଂଚି ନାରାୟଣ ଦେହୁରୀ, ଜି.ସି.ସାସମଲ, ଖଗେଶ୍ୱର ପାତ୍ର ଆଦି ନିଜର ବକ୍ତବ୍ୟ ରଖିଥିଲେ। ସଭା ଓ ଶୋଭାଯାତ୍ରା ପରିଚାଳନା କରିଥିଲେ ସାଥି ହୃଦାନନ୍ଦ ପ୍ରଧାନ, ଶୁଭ୍ରଜିତ ସାହୁ, ମାର୍କଣ୍ଡ ଦେହୁରୀ, ରଂଜିତ କୁମାର ଗିରି, ଲିପୁ ପାତ୍ର, କ୍ଷିରୋଦ ମହାନ୍ତ, ବିଜୟ କୁମାର ବିଶ୍ୱାଳ, ରେଘା ମାଝି, ଭୀମସେନ ଲୋହାର, ସୀତାକାନ୍ତ ପଣ୍ଡା। ସର୍ବଶେଷରେ ସାଥି ମହେଶ୍ୱର ରାଉତ, କପିଳ ମହାନ୍ତି, କାହ୍ନୁଚରଣ ସାମଲଙ୍କୁ ନେଇ ଏକ ତିନିଜଣିଆ ପ୍ରତିନିଧି ମଣ୍ଡଳି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ ।

# କୁମ୍ଭୀରକୁ ମାରିଲେ ମତ୍ସ୍ୟଜୀବୀ: ବନ ବିଭାଗର ତଦନ୍ତ ଆରମ୍ଭ

ଜୟପୁର, ୧୭/୨ (ନି.ପ୍ର): ଜୟପୁର ବନାଞ୍ଚଳର କୋଲାବ ନଦୀର ପାତ୍ରପୁଟ ବ୍ରିଜ ନିକଟରେ ଗୋଟିଏ କୁମ୍ଭୀରକୁ ମାରିଛନ୍ତି ମତ୍ସ୍ୟଜୀବୀ । ଏନେଇ ଜୟପୁର ବନ ବିଭାଗ ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରଥମିକ ତଦନ୍ତ ଆନୁଯାୟୀ କୋଲାବ ନଦୀରେ ମାଛ ଧରିବା ପାଇ ଜାଲ ପକାଇ ଥିଲେ ମତ୍ସ୍ୟଜୀବୀ। ଜାଲରେ କୁମ୍ଭୀର ପଡିଥିବାରୁ କୁମ୍ଭୀରକୁ ମତ୍ସ୍ୟଜୀବୀ ମାନେ ଫାର୍ସା ପକାଇ ମାରିଛନ୍ତି । ସୂଚନା ପାଇ ଜୟପୁର ରେଞ୍ଜର ସଚିଦା ନନ୍ଦ ପରିଡା ସହ ଏକ ଟିମ ଘଟଣା ସ୍ଥଳର ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତଦନ୍ତ ବେଳେ ଏକ ଫଟୋ ମଧ୍ୟ ଜବତ କରିଛି । ଫୋଟ ଆଧାରରେ ଜୟପୁର ସଦର ପୋଲିସ ଓ ବୈପାରିଗୁଡା ପୋଲିସ ସହାୟତା ରେ କୁମ୍ଭୀରକୁ ମାରିଥିବା ମତ୍ସ୍ୟଜିବୀମାନଙ୍କୁ ଗିରଫ କରିବା ପାଇ ବନ ବିଭାଗ ଉଦ୍ୟମ ଆରମ୍ଭ କରିଛି ।

# କରଦା ହରିହାଟ ଓ ଯଜ୍ଞ ଆରମ୍ଭ

କୋରାଇ, ୧୭/୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦାର ଗଣପର୍ବ କରଦା ହରିହାଟ ମେଳା ଓ ଯଜ୍ଞ ଆରମ୍ଭ ହୋଇଛି । ଚଳିତ ବର୍ଷ ମେଳା ଓ ମହୋତ୍ସବ ଏବଂ ଯାତ୍ରା କରାଯାଇଥିବାରୁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ପ୍ରତ୍ୟୁଷର କଳସ ବୁଡା ଯାଇ ଯଜ୍ଞ ଓ ନାମ ଯଜ୍ଞ ଆରମ୍ଭ କରାଯାଇଛି । ଭକ୍ତମାନେ ସହସ୍ରାଧିକ ସଂଖ୍ୟାରେ ଯଜ୍ଞ କୁଣ୍ଡରେ ନଡିଆ, ଘିଅ, ଉଖୁଡା, ଧୂପ, ଦୀପ ଦାନ କରିବା ଦେଖିବାକୁ ମିଳିଛି । ସ୍ଥାନୀୟ ସଙ୍କିର୍ତନ ମଣ୍ଡଳୀ ପକ୍ଷରୁ ନାମଯଜ୍ଞ, ଯୁବକ/ଯୁବତୀ ମାନଙ୍କ ଦ୍ୱାରା ସମୂହ ଭାଗବତ ପାଠ,ପାଣିକୋଇଲି ଅଳତିରି ମହାଲକ୍ଷ୍ମୀ ପୀଠ ପକ୍ଷରୁ ଭକ୍ତ ଓ ଦର୍ଶକଙ୍କ ପାଇଁ ସମୂହ ଟଙ୍କ ତୋରଣୀ ଯଜ୍ଞ କୁଣ୍ଡ ନିକଟରେ ପ୍ରଦାନ ଜାରି ରହିଛି । କରଦା ମଠ ପୋଖରୀରେ ସ୍ନାନ କରି ଠାକୁର ଦର୍ଶନ କରି ଯଜ୍ଞରେ ଯୋଗଦେଲେ ଚନ୍ଦ୍ରଭାଗାର ଦର୍ଶନ ପୂଣ୍ୟ ମିଳିଥାଏ ବୋଲି ବିଧି ରହିଛି । ତଦନୁଯାୟୀ ଯଜ୍ଞକୁଣ୍ଡରେ ନଡିଆର ପାହାଡ ସୃଷ୍ଟି ହୋଇଛି । ଭକ୍ତମାନେ ଏକ କାଳୀନ ଦଧିବାଧନଜୀଉ, ଶ୍ରୀ ଗୌରାଙ୍ଗ, ରୁଦ୍ରନାରାୟଣ, ମହାବୀର, ଶ୍ରୀ ଶନିଶ୍ଚର ଦର୍ଶନ ଲାଭ କରୁଛନ୍ତି । ଇତିହାସ ଅନୁଯାୟୀ ଏହି ପବିତ୍ର ସ୍ଥାନର ନାମ ଯଜ୍ଞର ଶବ୍ଦ ରାତ୍ରୀରେ ଶୁଣାଯାଉଥିବାରୁ ଏଠାରେ ମଠ ପ୍ରତିଷ୍ଠା କରାଯାଇଥିଲା । ପୂର୍ଣତୋୟା ବୈତରଣୀର ଅନତୀ ଦୂରରେ ଏହି ମେଳା ସ୍ଥାନୀୟ ଅଂଚଳର ଗଣପର୍ବ ତଥା କୋରାଇ ବ୍ଲକର ସବୁଠୁ ବଡ ମେଳା ବୋଲି ବିବେଚନା କରାଯାଏ । ପ୍ରତିବର୍ଷ ପରି ୨ଅପେରା ଦଳ ଓ ୧୦ ଦିନ ବ୍ୟାପି ମହୋତ୍ସବ ସହ ମୀନା ବଜାର, ବିଭିନ୍ନ ଷ୍ଟଲ ମାନ ଖୋଲାଯାଇଛି । ଯାହା ସ୍ଥାନୀୟ ଅଂଚଳର ଲୋକମାନଙ୍କ ବର୍ଷକର ଚାହିଦା ପୂରଣ କରିଥାଏ । ଭକ୍ତମାନେ ଠାକୁର ଦର୍ଶନ କରିବା ସହ ଯାଜ୍ଞ ଓ ନାମ ଯଜ୍ଞ ପରେ ମେଳା ବୁଲିବାର ସୁଯୋଗ ହାତ ଛଡା କରୁନାହାନ୍ତି । ଭକ୍ତ ଓ ଭଗବାନଙ୍କ ମିଳନ ହୋଇଆସୁଥିବାରୁ ସବୁ ସତ୍ୱେ ଯଜ୍ଞ ବା ନାମ ଯଜ୍ଞରେ ଭକ୍ତଙ୍କ ସମାଗମ ଜାରି ରହିଛି । ସହସ୍ରାଧିକ ମହିଳା ସେମାନଙ୍କ ମାନସିକ ପୂରଣ ପାଇଁ ପ୍ରତି ବର୍ଷ ପରି ଚଳିତ ବର୍ଷ ଯଜ୍ଞ କୁଣ୍ଡରେ ନଡିଆ ପକାଇଛନ୍ତି । ବଡ ବଡ ଷ୍ଟଲ, ଦୋଳି, ମୀନା ବଜାର ର ମଜ୍ଜା ଉଠାଉଛନ୍ତି କୁନି କୁନି ପିଲା ମାନେ । ମଠାଧିଶ ବାବାଜୀ କୃଷ୍ଣ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଯଜ୍ଞ ଓ ନାମଯଜ୍ଞ ପ୍ରସାଦ ସେବନ ଚାଲୁଥିବା ବେଳେ ମେଳା କମିଟିର ସମସ୍ତ କର୍ମକର୍ତା ଓ ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୧୮ ତାରିଖ ମହୋତ୍ସବ ଉଦ୍ଘାଟିତ ହେବାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ମେଳା ଓ ମହୋତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନେତୃତ୍ୱରେ କୋରେଇ ଥାନାଧିକାରୀ ସୁମତୀ ମହାନ୍ତି ପ୍ରମୁଖ ସଠିପୁର ଛକ ଠାରୁ ଆରମ୍ଭ କରି ମେଳାର ଚର୍ତପାର୍ଶ୍ୱ ପୁଲିସ ପଇଁତରା ଚାଲୁ ରହିବା ସହ ଅସ୍ଥାୟୀ ପୁଲିସ ବିଟ ହାଉସ ଖୋଲାଯାଇଛି । କୌଣସି ଅଘଟଣ ବା ଅସୁବଧା ହେଲେ ଅସ୍ଥାୟୀ ଶିବିରରେ ପହଂଚିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଭକ୍ତ ଓ ଦର୍ଶକ ମାନଙ୍କୁ ସୂଚନା ପ୍ରଦାନ କରାଯାଉଛି ।

# ଜିଲ୍ଲାସ୍ତରୀୟ ଯୁବ ସମ୍ବିଧାନ ମହୋତ୍ସବ

କନ୍ଧମାଳ, ୧୭/୨ (ନି.ପ୍ର): ଫୁଲବାଣୀ ସହରର ସ୍ଥାନୀୟ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ କାର୍ଯ୍ୟାଳୟ ଠାରେ ଗୁଗୁଲୁ ମିଟ ମାଧ୍ୟମରେ ଜିଲ୍ଲା ସ୍ତରୀୟ ଯୁବ ସମ୍ବିଧାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯକ୍ରମକୁ ମୁଖ୍ୟ ଅତିଥି ଭାବରେ ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡିଶାର ସହାୟକ ଅଧିକାରୀ ରୋହିତ ନନ୍ଦେଶ୍ୱର୍ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ପି ଏ ଆଇ ଟି ଡି ଏ ଅଧିକାରୀ ପ୍ରବୀଣ କୁମାର ବାଣୁଆ, ନେହେରୁ ଯୁବ କେନ୍ଦ୍ର ଭଦ୍ରକ ର ଜିଲ୍ଲା ଯୁବ ଅଧିକାରୀ ଏ ମ ଭିଗ୍ନେସ, ବାଲେଶ୍ୱର ନେହେରୁ ଯୁବ କେନ୍ଦ୍ର ଅଧିକାରୀ ରମେଶ କାପୂର୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯକ୍ରମରେ ଭଦ୍ରକ, ଅନୁଗୋଳ, ବାଲେଶ୍ୱର ଏବଂ ମୟୂରଭଞ୍ଜ ପ୍ରତ୍ୟେକ ଜିଲ୍ଲା ର ଦସ ଜଣ ଲେଖକ୍ଷ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ କ୍ଷ ବିଚାରକ ଭାବରେ ଡ଼ ଅନନ୍ତ ଚରଣ ମିଶ୍ର, ପ୍ରଫେସର ପ୍ରସନ୍ନ ବିଶୋଇ, ପ୍ରଫେସର ବିରାଜ ମୋହନ ରଥ, ରବିନ୍ଦ୍ର ନାଥ ମିଶ୍ର, ନବ କିଶୋର ରଥ ପ୍ରମୁଖ ରହି ପ୍ରତିଯୋଗୀ ମାନଙ୍କୁ ପ୍ରତ୍ୟେକ ଜିଲ୍ଲା ରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ପାଇଁ ଚୟନ କରିଥିଲେ । ଏହି କାର୍ଯ୍ୟକ୍ରମଟି ଜିଲ୍ଲା , ରାଜ୍ୟ ଓ ଜାତୀୟ ସ୍ତରୀୟ କାର୍ଯ କ୍ରମ ହେବ ବୋଲି ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ଜିଲ୍ଲା ଯୁବ ଅଧିକାରୀ ନଭନିତ କୁମାର୍ ଅବଗତ କରିଥିଲେ। ଏହି କାର୍ଯକ୍ରମର ମୁଖ୍ୟ ବିଷୟ ଥିଲା ଯୁବ ସ୍ୱର୍ - ଜାତିର ପରିବର୍ତନ ପାଇଁ ଜଡ଼ିତ ଏବଂ ସଶକ୍ତିକରଣ ଥିଲା। ବୈଠକରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ଜିଲ୍ଲା ଯୁବ ଅଧିକାରୀ ନଭନିତ କୁମାର୍ ମୁଖ୍ୟ ଅତିଥି ସମ୍ମାନୀତ ଅତିଥି ଓ ଉପସ୍ଥିତ ପ୍ରତିଯୋଗୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସହ କର୍ମୀ ସତ୍ୟବାନ ଦଳବେହେରା ଧନ୍ୟ ବାଦ ଅର୍ପଣ କରି ସଭା ଭଙ୍ଗ କରିଥିଲେ।

# ମୋବାଇଲ ଟାୱାର ସ୍ଥାନାନ୍ତର ପାଇଁ ଦାବି

ଜୟପୁର, ୧୭/୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ ପଂଚାୟତର ସୁନା ନଗର ରେ ମୋବାଇଲ ଟାୱାର ରହିଛି । ଏହାକୁ ସ୍ଥାନାନ୍ତର କରିବା ପାଇଁ ଆଜି ଗ୍ରାମବାସୀ ମାନେ ଏକତ୍ରିତ ହୋଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରିଛନ୍ତି। ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କୁ ଦାବି ପତ୍ର କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସୁନା ନଗରରେ ଗୋଟିଏ ମୋବାଇଲ ଟାୱାର ନିର୍ମାଣ କରାଯାଇଛି । ଏହି ଟାୱାର ନିର୍ମାଣ ହେବା ଯୋଗୁଁ ଗ୍ରାମବାସୀ ମାନେ ବହୁ ପିରମାଣରେ ଅସୁସ୍ଥତା ଅନୁଭବ କରୁଛନ୍ତି । ଟାଓାର ଭାଇବ୍ରେଟ ଦ୍ୱାରା ହାତ ଗୋଡ ଥରୁଛି ଓ ବ୍ୟଥା ମଧ୍ୟ ହେଉଛି । ତେଣୁ ଉକ୍ତ ଟାଓାରକୁ ସେଠାରୁ ହଟାଇ ଅନ୍ୟତ୍ର ସ୍ଥନାନ୍ତର କରିବାକୁ ଅଭି ପରଜାଙ୍କ ସହ ଗ୍ରାମବାସୀ ମାନେ ଅନୁରୋଧ କରିଛନ୍ତି ।

# ଲୋକଙ୍କୁ ଆକୃଷ୍ଟ କରିପାରୁ ନାହିଁ ଭୋଜିଭାତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଚମ୍ପୁଆ, ୧୭/୨ (ନି.ପ୍ର): ଚମ୍ପୁଆ ବ୍ଲକ୍ ର ଅଧିକାଂଶ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ରେ ଜନ ସମାଗମ ହେଉନାହିଁ। ଲୋକଙ୍କୁ ରାଜ୍ୟ ସରକାର ଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରିବା ପାଇଁ ପ୍ରତି ପଂଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆମ ଓଡ଼ିଶା ନବୀନ ଓଡ଼ିଶା ଆୟୋଜିତ ହେଉଛି। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଗୁଡ଼ିକୁ ଲୋକଙ୍କ ପାଖରେ ପହଂଚାଇବାକୁ ଏହି ଭବ୍ୟ କାର୍ଯ୍ୟକ୍ରମ ର ଆୟୋଜନ କରାଯାଉଥିବା ବେଳେ ଯୋଗ ଦେଉଥିବା ଲୋକଙ୍କ ପାଇଁ ଭୋଜିଭାତ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ କରାଯାଉଛି । ଆବଶ୍ୟକ ସ୍ଥଳେ ଲୋକଙ୍କୁ ନେବା ଆଣିବା ପାଇଁ ଗାଡି ର ବ୍ୟବସ୍ଥା କରାଯାଉଥିବା ଦେଖିବାକୁ ମିଳୁଛି। ଖୋଦ ବ୍ଲକ୍ ଉନ୍ନୟନ ଅଧିକାରୀ ଙ୍କ ସହିତ ଶାସକ ଦଳର ନିର୍ବାଚିତ ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଓ ସମ୍ମାନୀତ ଅତିଥି ଭାବେ ଯୋଗ ଦେଉଛନ୍ତି। ଗତ କେଇ ସପ୍ତାହ ଧରି ଚମ୍ପୁଆ ବ୍ଲକ୍ ର ପ୍ରତି ପଂଚାୟତ ରେ ଧାରାବାହିକ ଭାବରେ ଏହି କାର୍ଯ୍ୟକ୍ରମ ଜୋରସୋର ରେ କରାଯାଉଛି। ତେବେ ଅଧିକାଂଶ କାର୍ଯ୍ୟକ୍ରମ ରେ ଆବଶ୍ୟକ ଅନୁସାରେ ଜନ ସମାଗମ୍ ହୋଇ ପାରୁ ନ ଥିବା ସ୍ପଷ୍ଟ ବାରି ହୋଇ ପଡୁଛି। କାର୍ଯ୍ୟକ୍ରମ ରେ ମହିଳାଙ୍କ ପାଇଁ ପଡିଥିବା ଆସନ କିଛି ମାତ୍ରା ରେ ପୂରଣ ରହୁ ଥିବା ବେଳେ ପୁରୁଷ ମାନଙ୍କ ଆସନ ଗୁଡିକ ଖାଲି ରହୁଥିବା ଦେଖିବାକୁ ମିଳୁଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଲୋକଙ୍କୁ ଆଗରୁ ସୂଚନା ଦେବା ସହ ଯେତେ ପ୍ରଚେଷ୍ଟା ସତ୍ୱେ ଲୋକଙ୍କ ସମାଗମ ହୋଇ ପାରୁ ନାହିଁ। ଚମ୍ପୁଆ ବ୍ଲକର ୬ ଟି ଗ୍ରାମ ପଂଚାୟତ ପାଟଣା ନିର୍ବାଚନ ମଣ୍ଡଳୀରେ ଯାଉଥିବା ବେଳେ ୧୬ ଟି ପଂଚାୟତ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ। ତେବେ ଆଜି ରଙ୍ଗାମାଟିଆ ପଂଚାୟତ ରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ରେ ଲୋକଙ୍କ ଅନୁପସ୍ଥିତି ସ୍ପଷ୍ଟ ବାରି ହୋଇ ପଡ଼ିଥିଲା। ଭଣ୍ଡା, କାଳିକାପ୍ରସାଦ, ଜାଲି, ଷଡ଼ଙ୍ଗୀ ଆଦି ପଂଚାୟତ ଗୁଡିକ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟା ରେ ଚଉକି ଗୁଡିକ ଫାଙ୍କା ପଡିଥିବା ଦେଖିବାକୁ ମିଳିଥିଲା। ତେବେ ଆଗକୁ ନିର୍ବାଚନ ଥିବାରୁ ଏହି କାର୍ଯ୍ୟକ୍ରମ ଶାସକ ଦଳର ଏକ ନିର୍ବାଚନୀ ପ୍ରଚାର ବୋଲି ଆକଳନ କରାଯାଉ ଥିବା ବେଳେ ଏହି କାର୍ଯ୍ୟକ୍ରମ ରେ ଲୋକଙ୍କ ଅନାଗ୍ରହ ଶାସକ ଦଳ ପ୍ରତି ଚମ୍ପୁଆ ବ୍ଲକ ରେ ଲୋକଙ୍କ ମଧ୍ୟରେ ବିତୃଷ୍ଣା ବଢୁଥିବା ନେଇ ଆଲୋଚନା ହେଉଛି ।

# ବେଆଇନ ବନ୍ଧୁକ ରଖି ୨ ଗିରଫ

ସମ୍ବଲପୁର , ୧୭/୨ (ନି.ପ୍ର): ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ଯୁଯୁମୁରା ଥାନା ପୋଲିସ ଆଜି ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁଯୁମୁରା ଥାନା ଅନ୍ତର୍ଗତ ଅଧାପୋଡା ଓ ନୂଆ ଅଧାପୋଡା ଗ୍ରାମର ଗିରଫ ଦୁଇ ଅଭିଯୁକ୍ତ ପ୍ରଶାନ୍ତ ଭୋଇ (୩୦) ଓ କାନ୍ତ ଭୋଇ (୨୯) ନିକଟସ୍ଥ ଜଙ୍ଗଲରୁ ଜଙ୍ଗଲୀ ପଶୁ ଓ ପକ୍ଷୀ ଶିକାର କରିବାପାଇଁ ଏହି ବନ୍ଧୁକ ବ୍ୟବହାର କରୁଥିବା ସ୍ୱୀକାର କରିଛନ୍ତି । ପୋଲିସ ଏ ସମ୍ପର୍କରେ ୨୫/୨୪ରେ ପୃଥକ୍ ମାମଲା ରୁଜୁ କରି ବନ୍ଧୁକ ଦୁଇଟି ଜବତ୍ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଫାଇନାନ୍ସ କର୍ମଚାରୀଙ୍କୁ ଋଣ ଖିଲାପି ପରିବାର ପକ୍ଷରୁ ଆକ୍ରମଣ : ଥାନାରେ ଅଭିଯୋଗ

ଧର୍ମଶାଳା, ୧୭/୨ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅଧିନସ୍ଥ ବାଲିଗୁଡା ଗ୍ରାମରେ ଋଣ ଖିଲାପି ପରିବାର ଲୋକଙ୍କ ଆକ୍ରମଣରେ ଜଣେ ମହିଳା ଫାଇନାନ୍ସ କର୍ମଚାରୀ ଆହତ ହୋଇଥିବା ଜଣାପଡିଛି । ଏନେଇ ମହିଳା କର୍ମଚାରୀ ଜଣକ ବ୍ରହ୍ମବରଦା ଥାନାରେ ଏତଲା ଦେଇଥିବା ଜଣାପଡିଛି । ଏଭଳି ମହିଳା ଜଣକ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ବିଭିନ୍ନ ମହଲରୁ ନିନ୍ଦା କରାଯିବା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।ଅଭିଯୋଗ ମୁତାବକ, ଯାଜପୁର ଜିଲା ଚଣ୍ଡିଖୋଲ ସ୍ଥିତ ଏକ ଘରୋଇ ଫାଇନାନ୍ସ କମ୍ପାନୀ ସୂର୍ଯ୍ୟୋଦୟ ଫାଇନାନ୍ସରୁ ବ୍ରହ୍ମବରଦା ଥାନା ମଙ୍ଗରାଜପୁର ପଂଚାୟତସ୍ଥ ବାଲିଗୁଡା ଗ୍ରାମର ରଂଜନ ମଲ୍ଲିକଙ୍କ ପରିବାର ୨ ବର୍ଷ ତଳେ ଋଣ ଆଣିଥିଲେ । ଫଳରେ ଋଣ ଟଙ୍କା ପରିଶୋଧ ନ କରି କମ୍ପାନୀକୁ ବିଭିନ୍ନ ବାହାନା ଦେଖାଇ ଆସୁଥିଲେ । ତେବେ କମ୍ପାନୀର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଚାପରେ ଆଜି ମଧ୍ୟାହ୍ନରେ କମ୍ପାନୀର ମହିଳା କର୍ମଚାରୀ ରିହାନା ଖାତୁନ ବାଲିଗୁଡା ଗ୍ରାମକୁ ଯାଇଥିଲେ । କର୍ମଚାରୀ ଜଣକ ଗ୍ରାମର ରଂଜନଙ୍କ ପରିବାର ସହିତ ଆଲୋଚନା କରିଥିଲେ । ଫଳରେ ପରିବାର ଲୋକେ ଉତ୍ୟକ୍ତ ହୋଇ ରିହାନାଙ୍କୁ ଏକ ପ୍ଲାଷ୍ଟିକ ଚେୟାରରେ ତିନି ଜଣ ମାଡ ମାରି ଥିଲେ । ଏହାକୁ ସ୍ଥାନୀୟ ଅଂଚଳର ମହିଳାମାନେ ଦେଖି ସେମାନଙ୍କ କବଳରୁ ରିହାନାଙ୍କୁ ଉଦ୍ଧାର କରିଥିଲେ । ଏନେଇ ରିହାନା ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଛନ୍ତି । ତେବେ ଅଂଚଳରେ ଜଣେ ମହିଳା କର୍ମଚାରୀଙ୍କୁ ସମ୍ମାନ ନ ଦେଇ ଅମାନୁଷିକ ଭାବେ ମାଡ ମାରିବା ଘଟଣାକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯିବା ସହିତ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ତେବେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରା ନ ଗଲେ କମ୍ପାନୀର ସମସ୍ତ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

# ବଳଦେବ ଉଚ୍ଚ ବିଦ୍ୟାଳୟରେ ଏନର୍ଜି କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୭/୨ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ବଳଦେବ ଉଚ୍ଚ ବିଦ୍ୟାଳୟରେ ଏନର୍ଜି କ୍ଲବର ପାଠଚକ୍ର ଓ ବାର୍ଷିକ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପୋଷ୍ଟର ମେକିଂ, ତର୍କ, ରଚନା ଲିଖନ ଇତ୍ୟାଦି ଶକ୍ତି ସଂରକ୍ଷଣ ଓ ଆମ ଭବିଷ୍ୟତ ବିଷ୍ୟ ଉପରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଶକ୍ତି ସଂରକ୍ଷଣ ଉପରେ ପଦଯାତ୍ରା ତଥା ସଚେତନତା ଶୋଭାଯାତ୍ରା ହୋଇଥିଲା । ଆୟୋଜିତ ସଭାରେ ସରସ୍ୱତୀ ଶିଶୁ ମନ୍ଦିରର ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ସଂଜୟ କୁମାର ସାମଲ ଯୋଗ ଦେଇ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ ଶକ୍ତି ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୮ ଫେବୃଆରୀ ୨୦୨୪
email : rabibarachayan2015@gmail.com



## ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା



‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୩୯
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଧୀରେଧୀରେ ପାଦ ଚଳି ଚଳିଛନ୍ତି ଅଯୋଧ୍ୟାର ଆଗାମୀ ଦିନର ରାଜ ସିଂହାସନକୁ ମଣ୍ଡନ କରିବାକୁ ଥିବା ମହାରାଜ ଦଶରଥଙ୍କ ଜ୍ୟେଷ୍ଠପୁତ୍ର । ତାଙ୍କ ପଛକୁ ମୁଁ ମୋ ପଛରେ ଅନୁଜ ଲକ୍ଷ୍ମଣ ।

ହା’ ରାମ ହା’ ରାମ କହି ଅଯୋଧ୍ୟାବାସୀ ଆମ ଉପରକୁ ପୁଷ୍ପ ଚନ୍ଦନ ଫିଙ୍ଗୁଥାନ୍ତି । ମୋ ଚକ୍ଷୁରୁ ଅଶ୍ରୁଜଳ ଠପ୍‌ଠପ୍ ହୋଇ ଖସି ପଡୁଥାଏ । ପିତାଗୃହରୁ ବିଦାୟ ନେଇ ଆସି ଅଯୋଧ୍ୟାରେ ପାଦ ଦେବା ବେଳେ ମୁଁ ଶପଥ କରିଥିଲି, ସାରାଜୀବନ ଏଠାରେ ରହି ଶାଶୁ, ଶଶୁର, ସ୍ୱାମୀ, ଦିଅରଙ୍କ ସେବାକରି ଏକ ଆଦର୍ଶ ବଧୂର ଜୀବନ ନେଇ ବଞ୍ଚିବି । ବିଧାତା ତାହା କରାଇ ଦେଲେ ନାହିଁ । ଆନନ୍ଦର ଜୁଆର ମାଡ଼ି ଆସୁଆସୁ ସହସା ଯେ ଭଟ୍ଟା ପଡ଼ିଯିବ ତାହା କାହାକୁ ଜଣାନଥିଲା । ଚାଲୁଚାଲୁ ପଛକୁ ଅନାଇ ଦେଖେ ତ ମୋର ଶାଶୁ ତିନିଜଣ ଯାକ ଅଶ୍ରୁଳ ନୟନରେ ଆମ ପଛେପଛେ ଆସୁଛନ୍ତି । ମନେମନେ ମୁଁ ମୋ ଶଶୁରଙ୍କୁ ଖୋଜୁଥାଏ । ସେ କିନ୍ତୁ ନଥା’ନ୍ତି । ତାଙ୍କ ପ୍ରିୟ ପୁତ୍ରର ବନଯାତ୍ରା କାଳରେ ସେ ନିଜକୁ ସମ୍ଭାଳି ନପାରି ଚେତାଶୂନ୍ୟ ହୋଇ ରାଜ ଦରବାରରେ ପଡ଼ି ରହିଥିବେ ନିଶ୍ଚୟ ।

ଚାହୁଁଚାହୁଁ କେତେ ସମୟ ଭିତରେ ଆମେ ରାଜବାଟୀରୁ ବାହାରି ଆସି ଅଯୋଧ୍ୟାର ରାଜଦାଣ୍ଡରେ ପାଦ ଦେଲୁ ।

ରାଜଦାଣ୍ଡର ବେନିପାର୍ଶ୍ୱରେ ଛିଡ଼ା ହୋଇ ଅଶ୍ରୁ ଅଞ୍ଜଳିରେ ଆମକୁ ବିଦାୟ ଦେଉଥା’ନ୍ତି ଅଯୋଧ୍ୟାର ନରନାରୀ । ସଭିଙ୍କ ମୁଖରେ ମୋ ଶାଶୁ କୈକେୟୀଙ୍କ ପାଇଁ ଅଭିଶାପ । ମୋ ସ୍ୱାମୀ ଯୋଡ଼ହସ୍ତ ହୋଇ ସମସ୍ତଙ୍କୁ ପ୍ରଣାମ ଜଣାଇ ରାଜଦାଣ୍ଡରେ ଆଗେଇ ଚାଲିଥା’ନ୍ତି । ମୁଁ ମଧ ହସ୍ତଯୋଡ଼ି ସଭିଙ୍କୁ ପ୍ରଣାମ ଜଣାଉ ଥାଏ । ଶେଷରେ ଆମେ ଆସି ଅଯୋଧ୍ୟା ରାଜଦାଣ୍ଡର ଶେଷରେ ପହଞ୍ଚିଥିଲୁ । ମୋ ସ୍ୱାମୀ ସମସ୍ତଙ୍କୁ ବିଦାୟ ଜଣାଇ ଆଗକୁ ବାଟ କାଟନ୍ତେ, କିଛି ଅଯୋଧ୍ୟାବାସୀ ଅଳି କଲେ ସେମାନେ ଆମ ସହିତ କିଛିବାଟ ଯାଇ, ଆଜି ରାତିକ ଆମ ସାଂଗରେ ରହି କାଲି ପ୍ରଭାତରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିବେ।

ସେମାନଙ୍କ ମନର ସରାଗକୁ ନଭାଂଗି ମୋ ସ୍ୱାମୀ ତାଙ୍କୁ ଆମ ସହିତ ଯିବାପାଇଁ ଆଦେଶ ଦିଅନ୍ତେ, ଅନେକ ଅଯୋଧ୍ୟାବାସୀ ମୋ ସ୍ୱାମୀଙ୍କ ନାମରେ ଜୟଧ୍ୱନି ଦେଇ ଆମ ସହିତ ଚାଲିବାକୁ ଲାଗିଥିଲେ ।

ଅନେକ ପଥ ଅତିକ୍ରମ କଲାପରେ ଆମେ ଅଯୋଧ୍ୟା ରାଜ୍ୟ ସୀମା ଅତିକ୍ରମ କରିଥିଲୁ । ପଥ ଚାଲିଚାଲି ପାଦ ମୋର ଅବଶ ହୋଇ ପଡୁଥିଲେ ବି ମୁଁ ଯନ୍ତ୍ରଣାକୁ ଅନ୍ତର ମଧ୍ୟରେ ଚପିରଖି ସ୍ୱାମୀଙ୍କ ପାଦ ସହ ପାଦ ମିଳାଇ ଚାଲୁଥାଏ । ମୋର ଅନ୍ତରର ବ୍ୟଥାକୁ ପଛରେ ଥାଇ ଲକ୍ଷ୍ମଣ ଅନୁଭବ କରିପାରି କହିଥିଲେ ଭାଇ, ଦିନଯାକ ଚାଲିଚାଲି ପାଦ ମୋର ଥକିଗଲାଣି । ଦିବସ ଯାଇ ସନ୍ଧ୍ୟା ହେବାକୁ ବସିଲାଣି । ଏବେ ଆମେ ଏଠାରେ ବିଶ୍ରାମ ନେବା ।

ଲକ୍ଷ୍ମଣ କଥା ଶୁଣି ସେ ଅଟକି ଯାଇଥିଲେ।

ସେତେବେଳକୁ ଆମେ ଏକ ସୁନ୍ଦର ବନାନୀରେ ପ୍ରବେଶ କରି ସାରିଥାଉ । ଅଳ୍ପଦୂରରେ ସୁନ୍ଦର ପାହାଡ଼ଟିଏ । ଝରଣାଟିଏ କୁଳୁକୁଳୁ ନାଦ କରି ବହି ଯାଉଥାଏ । ସନ୍ଧ୍ୟା ଆଗମ ଜାଣି ନୀଡ଼ଫେରା ପକ୍ଷୀମାନେ ମଧୁର କାକଳିରେ ବନଭୂମିକୁ ଅତ୍ୟନ୍ତ ମଧୁର କରି ତୋଳୁଥାନ୍ତି । ମନ୍ଦମନ୍ଦ ପବନର ପ୍ରବାହ ପରିବେଶକୁ ମଧୁରରୁ ମଧୁରତର କରି ତୋଳୁଥାଏ । ବନପୁଷ୍ପର ସୁବାସ, ମୃଦୁମନ୍ଦ ପବନର ସଞ୍ଚାର, ପକ୍ଷୀମାନଙ୍କର ଗୁଞ୍ଜନ ମୋ ଦେହରେ ଯେମିତି ଚନ୍ଦନର ପ୍ରଲେପ ବୋଳି ଦେଉଥାଏ । ପଛକୁ ବୁଲି ମୋତେ ଅନାଇ ମୋ ଅନ୍ତରର ବେଦନାକୁ ପଢ଼ି ଦେଇ ମୋ ସ୍ୱାମୀ କହିଥିଲେ, ସୀତେ ! ଏତେ ସୁନ୍ଦର ବନଭୂମି, ଏହାର ପାରିପାର୍ଶ୍ୱିକ ପରିସ୍ଥିତି ଅତ୍ୟନ୍ତ ଲୋଭନୀୟ। ଆଜି ଆମେ ଏହିଠାରେ ରାତ୍ରିଯାପନ କରିବା।

ତାଙ୍କ ତୁଣ୍ଡରୁ କଥା ନସରୁଣୁ ଆମ ସହିତ ଆସିଥିବା ଅଯୋଧ୍ୟାର କିଛି ନାଗରିକ କହିଥିଲେ ଆମେମାନେ ମଧ ଆଜି ରାତିଟି ଏହିଠାରେ କଟାଇଦେବୁ । ତାଙ୍କ କଥା ଶୁଣି ମୋ ସ୍ୱାମୀ କହିଥିଲେ, ଆପଣମାନେ କାହିଁକି ଆମ ପଛରେ ଏତେ ରାସ୍ତା ଆସିଲେ । ଆମେ ତ ଅଯୋଧ୍ୟାର ସୀମା ପାର ହୋଇ ଆସିଲୁଣି । ଏବେ ଆପଣ ମାନେ ବିଦାୟ ନିଅନ୍ତୁ ।

ତାଙ୍କ ତୁଣ୍ଡରୁ ଭାଷା ନସରୁଣୁ ସେମାନେ କହିଥିଲେ, ଆମ ରାଜପୁତ୍ରଙ୍କୁ ବିଦାୟ ଦେବାପାଇଁ ଆମେ ଏତେ ରାସ୍ତା ଆସିଛୁ । ଏବେ ସନ୍ଧ୍ୟା ମାଡ଼ି ଆସିଲାଣି । ଆମେ ଆଉ ଅଯୋଧ୍ୟା ଫେରି ପାରିବୁ ନାହିଁ । ଆଜିରାତିକ ଏଠାରେ ରହି କାଲି ପ୍ରଭାତରୁ ଆମେ ବିଦାୟ ନେଇଯିବୁ ।

ମୋ ସ୍ୱାମୀ ଆଉ ତାଙ୍କୁ ଫେରିଯିବାକୁ କହିଲେ ନାହିଁ । ସେମାନେ ସମସ୍ତେ ଆମ ସହ ସେଠାରେ ରାତ୍ରିଯାପନ କରିଥିଲେ । ତାଙ୍କ ପ୍ରିୟ ରାଜକୁମାରଙ୍କ ପାଇଁ ଆଣିଥିବା ଖାଦ୍ୟ ସବୁ ଆମକୁ ପରଷି ଦେଇଥିଲେ । ଆମ ସହ ବସି ସେମାନେ ଆନନ୍ଦରେ ରାତ୍ରିଭୋଜନ ସାରି ବିଶ୍ରାମ ନେଇଥିଲେ ।

ଜନକ ରାଜାଙ୍କ କନ୍ୟା, ଅଯୋଧ୍ୟାର ରାଜବଧୂ, ତୂଳିତଳ୍ପ ଶଯ୍ୟା ତ୍ୟାଗକରି ପ୍ରଥମଥର ପାଇଁ ଏକ ବୃକ୍ଷମୂଳରେ ସ୍ୱାମୀଙ୍କ କୋଳରେ ମସ୍ତକ ରଖି ଶୟନ କଲା ।

ଆଃ କି ଶାନ୍ତି, କି ତୃପ୍ତି, କି ଆନନ୍ଦ ସେ କଥାକୁ ମୁଁ ଭାଷାରେ ବର୍ଣ୍ଣିପାରିବି ନାହିଁ ସଖୀ । ଅଯୋଧ୍ୟାର ପ୍ରଜାକୁଳ ପାନ ଭୋଜନ ଶେଷକରି ଶୋଇପଡ଼ିବା ପରେ ମୁଁ ମଧ ଲୁଗାକାନି ପାତି ଏକ ବୃକ୍ଷମୂଳରେ ବିଶ୍ରାମ ନେଇଥିଲି । କିଛିସମୟ ପରେ ମୋ ସ୍ୱାମୀ ଆସି ମୋ ମସ୍ତକରେ ଆଲୁଳାୟିତ କେଶରେ ତାଙ୍କ ହସ୍ତର ଅଙ୍ଗୁଳି ଚାଳନା କରି କହିଥିଲେ, ସୀତେ ! ମୋ ପାଇଁ ତୁମେ ଆଜି କେତେ ଲାଞ୍ଛନା ଭୋଗୁଛ । ଏଇ ତ ଆରମ୍ଭ ମାତ୍ର । ଦୀର୍ଘ ଚଉଦବର୍ଷ କାଳ ଆମକୁ ଏମିତି ଅରଣ୍ୟରେ ବିତାଇବାକୁ ପଡ଼ିବ। ଏତେ ଦୁଃଖ ଏତେ ଯାତନା ବିହି କାହିଁକି ତୁମ କପାଳରେ ଲେଖିଥିଲା । ମୁଁ ତୁମର ଅଯୋଗ୍ୟ ସ୍ୱାମୀ ପ୍ରିୟେ ।

ତାଙ୍କ ତୁଣ୍ଡର ଭାଷାକୁ ରୋକି ଦେଇ ମୁଁ କହିଥିଲି, ଛି ସ୍ୱାମୀ ! ଆପଣ ଏ କ’ଣ କହୁଛନ୍ତି। ବେଦୀରେ ହସ୍ତଗ୍ରନ୍ଥି ପଡ଼ିବାବେଳେ ଆମେ ପରା ଶପଥ ନେଇଛେ ଧର୍ମ, କର୍ମ, ସୁଖ, ଦୁଃଖ ସବୁଥିରେ ସମଭାଗୀ ହେବା । ଆଜି ଆପଣଙ୍କ ଦୁଃଖ ବେଳରେ ମୁଁ ସହଗାମିନୀ, ସହଭାବିନୀ ନହେଲେ, ସହଧର୍ମିଣୀ ହେବି କେମିତି ?

ଯଥାର୍ଥରେ ତୁମେ ବିଦୂଷୀ ସୀତେ ! ତୁମେ ସାଥୀରେ ଥିଲେ ଏ ବନବାସର ଦୁଃଖ ମୋତେ ତିଳେ ହେଲେ ବି ବାଧିବ ନାହିଁ । ଏହାକହି ସେ ମୋ ମସ୍ତକକୁ ନେଇ ତାଙ୍କ କୋଳ ଉପରେ ରଖି ସ୍ନେହର ମଧୁ ଝରାଇବାବେଳେ, ମୁଁ ଅନୁଭବ କଲି ତାଙ୍କ ଚକ୍ଷୁରୁ ଧାରଧାର ଲୋତକ ଖସି ମୋ ଗଣ୍ଡଦେଶକୁ ଭିଜାଇ ଦେଉଛି । ସହସା ମୁଁ ଉଠିପଡ଼ି ତାଙ୍କୁ କୋଳେଇ ନେଇ କହିଥିଲି ସ୍ୱାମୀ ! ମୋତେ ଏତେକଥା ବୁଝାଇ ଦେଉଥିବାବେଳେ ଆପଣଙ୍କ ଚକ୍ଷୁରେ ଏତେ ଅଶ୍ରୁ କାହିଁକି ? ପିତୃସତ୍ୟ ପାଳନ କରିବାପାଇଁ ଯିଏ ଚଉଦବର୍ଷର ବନବାସକୁ ହସିହସି ବରଣ କରି ନେଇଛନ୍ତି, ତାଙ୍କ ଚକ୍ଷୁରେ ଏ ଅଶ୍ରୁ ଶୋଭାପାଏନା । ଏତକ କହି ପଣତକାନିରେ ତାଙ୍କ ଚକ୍ଷୁରୁ ଅଶ୍ରୁପୋଛି ଦେଉଥିବାବେଳେ, ସେ କହିଥିଲେ, ଏ ଅଶ୍ରୁ ମୋର ଦୁଃଖରେ ନୁହେଁ ସୀତେ ଏ ଯେ ମୋର ଆନନ୍ଦର ଅଶ୍ରୁ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ରାଜନୀତି ଅଙ୍କ

ସୁବ୍ରତ ପଟ୍ଟନାୟକ




କାର୍ତ୍ତିକ ପୂର୍ଣ୍ଣିମାରେ ବିଜେଡ଼ିରେ ମିଶିଲେ କାର୍ତ୍ତିକ। ଆମେ ପାଣ୍ଡିଆନଙ୍କ କଥା କହୁଚେ। ବରିଷ୍ଠ ଆଇଏଏସ ଭି. କାର୍ତ୍ତିକେୟନ ପାଣ୍ଡିଆନ। ବୟସ ମାତ୍ର -୪୯ । ଘର-ତାମିଲନାଡୁ ମଦୁରାଇ ଜିଲ୍ଲା ମେଲୁର ଗାଁରେ। ପିଲାବେଳର ସଉକ୍ ଫୁଟବଲ୍। ଫୁଟବଲ ଖେଳାଳୀ ଭାବେ ତାଙ୍କର ଅନେକ ସୁନାମ। ୨୦୦୦ ମସିହାରେ ସେ ହେଲେ ଆଇଏଏସ, ପଂଜାବ କ୍ୟାଡରର। ଓଡ଼ିଶା କ୍ୟାଡର ଆଇଏଏସ ଅଫିସର ସୁଜାତା ରାଉତଙ୍କୁ ବିବାହ ପରେ ଓଡ଼ିଶା କ୍ୟାଡରକୁ ହେଲା ବଦଳ। ୨୦୦୨ ମସିହାରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ଉପଜିଲ୍ଲାପାଳ ଭାବେ ଚାକିରୀ ଆରମ୍ଭ। ୨୦୦୫ରେ ମୟୂରଭଂଜ ଓ ୨୦୦୭ରେ ଗଞ୍ଜାମ ଜିଲ୍ଲାପାଳ। ୨୦୧୧ ମସିହାରେ ସେ ହେଲେ ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ। ୨୦୧୯ ବିଧାନସଭା ନିର୍ବାଚନ ପରେ ସେ ହେଲେ ୫ଟି ସଚିବ। ତାଙ୍କୁ ମିଳିଲା କ୍ୟାବିନେଟ ମନ୍ତ୍ରୀ ପାହ୍ୟା। ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଶ୍ରଦ୍ଧାରେ ଡାକନ୍ତି-କାର୍ତ୍ତିକ। ୨୦୨୩ ରେ ସେ ସ୍ୱେଚ୍ଛାକୃତ ଅବସର ନେଇ ମିଶିଛନ୍ତି ବିଜେଡ଼ିରେ। ବର୍ତ୍ତମାନ ବ୍ୟାଚେଲର ମୁଖ୍ୟମନ୍ତ୍ରୀଙ୍କ ଗେହ୍ଲାପୁଅ ଓ ବିଜେଡ଼ିର ମୁଖ୍ୟ ମଙ୍ଗୁଆଳ।

ପଛକଥା ଟିକେ ଦୋହରାଇବା। ୨୦୦୦ ମସିହାରୁ ବ୍ୟାଚେଲର ନବୀନ ପଟ୍ଟନାୟକ ହୋଇଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଦୀର୍ଘ ଚବିଶ ବର୍ଷ ଧରି ଚାଲିଛି ତାଙ୍କର ନିରବଚ୍ଛିନ୍ନ ଶାସନ। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଥିଲା ବିଜେଡ଼ି-ବିଜେପି ମେଣ୍ଟ ସରକାର। ୨୦୦୯ ବିଧାନସଭା ନିର୍ବାଚନରେ ଭାଙ୍ଗିଲା ମେଂଟ। ବିଜେଡ଼ି ଏକାକୀ ନିର୍ବାଚନ ଲଢ଼ି କଲା ବାଜିମାତ୍। ପ୍ରାୟ ବାର ବର୍ଷ ଧରି ଶାସନର ଲଗାମ ଧରିଥିଲେ ଆଇଏଏସ ଅଫିସର ପ୍ୟାରୀ ମୋହନ ମହାପାତ୍ର। ପୁରସ୍କାର ସ୍ୱରୂପ ତାଙ୍କୁ କରାଯାଇଥିଲା ବିଜେଡ଼ିର ରାଜ୍ୟସଭା ସଦସ୍ୟ। ପରେ ତାଙ୍କର ମାତ୍ରାଧିକ ଅଭିଳାଷ ପାଇଁ ତାଙ୍କୁ ଦଳରୁ କରାଯାଇଥିଲା ବହିଷ୍କାର। ସେ ନିଜର ଏକ ରାଜନୈତିକ ଦଳ ଗଠନ କରିଥିଲେ ବି ତାହା ଉଧେଇ ପାରିନଥିଲ। ପରେ ତାଙ୍କର ଦେହାନ୍ତ ଘଟିଲା। ପ୍ୟାରୀଙ୍କ ପରେ ପଡ଼ିଛି ପାଣ୍ଡିଆନଙ୍କ ପାଳି। ୨୦୨୪ରେ ହେବ ଲୋକସଭା ଓ ଓଡ଼ିଶା ବିଧାନସଭା ନିର୍ବାଚନ। ଲଗାତାର ଷଷ୍ଠ ଥର କ୍ଷମତାକୁ ଫେରିଲେ ନବୀନ କରିବେ ରେକର୍ଡ। ସେ ହେବେ ଦେଶର ଅଦ୍ୱିତୀୟ ମୁଖ୍ୟମନ୍ତ୍ରୀ। ପାଣ୍ଡିଆନ ଚାକିରୀ ଛାଡ଼ିବା ପରେ ନବୀନଙ୍କ ବ୍ୟକ୍ତିଗତ ସଚିବ ପଦ ଫାଙ୍କା। ସେଥିରେ ସେ କାହାକୁ ରଖିବେ ନା ନରଖିବେ ତାହା ତାଙ୍କ ମର୍ଜି। ପାଣ୍ଡିଆନଙ୍କୁ ହଠାତ୍ କୌଣସି ଆନୁଷ୍ଠାନିକ ଭାବେ ଦାୟିତ୍ୱ ଦିଆଯାଇନାହିଁ। ମାତ୍ର ସେ ଯେ ଦଳର ସର୍ବେସର୍ବା, ଏକଥା କାହାକୁ ଅଛପା ନାହିଁ। ୫ଟି ସଚିବ ଭାବେ ସେ ସାରା ଓଡ଼ିଶା ଗସ୍ତ କରିବା ସମୟରେ ଏ ଚିତ୍ର ପ୍ରମାଣିତ ହୋଇସାରିଛି। ଦଳରେ ଆନୁଷ୍ଠାନିକ ଭାବେ ସାମିଲ ହେବା ଆଗରୁ ସରିଛି ତାଙ୍କର ପ୍ରଚାର ଓ ପ୍ରସାର। କେବଳ ଦଳୀୟ ରାଜନେତା ନୁହନ୍ତି, ସରକାରୀ ଅଧିକାରୀଗଣ ଏ ବାବଦରେ ଯଥେଷ୍ଟ ଅବଗତ। ଖଣି ମାଲିକ, ଶିଳ୍ପପତି, ବ୍ୟବସାୟୀ, ଠିକାଦାର ସମସ୍ତେ ଜାଣିଛନ୍ତି ପାଣ୍ଡିଆନଙ୍କ ପରାକ୍ରମ। ତାଙ୍କର ଖାସ୍ ଲୋକ ସାଜିବା ପାଇଁ ଚାଲିଛି କସରତ୍। ପିନାକୀ ମିଶ୍ର, ବିକ୍ରମ କେଶରୀ ଆରୁଖ, ଉଷା ଦେବୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାସ, ଅରୁଣ ସାହୁ, ସଂଜୟ ଦାସବର୍ମା, ମାନସ ମଙ୍ଗରାଜ ପ୍ରମୁଖ କସରତ୍‌ରେ ସାମିଲ। ଦଳର ଅସନ୍ତୁଷ୍ଟ ନେତାଙ୍କୁ ଫେବିକଲ୍ ଅଠା ଦେଇ ଯୋଡ଼ାଯିବ। ଯେମିତି କୌଣସି ଫଟା ଦାଗ ନଦିଶେ। ତେବେ ଅସନ୍ତୁଷ୍ଟ ନେତାଙ୍କୁ ପ୍ରାର୍ଥୀ ଟିକେଟ୍ ନମିଳିଲେ, ସେମାନେ ଯେ ତୁନି ହୋଇ ବସିବେ, ସେମିତି କିଛି ଗ୍ୟାରେଣ୍ଟି ନାହିଁ। ଯେଉଁମାନଙ୍କୁ ଦଳରୁ ତଣ୍ଟିଆ ଦିଆଯିବ, ସେମାନେ ବି ବିରୋଧୀ ଦଳକୁ ଡିଆଁ ମାରିବାକୁ ଲାଗି ପଡ଼ିବେ। ଆମେ ଜାଣିବାକୁ ପାଇଛୁ, ପାଣ୍ଡିଆନ୍ ସାରା ଓଡ଼ିଶା ଗସ୍ତ ସମୟରେ ସମ୍ଭାବ୍ୟ ବିଧାୟକ ପ୍ରାର୍ଥୀ ସ୍ଥିର କରିଛନ୍ତି। ବର୍ତ୍ତମାନ ଏହି ପ୍ରାର୍ଥୀ ତାଲିକା ପାଣ୍ଡିଆନଙ୍କ ପକେଟ୍‌ରେ। ଏଥର ଅଧିକାଂଶ ମହିଳାଙ୍କୁ ମିଳିବ ଟିକେଟ। ଯୁବ ପ୍ରାର୍ଥୀଙ୍କୁ ବି ବିଚାର କରାଯାଉଛି। ମାସେ ଦୁଇମାସ ମଧ୍ୟରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହେବ। ଶେଷ ମୁହୂର୍ତ୍ତରେ ଗୋଟେ ଯୋଡ଼େ ଅଦଳବଦଳ ଘଟିପାରେ। ସେ କଥା ଅଲଗା।

ଏବେ ରାଜନୀତିର ଅଙ୍କ କଷାକୁ ଫେରିବା। ଆମେ ଗଣିତରେ ଦୁର୍ବଳ। ତେଣୁ ଅଙ୍କ କଷାରେ ଆମର ଭୁଲ ଭଟକା ହୋଇପାରେ। ପାଠକେ ଆମକୁ କ୍ଷମା ଦେବେ। ପାଣ୍ଡିଆନ୍ ନିଜେ ନିର୍ବାଚନ ଲଢ଼ିବେ ନା ନିର୍ବାଚନରେ କେବଳ ସେନାପତି ସାଜିବେ ? ଗୋଟିଏ କାରଣରୁ ସେ ନିର୍ବାଚନ ଲଢ଼ି ନପାରନ୍ତି। ଲଢ଼ିଲେ, ତାଙ୍କୁ ‘ଅଣ-ଓଡ଼ିଆ’ କହିବାକୁ ବିରୋଧୀ ଦଳଙ୍କୁ ସୁଯୋଗ ମିଳିବ। ପତ୍ନୀ ସୁଜାତାଙ୍କୁ ସେ ନିର୍ବାଚନ ମଇଦାନକୁ ଛାଡ଼ିବେ କି ନା, ତାହା ଏଯାଏ ସ୍ଥିର ହୋଇନାହିଁ। ଦ୍ୱିତୀୟ ସମ୍ଭାବନା ହେଉଛି- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକକାଳୀନ ଦୁଇଟି ବିଧାନସଭା ଆସନରୁ ପ୍ରାର୍ଥୀ କରାଯାଇପାରେ। ଯଦି ସେ ଦୁଇଟି ଯାକ ଆସନରୁ ବିଜୟୀ ହୁଅନ୍ତି, ଗୋଟିଏ ଆସନ ସେ ପାଣ୍ଡିଆନଙ୍କ ପାଇଁ ଛାଡ଼ି ପାରିବେ। ପାଣ୍ଡିଆନଙ୍କ ପାଇଁ ଗଞ୍ଜାମ ଓ ମୟୂରଭଂଜ ଜିଲ୍ଲାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ବିଧାନସଭା ନିର୍ବାଚନରେ ନବୀନ ଯଦି ବାଜିମାତ୍ କରନ୍ତି, ତେବେ ଅସଲ ରିମୋର୍ଟ ରହିବ ପାଣ୍ଡିଆନଙ୍କ ହାତରେ। ବିଜେଡ଼ି କାର୍ଯ୍ୟାଳୟରେ ସୁପ୍ରିମୋଙ୍କ ଚାୟରକୁ ଲାଗି ସଜା ହେଲାଣି ପାଣ୍ଡିଆନଙ୍କ ଚାୟର। ନିର୍ବାଚନ ପରେ ପାଣ୍ଡିଆନଙ୍କୁ କେଉଁ ପଦ ପଦବୀ ମିଳିବ, ତାହା ଦେଖିବାକୁ ରହିଛି ବାକି। ଆଜି ଏତିକି, ବାକି ଆର ଥରକୁ। ଜୟ ଜଗନ୍ନାଥ ।

♥ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...



### ॥ ଗୋଟିଏ ଗୋଟିଏ ଦିନ ॥

ଶିଶିର ନାୟକ

ଗୋଟିଏ ଗୋଟିଏ ଦିନ ଭୟାବହ
ଚିରାଲୁଗା ମେଘ ପରି ଭାସିଯାଏ
ନେଇଯାଏ କିଶୋରୀର ଅବ୍ୟକ୍ତ ଚେତନ ।

ଗୋଟିଏ ଗୋଟିଏ ଦିନ ଅଭ୍ୟସ୍ତ ଓ ମହରଗ
ଚାହୁଁ ଚାହୁଁ ଶୁଖୁଥାଏ ଜହ୍ନିଫୁଲ
କାହାର ବାଁ ହାତ
ଜୀବନ୍ତ ରଖିବ ତାକୁ ଚୈତ୍ରମାସ ତଳେ ।

ଗୋଟିଏ ଗୋଟିଏ ଦିନ ଆପଣାର
କରୁଣ ତର୍ଜମା, ତିକ୍ତ, ନିର୍ଲିପ୍ତ ଓ କାଲି ପରି
ଯଥାଯଥ, ଦୁଃଖଦାୟକ
କବିତାର ଲାଇନ ସବୁ ଶୋଷୁଥାଏ
ଧରାଦିଏ ନାହିଁ ।

ଛାତିସାରା ଅନାବୃଷ୍ଟି ରାତି ଅଧ
ବିହାରୀ ବୁଢ଼ା ମାଲ ପିଇ ଫେରେ
ରେଳଡବା ପରି ଦିନସବୁ ଟାଣୁଥାଏ
ଆଗକୁ ଆଗକୁ
ଶୁଭୁଥାଏ ପାଟିତୁଣ୍ଡ, ଫୁଟୁଥାଏ ଫୁଲ ।

♥ ଘର ନଂ-୧୦୪,
ମଞ୍ଜନାଥ ଭିଲ୍ଲା, ଫେଜ-୨
ବାଲିଅନ୍ତା, ଭୁବନେଶ୍ୱର-୭୫୨୧୦୧
(ମୋ) ୯୯୩୭୪୯୦୬୪୭

### ॥ ଛାତିର ଆକାଶ ॥

ସୁଧାଂଶୁ ଅଶୋକ



ସମ୍ମତି ପ୍ରଦାନ ପରେ ସତରେ
ସବୁକିଛି ଓଲଟ ପାଲଟ ହୋଇଯାଏ ଜୀବନରେ
ସ୍ୱଚ୍ଛନ୍ଦ ତ ସ୍ୱଚ୍ଛନ୍ଦ ନୁହେଁ ସେଠାରେ
କାହା ନାଲି ଆଖିର କଷାଘାତରେ ଲୁହ ଝରେ,
ଆଖି ଲୁହରେ ପଣତ ତିନ୍ତିଲେ ବି
ସେ ପ୍ରାଣ ଭରି ହସେ ।

ଫଳନ୍ତି ପାଦପ ଉପରେ
ଫୋପଡ ମାଡ଼, ଟେକା ପଥର
ଫଳ ଝଡେ,
ଡାଳପତ୍ର ବି ଅସହାୟ ଭାବେ ଭାଙ୍ଗି ପଡେ
ଥୁଣ୍ଟା ଗଛର ସ୍ନେହରେ ପଲ୍ଲବୀ ଉଠେ

ଆତୁର ମୋହର ଉସ
ଝାଡି ଝୁଡ଼ି ହୋଇ
ପୁଣି ଅଣ୍ଟା ସଳଖାଏ ଜୀବନ ।

ବାଟ ଭାଙ୍ଗି
ଫେରି ଯାଉଥିବା ଭିକାରୁଣୀର ଅଣ୍ଟିରେ

ଅଜାଡ଼ି ହୁଏ କିଛି କରୁଣାର ଖୁଦ
କିଛି କ୍ଷୋଭମିଶା ବିରକ୍ତିର ଉଗୁଳା ଶବ୍ଦ,
କିଛି ଶ୍ଳେଷ କିଛି ଅହଂକାର ।

କ୍ଷେତରେ ଲଳନାର କବରୀରୁ ଫୁଲ ଝଡେ
ମୁକୁଳା ବଲ୍ଲରୀ ପବନରେ ଉଡ଼ି ବୁଲେ
ଲହରୁ ଥିବା କାନିର କାନଭାସରେ
ଛବି ଆଙ୍କେ ଚଣ୍ଡ ନାୟକ
ହଳ ବୁଲଉଥିବା କାଳିଆ କସରାମାନେ ବି
ଆନନ୍ଦରେ ହମ୍ବା ହମ୍ବା କରୁଥାନ୍ତି
ସମ୍ମିଳିତ ରାଗରେ ଲଳିତରେ ଉଛୁଳି ଉଠେ
ପହ୍ଲରୁଆର ମେଘୁଆ ମେଘୁଆ ବେଳ,
କାଦୁଅର ଚନ୍ଦନରେ
ମହକି ଉଠେ ନେଳିଆ ଆକାଶ ।

♥ ମହାବୀର ଛକ, ବଡଗାଁ
ସୁନ୍ଦରଗଡ-୭୭୦୦୧୬
(ମୋ) ୭୯୭୮୭୯୫୭୬୬

### ॥ ଏତେ ସହଜରେ ମରେନା ସ୍ତ୍ରୀଲୋକ ॥



ସୁମିତା ବେହେରା

ଯେବେ ଯେବେ ତାକୁ ନେଇ
ଶବ୍ଦରେ ଅପମିଶ୍ରଣ ହୁଏ
ସେବେ ସେବେ ତା ଭିତର
ଆବର୍ଜନାକୁ ସଫା କରି
ବାହାରି ଆସେ ସ୍ତ୍ରୀଲୋକ

ଗୋଟେ କାଟି ହେଉ ନ ଥିବା ପଥର
ଗୋଟେ ଫିଟାଇ ହେଉ ନ ଥିବା
ଛାତି ତଳ ଗୋପନ ଗୁହାର କୋଳପ
ଅବା
ମୁଖରା ସମୁଦ୍ରର ଉତ୍ତୁଙ୍ଗ ଢେଉ ପରି
ତା ବାଟରେ ଥାଏ ସ୍ତ୍ରୀଲୋକ ।

ନିଶାଗ୍ରସ୍ତ ସମୟକୁ କାନିରେ ଗଣ୍ଠେଇ
ଅସାଧକୁ ସାଧିବା ପରି
ତୁଚ୍ଛା ହାତ ପାପୁଲିରେ ଗଢୁଥାଏ
ଏକ ସମ୍ଭାବନାମୟ ପୃଥିବୀ ।

ପ୍ରତିଦିନ ଚୁଲିରେ ବସୁଥିବା
ଚା’ର ବାମ୍ଫ
ତାୱାର ଚଡଚଡ୍ ଶବ୍ଦ
ବେସିନ୍‌ରେ ପରସ୍ପର
ଧକ୍କା ଖାଉଥିବା ବାସନ ପରି
ସେ ଟିକିଏ ଟିକିଏ ବାଷ୍ପୀଭୂତ ହୁଏ
ଖଣ୍ଡ ଖଣ୍ଡ ହୁଏ
ଧକ୍କା ଖାଏ
ଆହୁରି ନିଃଶବ୍ଦ ଓହ୍ଲାଇ ଆସେ
ତା ଆଖିରେ
ହେଲେ ବି କେବେ ଖାଲି ହୁଏନା
ତା ମନୋମୟ ଓଠରେ ଅସ୍ପଷ୍ଟ କବିତା।

ତା ଟିକିଏ ଭଲପାଇବା ଉପରେ
ଚିରକାଳ ଦୃଷ୍ଟି ପୁରୁଷର
ତା ନ ହାରିବା ଧାପେ ନିଆଁରେ
ପୋଡି ମରିଯାଏ ଅହଂକାର

ହେମନ୍ତର ବାସିପତ୍ର ପରି
କେଉଁ ପରିତ୍ୟକ୍ତ ଚଟାଣରେ ନୁହେଁ
କ୍ୟାଲେଣ୍ଡରର ନୂଆ ପୃଷ୍ଠାପରି
ନୂଆ ରୂପରେ ଜନ୍ମ ନେଉଥାଏ ସ୍ତ୍ରୀଲୋକ
କାରଣ ଏତେ ସହଜରେ ଦାବଦାହରେ
ମରେନା ସ୍ତ୍ରୀଲୋକ ।

♥ ବାରିପଦା
ମୋ:୬୩୭୨୮୫୬୯୯୪

### ॥ ଗୀତ ॥

ସୁକାନ୍ତି ନନ୍ଦ



ଧିମା ଧିମା ଗୀତର ସ୍ୱର କି ଲୟ ହେଉ
ଲାଲ୍ ଟୁକ୍ ଟୁକ୍ ଓଠରେ
ସମୟେ ସମୟେ ପହଁରି ଆସେ ଶୀତ,
କେହି ଶୁଣୁକି ନଶୁଣୁ
ବୁଝୁକି ନବୁଝୁ
ନିଜେ ନିଜର ଛାତି ଫୁଲେଇ
ମନ ଛୁଇଁଲା ଭଳି ବସିଯାଏ ମିତ ।

ଖୁବ୍ ପାଖାପାଖି
ଛିଡା ହୋଇଛି ମୋ ନରମି ମନ,
କିଏ ଦେଖେ ତ କିଏ ଲେଖେ
କଳ୍ପନା ଜଳ୍ପନାକୁ ନେଇ
ଶୁଣାଯାଏ ସ୍ୱର ଓ ଶବ୍ଦର
ଚୁପି ଚୁପି ଗୁଞ୍ଜନ ।

ପାହାଡି ଝରଣା କି ସମୁଦ୍ର ଲହରୀ
ଚମକେଇ ଦିଏ କୂଳ ଉଚ୍ଛଳ ଶବ୍ଦ
ଏ ସବୁର ଚମକ କଣ ଦିନକିଆ
ମାସ ବର୍ଷର ଶିଉଳି ତ ଅସମାପ୍ତ
ଗୀତ ସେ ସିନା ସୀମାବଦ୍ଧ
ଦୁଇଟି ଅକ୍ଷରରେ
ହେଲେ ତା ସ୍ଥାୟିତ୍ୱ
ସାରା ବ୍ରହ୍ମାଣ୍ଡରେ ।

♥ ଗୁଡିଆସାହି, ପୁରୀ
(ମୋ) ୬୩୭୧୭୬୦୧୭୬

### ॥ ପ୍ରେମର ଏକ ପୃଷ୍ଠା ॥

ଐଶ୍ୱର୍ଯ୍ୟା ପ୍ରଧାନ



ଅଦିନିଆ ଝଡ଼ଟେ ଆସି ସବୁ ଧୂଳିସାତ
କରିଦେଲା ପରେ
ଛାତି ଭିତରେ ବାନ୍ଧି ରଖିଥିବା ଗଣ୍ଠିଲି ସବୁ
ଖୋଲି ଅସ୍ତବ୍ୟସ୍ତ ହୋଇଯାଏ
ଗୁମୁରି ଗୁମୁରି କାନ୍ଦି ଥକି ପଡ଼ିଥିବା
ସେ ଅମାନିଆ ମନଟା
ହଠାତ୍ ପିଞ୍ଜରାରୁ ବାହାରି ଆସେ
ବର୍ଷ ବର୍ଷର ଭୋକିଲା ବାଘଟେ
ଯେମିତି କହୁଛି ମୁଁ ଯେ ତୃଷିତ !

ଜଳି ଜଳି
ଅର୍ଦ୍ଧଦଗ୍ଧ ପାଲଟିଥିବା ମୋ ହୃଦୟକୁ
ଦେଇ ଦେଇଛି
କେଉଁ ଏକ ଅଗ୍ନିକୁଣ୍ଡରେ ପୂର୍ଣ୍ଣାହୁତି
ଶରୀର ଭିତରର ଏ କଳାଦାଗ ସବୁକୁ ଦିଆ
ହୋଇଛି କଦର୍ଯ୍ୟର ଆଖ୍ୟା
ସତରେ ପ୍ରେମ କ’ଣ
ତିଳ ତିଳ କରି ଜାଳିଦେଇ ପାରେ

ମଣିଷର ଅନ୍ତରାତ୍ମାକୁ !
ହଁ, ପ୍ରେମରେ ହିଁ ମଣିଷ ସଉା ହଜେଇ ଦିଏ
ପାଗଳ ପାଲଟି ଯାଏ ଗୋଟାପଣେ ।

ଛାତି ଚିରି ଝରୁଥିବା ରକ୍ତ
ସବୁ ପାଣିଚିଆ ହୋଇଯାଏ
ଆଲୋକିତ ଜହ୍ନ ରାତି ବି
ଅମାବାସ୍ୟା ପାଲଟିଥାଏ
ସତରେ ପ୍ରେମ
ମଣିଷର ସଂଜ୍ଞା ହଜେଇ ଦିଏ ।

♥ କନ୍ଧେଇମାଳ, ଉକଣ୍ଠା,
କଳାହାଣ୍ଡି
(ମୋ)୭୦୦୮୯୩୧୫୯୯

# ଅଧିକ ପଢନ୍ତୁ, କମ ଲେଖନ୍ତୁ, ଭଲ ଲେଖନ୍ତୁ, ଲେଖି ଚାଲନ୍ତୁ : ପ୍ରେମାନନ୍ଦ ଖଣ୍ଡୁଆଳ

**ପ୍ରେମାନନ୍ଦ ଖଣ୍ଡୁଆଳ,** ଓଡିଆ ସାହିତ୍ୟ ଜଗତରେ ଏକ ପରିଚିତ ନାଁ । ଉଭୟ ଗଳ୍ପ ଓ କବିତା କ୍ଷେତ୍ରରେ ପାରଦର୍ଶିତା ପ୍ରମାଣିତ କରି ଜାରି ରଖିଛନ୍ତି ନିଜର ଜୟଯାତ୍ରା । କବିତାର ଭାବ ତାଙ୍କ ମନୋଭୂମିର ବିଗଳିତ ନିର୍ଯ୍ୟାସ ହେଇଥିବା ବେଳେ ଗଳ୍ପର ଚରିତ୍ରମାନେ ମନେହୁଅନ୍ତି ବେଶ୍ ଆପଣାର । ସମ୍ବେଦନା ତାଙ୍କୁ ଅହରହ କରିଛି ଆନମନା । ନିଷ୍ଠା ଓ ଆନ୍ତରିକତାକୁ ପାଥେୟ କରି ସେ ତିଆରିପାରନ୍ତି ସାହିତ୍ୟର କଳ୍ପଦ୍ରୁମ । ତାଙ୍କ ସହ ଏଥରର ଆଳାପ...



■ ଅକ୍ଷରେ ପ୍ରେମାନନ୍ଦ ଖଣ୍ଡୁଆଳ



ଜନ୍ମ:- ୧୯୬୪
ଜନ୍ମସ୍ଥାନ: ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
(ମୋ) ୯୩୩୭୩୧୩୬୬୫
ପ୍ରକାଶିତ ପୁସ୍ତକ :
୧) ନିରୁଦ୍ଦିଷ୍ଟ ସୂର୍ଯ୍ୟର ଠିକଣା (କବିତା)
୨) ଫୁଟା ଚାଳଘରୁ ଜହ୍ନର ଦୃଶ୍ୟ(କବିତା)
୩) ସାତଭାୟା (କବିତା)
୪) ବିନ୍ଦୁଏ ବ୍ରହ୍ମାଣ୍ଡ (କବିତା)
୫) ବେଳା ବାଉଳା (ଉପନ୍ୟାସିକା)
୬) ଅଜବ ମଣିଷ (ଗପ)

**ସମ୍ପାଦନା** – ପ୍ରଗତିଶୀଳ ଚେତନାର ମହାମିଳନ 'ମୁହାଁଣ' ତ୍ରୈମାସିକ ସାହିତ୍ୟ ପତ୍ରିକା ଓ 'ଦଧୀଚି' ( ପ୍ରଗତିଶୀଳ ସାହିତ୍ୟ, କଳା, ପରିବେଶ ଓ ସାଂସ୍କୃତିକ ସଂଗଠନ)

ପ୍ରସ୍ତୁତି : **ସୈରିନ୍ଧ୍ରୀ ସାହୁ**

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ମୁଁ ଯେତେବେଳେ ଷଷ୍ଠ ଶ୍ରେଣୀରେ ପଢୁଥାଏ ସେତେବେଳେ ପ୍ରାର୍ଥନା ଲେଖିବା ଆରମ୍ଭ କଲି, କାଳେ ସାର ପିଟିବେ ତେଣୁ କାହାକୁ ଦେଖାଉ ନଥିଲି ଲ ରଫ ଖାତାକୁ ଖେଳାଉ ଖେଳାଉ ସେଥିରେ ଲେଖାଥିବା କେତୋଟି ପ୍ରାର୍ଥନାକୁ ସାର ଦେଖିଦେଲେ ଏବଂ ମୋ ପିଠି ଆଉଁସିଦେଇ ଆହୁରି ଲେଖିବାକୁ ଉତ୍ସାହିତ କଲେ ଲ ମୋ ଲେଖା ପାର୍ଥନା ବି ସେହିଦିନଠାରୁ ସ୍କୁଲରେ ପ୍ରାର୍ଥନା କ୍ଲାସରେ ପିଲାମାନେ ବୋଲିଲେ ଲ ରାଜନଗର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ପଢିବା ସମୟରେ କଲେଜ ପତ୍ରିକାରେ ପ୍ରଥମେ ଛାପା ଅକ୍ଷରରେ ମୋ କବିତା ଆସିଲା ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋର ସାରସ୍ୱତ ପ୍ରେରଣା ମୋ ବୁଢ଼ାବାପା (ଜେଜବାପା) ସେ ମୁହେଁ ମୁହେଁ ପଦ ପକେଇ କବିତା, ଢଗ ଗାଇଯାଉଥିଲେ । ମୋ ବାପା ପ୍ରତିଦିନ ସନ୍ଧ୍ୟାରେ ମହାଭାରତ, ରାମାୟଣ ପଢୁଥିଲେ, ସକାଳେ ଗାଧୋଇସାରି ଠାକୁରଙ୍କ ପାଖରେ ଭାଗବତ ପଢୁଥିଲେ । ମୁଁ ବସି ଶୁଣେ ଅନୁପ୍ରାଣିତ ହୁଏ । ମୋ ବୁଢ଼ାବାପା ଓ ବାପା ମୋର ସାରସ୍ୱତ ପ୍ରେରଣା ଏବଂ ଆଦ୍ୟଗୁରୁ ମଧ୍ୟ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କ କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କ ପ୍ରିୟ ଓ କାହିଁକି ?

■■ କଲେଜ ପତ୍ରିକାରେ କବିତାଟି ବାହାରିଲା ପରେ ଅଧ୍ୟାପକ ଓ ସାଙ୍ଗସାଥି ମାନେ ମୋତେ ବହୁତ ପ୍ରଶଂସାକଲେ । ମୁଁ ଖୁସିହେଲି ଓ ବହୁତ ଲେଖିଲି । ଦୁର୍ଗା ପୂଜା ସମୟରେ ସହକାର, ସମାରୋହ ଏବଂ ପ୍ରଗତିବାଦୀ ଖବର କାଗଜକୁ କବିତା ପଠେଇଲି ସେଗୁଡିକ ପ୍ରକାଶିତ ହେଲାପରେ କେତୋଟି ପୋଷ୍ଟକାର୍ଡ ଚିଠି ମୋ ପାଖକୁ ଆସିଲା (ସେତେବେଳେ ମୋବାଇଲ ନଥିଲା) । ମୁଁ ଏତେ ଖୁସି ହୋଇଯାଇଥଲି ଯେ ଏବେ ଭାଷାରେ ବ୍ୟକ୍ତ କରିବା ଅସମ୍ଭବ । ମୋର ବର୍ତ୍ତମାନ ସୁଦ୍ଧା ୬ଟି ପୁସ୍ତକ ପ୍ରକାଶିତ ସବୁ ପୁସ୍ତକ ତ ମୋର ପ୍ରିୟ କିନ୍ତୁ 'ସାତଭାୟା' କବିତା ପୁସ୍ତକ ମୋର ସବୁଠୁ ପ୍ରିୟ କାରଣ ଏଥିରେ ସମୁଦ୍ର ସନ୍ତାସରେ ବ୍ୟତିବ୍ୟସ୍ତ ସାତଭାୟା ମଣିଷ ମାନଙ୍କର ଦୁଃଖ, ଭୟ, ବିସ୍ଥାପନ ଓ ଅତୀତର ସ୍ୱର୍ଣ୍ଣିମ ଦିନ ଗୁଡ଼ିକ ବର୍ଣ୍ଣିତ ହୋଇଛି ତେଣୁ ଏହା ଓଡ଼ିଆ ପାଠକ ମାନଙ୍କର ପ୍ରିୟ ଭାଜନ ହୋଇ ମୋତେ ପ୍ରସିଦ୍ଧି ଦେଇଛି ।

■ ଆପଣ କଥା ଓ କବିତା ଉଭୟରେ ଧୂରୀଣ । ଏମିତି କେମିତି ସମ୍ଭବ ? କଥାର ଗଦ୍ୟଶୀଳତା କବିତାର ଧାରାକୁ ବ୍ୟାହତ କରେନାହିଁ ? କଥା ନା କବିତା କିଏ ଆପଣଙ୍କ ବେଶୀ ପ୍ରିୟ ଓ କେଉଁଥିରେ ଆପଣ ବେଶୀ ସ୍ୱଚ୍ଛନ୍ଦ ?

■■ ମୁଁ କଥା ଓ କବିତା ଉଭୟ ଲେଖେ । କବିତାରେ ଅନେକ ଭାବ ବ୍ୟକ୍ତ କରିବା ମୋ ପାଇଁ ବେଳେ ବେଳେ ଅଡୁଆ ଲାଗେ ତେଣୁ ମୁଁ ଗଳ୍ପର ସାହାରା ନିଏ । କଥାର ଗଦ୍ୟଶୀଳତା କବିତାର ଧାରାକୁ ଆଦୌ ବ୍ୟାହତ କରେନାହିଁ ବରଂ ନିଜକୁ ପ୍ରକାଶିତ କରିବା ପଥକୁ ସୁଗମ କରିଦିଏ । ମୋ ପାଇଁ କବିତା ହିଁ ବେଶୀ ପ୍ରିୟ ଓ କବିତାରେ ମୁଁ ବେଶୀ ସ୍ୱଚ୍ଛନ୍ଦ ।

■ କୁହାଯାଏ ମାତୃଭାଷା ଏବେ ସଂକଟରେ ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାରକରି କରାଯାଇ ପାରିବକି ?

■■ ମାତୃଭାଷା ଏବେ ଆଦୌ ସଂକଟରେ ନାହିଁ ବରଂ ଆନ୍ତର୍ଜାତୀୟ କ୍ଷେତ୍ରରେ ଓଡ଼ିଆ ଭାଷାର ବେଶ ସୁନାମ ଅଛି ।


■ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ସମସ୍ତ ସାହିତ୍ୟିକ ନିଶ୍ଚୟ ଆଶାବାଦୀ । କବିତା ହେଉ ବା ଗଳ୍ପ ବା ସାହିତ୍ୟର ଯେକୌଣସି ବିଭାଗ ଯଦି ସରଳ ଭାବରେ ସାଧାରଣ ଜନଗଣଙ୍କ ମନର ଭାବନାକୁ ବ୍ୟକ୍ତ କରି ପାରିଲା, ମାଟି ମନସ୍କ କରିପାରିଲା ତାହେଲେ ସାଧାରଣ ଲୋକେ ତାହାକୁ ଗ୍ରହଣ କରିବେ ଓ ସାହିତ୍ୟ ସବୁଠି ଆଦର ପାଇ ପାରିବ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ନିଶ୍ଚୟ ଅଛି ଯାହା ଲେଖକକୁ ଅଧିକ ଉତ୍ସାହିତ କରେ, ଲେଖିବାକୁ ଅନୁପ୍ରାଣିତ କରେ । ତା'ମାନେ ନୁହେଁ ଯେ ଲେଖକଟି ପୁରସ୍କୃତ ନହେଲେ ଲେଖି ପାରିବ ନାହିଁ । ଆମେ ଲେଖା ଆରମ୍ଭ କରିବା ସମୟରେ କେବେ କ'ଣ ଚିନ୍ତା କରିଥିଲେ କି ପୁରସ୍କାର ପାଇଁ ଲେଖୁଛୁ ! ଆଜି କାଲି ସ୍ୱାଭିମାନୀ ଭଲ ଲେଖକଟିଏ ପୁରସ୍କାର ପାଇବା କଷ୍ଟକର । ଯିଏ ଧାଇଁଲା, ଯିଏ ଧଇଲା... ସିଏ ପାଇଲା ଏହି ନ୍ୟାୟରେ କିଛି ଦୁର୍ବଳ ସାହିତ୍ୟିକ ବି ପୁରସ୍କାର ହାତେଇବାରେ ପାରଙ୍ଗମ ହେଉଛନ୍ତି । ପୁରସ୍କାର ସିଷ୍ଟମଟି ଏଠି କେବେବି ସ୍ୱଚ୍ଛ ନୁହେଁ । ମୋଟ ଉପରେ ମୁଁ କହିବି ଅଧିକ ପଢନ୍ତୁ, କମ୍ ଲେଖନ୍ତୁ, ଭଲ ଲେଖନ୍ତୁ, ଲେଖି ଚାଲନ୍ତୁ । ପୁରସ୍କାର ଫୁରସ୍କାର କଥା ଆଦୌ ଭାବନ୍ତୁ ନାହିଁ ।

♥



ପତ୍ନୀ ବିଜୟଲକ୍ଷ୍ମୀ, ପୁଅ ବିପ୍ରପ୍ରିୟଙ୍କ ସହିତ ପ୍ରେମାନନ୍ଦ ଖଣ୍ଡୁଆଳ...

---

ଛୋଟ ଗପ

# ଛାଇ ଆଲୋକ

## ପୁଷ୍ପଲତା ମିଶ୍ର





ସକାଳ ହେଲେ ପୁରବୀ ନିଦ ରୁ ଉଠି ରାଧା ମାଧବଙ୍କ ପାଇଁ ଫୁଲ ତୋଳି ଆଣେ, ଫୁଲକୁ ସଜାଇ ସୁନ୍ଦର ମାଳା କରି ରାଧା ମାଧବଙ୍କୁ ପିନ୍ଧାଇ ଦେବା ପାଇଁ ମନ୍ଦିର ବେଢ଼ାରେ ବସି ରହେ। ଥରକୁ ଥର ମନ୍ଦିର ପୂଜକ ଙ୍କୁ ପଚାରେ ନନା ମୋ ଫୁଲ ମାଳ ରାଧା ମାଧବ ପିନ୍ଧିଲେ ନା ! ମନ୍ଦିର ନନା ପୂଜା ବ୍ୟସ୍ତରେ କହନ୍ତି ସେ ପିନ୍ଧିବେ ତୁ ଘରକୁ ଯା......।

କିନ୍ତୁ ମନ ମାନେନି ପୁରବୀର ଅପେକ୍ଷା କରି ଜଗି ବସି ଥାଏ। କଣ ସେ ପାଏ କେଜାଣି ରାଧା ମାଧବଙ୍କ ଗଳାରେ ସେ କରିଥିବା ମାଳାଟିକୁ ଦେଖି ଖୁସି ରେ ନାଚି ନାଚି ଘରକୁ ଚାଲିଯାଏ। ଏଇଟା ପୁରବୀର ଥିଲା ନିତିଦିନିଆ କାମ । ଘରକୁ ଗଲେ ଅନାନ୍ୟ କାମରେ ବ୍ୟସ୍ତ ରୁହେ ପୁରବୀ। କାଳିଆ ବଳିଆଙ୍କୁ କୁଣ୍ଡା ପାଣି ନ ମୋହିଲେ ସେମାନେ ସେଦିନ ହଳ ବି ଭଲରେ କରନ୍ତି ନାହି। ହଳୁଆ ଆସି ବସି ଥିବ ଏହି କଥା ମନେ ପଡ଼ିବାରୁ ତରତର ହେଇ ରାସ୍ତା ର ଘରକୁ ଫେରୁ ଫେରୁ ମୁଣ୍ଡ ବୁଲେଇ ଦେଲା ପୁରବୀର ।

କେମିତି ପଡ଼ି ଯାଇଛି ପୁରବୀ କିଛି ବି ଜାଣି ପାରି ନାହିଁ। ପୁରବୀକୁ ଭଲ ପାଉଥିବା ତାର ମନୋଜ ଭାଇ ତାକୁ ଦେଖି ପାଣି ଛାଟି ତା ପାଖରେ ବସି ରହିଲା ତାର ଚେତା ଫେରିବା ପର୍ଯ୍ୟନ୍ତ। କିଛି ସମୟ ପରେ ପୁରବୀର ଚେତା ଫେରି ଆସିଲାରୁ ଆଶ୍ଚର୍ଯ୍ୟ ହୋଇଗଲା ପୁରବୀ। ଆରେ ମନୋଜ ଭାଇ ତୁମେ ଏଠି ? ମୋର କଣ ହେଇଥିଲା ?

– ନାଇଁଲୋ ପୁର୍ବି ତୁ ପରା ଏଠି ପଡ଼ି ଯାଇଥିଲୁ, ମୁଁ ଦେଖିଲି ବୋଲି ସିନା, ନହେଲେ କଣ ଯେ ତୋ ଅବସ୍ଥା ହେଇ ଥାଆନ୍ତା, ହଉ ଚାଲେ ଚାଲେ ତୋତେ ତୁମ ଘରେ ଛାଡ଼ି ଆସିବି ।ଦେଖିଲୁ କଳା ହାଣ୍ଡିଆ ମେଘ ଘୋଟି ଆସିଲାଣି ଆମେ ଓଦା ହେଇଯିବ।

– ନାଇଁ ମନୋଜ ଭାଇ ତୁମ ସହିତ ମତେ କିଏ ଦେଖିଲେ ବହୁତ ଅସୁବିଧା ହେଇଯିବ। ଆମ ଘର ପର୍ଯ୍ୟନ୍ତ ଯାଅନି ମନୋଜ ଭାଇ, ମୁଁ ଏକା ପଳେଇବି । ତୁମ ସହ ମତେ ମୋ ନୂଆ ମାଆ ଦେଖିଲେ ଘରେ ଅନର୍ଥ କରି ବସିବେ, ମିଛ ସତର ନାଟକରେ ତରଙ୍ଗାୟିତ କରି ବସିବେ ଆମ ପରିବାରକୁ । ପ୍ରେମ ଭୋଗ ର ବିଳାସ ନୁହେଁ ଏହା ତ୍ୟାଗ ସମର୍ପଣ ଓ ସେବାର ପରମ କର୍ତ୍ତବ୍ୟ। ଯାହା ହେଲେ ବି ମୁଁ ତୋତେ ଏକା ଛାଡି ଦେବି ? ପୁଣି ଏ ଅବସ୍ଥାରେ ? ତୋତେ ନେଇ ତୁମ ଘରେ ଛାଡ଼ି ଆସିବି। ଆଉ ଗୋଟେ କଥା ଶୁଣ ପୁରବୀ, ମୁଁ ସହରକୁ ଯାଉଛି ଚାକିରି ଉଦ୍ଦେଶ୍ୟରେ। ମୁଁ ଆସିଲେ ତୋ ସହ ବାହାଘର କଥା ପକ୍କା କରିବି, ସେ ପର୍ଯ୍ୟନ୍ତ ତୋତେ ଅପେକ୍ଷା କରିବାକୁ ପଡ଼ିବ।

ସବୁ ପରେ ବି ଗୋଟେ ଝିଅ ର ଯନ୍ତ୍ରଣା ଅଧିକ, ସାହାସ ବାନ୍ଧି କହିପାରେନି ନିଜର ମନର କଥାକୁ । ସହଜେ ତ ସାବତ ମା, ସେ ବା କାହୁଁ ବୁଝିବ ସାବତ ଝିଅର ମନ କଥା। ଦୁଃଖିନୀ ପୁରବୀ ବାପାଙ୍କ ଠାରୁ ସ୍ନେହ ଶ୍ରଦ୍ଧା ଟିକେ ପାଇବାକୁ କେତେ ଆଗ୍ରହରେ ଚାହିଁ ବସିଥାଏ ପୁରବୀ ! କିନ୍ତୁ ନୂଆ ମାଆ ର କୋପରେ ବାପା ସ୍ନେହ କରିବା ବଦଳରେ ଘର ଘୋଟି ଯାଏ କଳା ବାଦଲ । କେତେ ଜନମର ତାପୋବଳରେ କୋଳେ ଆସେ କନ୍ୟା ରତ୍ନ ଆକାଶକୁ ଛୁଏଁ, ଅନନ୍ୟ ଉଡାଣ କଲେ କୋଟି ଯତ୍ନ କିନ୍ତୁ ଏହା ନଥିଲା ପୁରବୀ ଭାଗ୍ୟରେ।

ବାପା ଓ ନୂଆ ମାଆର କଡା ତାଗିଦ୍ ଯେ ମୋର ଅନ୍ୟତ୍ର ବିବାହ କରି ଦେବାକୁ ବସିଛନ୍ତି। ମନୋଜ ଭାଇ ତୁମେ କେବେ ଆସିବ ଏ

ପୁରବୀକୁ ଅପେକ୍ଷା କରିବା କଷ୍ଟକର ହେଇ ପଡୁଛି। କେବେ ଫେରିବେ ମନୋଜ ଭାଇ ? ଅପେକ୍ଷା ଗୋଟେ ପ୍ରତିବନ୍ଧକ ସାଜିଛି, ଅପେକ୍ଷା କରିବାର ଗୋଟିଏ ସୀମା ଥାଏ। ଆଉ ଦିନ କେଇଟା ପରେ ମୋର ବାହାଘର, ତୁମେ ସହି ପାରିବନି ମନୋଜ ଭାଇ ମୋର ବାହାଘର । ପୁଣି ଗୋଟେ ଦୋବେଇ ବର ସହ ତାର ଦୁଇଟି ଛୁଆ ଅଛନ୍ତି। ଏ ପୁରବୀ କଣ କରିବ ତାର ମୁଣ୍ଡ ଗୋଳମାଳ ହେଇ ଯାଉଛି, ଅଡୁଆ ସୂତାରେ ଛନ୍ଦି ହେଇ ପଡୁଛି ତୁମ ପୁରବୀ!! ଏପଟେ ଭରପୁର ନଦୀ ତ ସେପାଖେ ଘାଇଲା ବାଘ !


ସମୟ ଅତି କ୍ରାନ୍ତ ମନୋଜ ଅଫିସ ରୁ ଛୁଟି ନେଇ ବାହାରିଛି ଗାଁ କୁ । ରାଧା ମାଧବଙ୍କ ପାଖେ କଥା ଦେଇଥିଲା ପୁରବୀକୁ ବିବାହ କରିବ ବୋଲି..ହେଲେ ବିଧି ର ବିଧାନ ବଡ଼ ନିଷ୍ଠୁର। କଥା ଦେଇଥିବା ମନୋଜ ଗାଁ ରୁ ବହୁତ ଦୂର କୁ ଚାଲି ଗଲା କର୍ତ୍ତବ୍ୟ ର ତାଡନା ରେ,ଆଶା ଅଭିଳାଷ ଓ ସ୍ୱପ୍ନ ଯେମିତି ଧୂଳିସାତ ହେଇଗଲା ଆଜି ସମସ୍ତ କାମକୁ ପଛରେ ପକାଇ ଗାଁ କୁ ବାହାରିଲେ ମନୋଜ !!!

ଟ୍ରେନରେ ବସିଲା ପରେ ନିଦ ଲାଗି ଯାଇଛି ସେ ଜାଣି ପାରି ନାହିଁ। ଟ୍ରେନ ଅଟକିବ। ଶବ୍ଦରେ ନିଦ ଭାଙ୍ଗି ଯାଇଛି। ତରତରରେ ଟ୍ରେନରୁ ଓହ୍ଲେଇ ବସକୁ ଅପେକ୍ଷା କରିଛି, ସେହି ସମୟ ରେ ଗୋଟିଏ ଅଟୋ ଆସି ତା ପାଖରେ ଠିଆ ହେଲା, ଅଟୋ ବାଲାଟି କହିଲା ବାବୁ ସୁଜନ ପୁରକୁ ଯିବେ କି ଆସନ୍ତୁ ବସ୍ ପଳେଇଲାଣି । ଏ ଅଟୋ ଛାଡ଼ିଲେ ଆଉ ସେ ଗାଁକୁ ଗାଡି ନାହିଁ। ତରତର ହେଇ ମନୋଜ ଅଟୋରେ ବସିଲା। ମନେ ମନେ ଖୁସି ହେଇଗଲା ମନୋଜ ଯାହା ହଉ ଅଟୋଟି ମିଳିଗଲା। ଗାଁରେ ଶୀଘ୍ର ପହଁଚିଲେ ପୁରବୀକୁ ଚମକେଇ ଦେବି ଆଉ କହିବି ଆସନ୍ତା ମାସରେ ବାହାଘର ପାଇଁ ତିଥି ଠିକ୍ କରିଦେବି। ହଁ ଏ ପ୍ରେମର କଣ ବୟସ ଅଛି ଠିକ୍ ସେ ଲାଜକୁଳୀ ଲତା ପରି, ମନେ ପଡେ ଆଜି ତୁମ କଥା, ମନ୍ଦିରରୁ ଫେରିବା ବାଟରେ ମୂର୍ଚ୍ଛା ହେଇ ପଡ଼ି ଯାଇଥିବା କଥା ।ସେଦିନ ବର୍ଷାରେ କେତେ ଭିଜି ଥିଲେ, ଲାଗୁଥିଲା ଯେପରି ମତେ ସବୁ କିଛି ମିଳି ଯାଇଛି। ବର୍ଷାର ଶୀତଳ ଛୁଆଁ ଆଉ ତୋ ଦେହର ମାଦକତା!!

ଅଟୋବାଲାର ଡାକରେ ଭାବନା ରାଇଜରୁ ଫେରି ଆସିଲା ମନୋଜ! ଅଟୋରୁ ଓହ୍ଲାଉ ଓହ୍ଲାଉ ଗ୍ରାମରୁ ଭାସି ଆସୁଥିଲା ସାହାନାଇର ଶବ୍ଦ, ଆଜି କାହାର ବାହାଘର ? ଯୋଡ଼ି ମହୁରୀ ଶବ୍ଦରେ ଗାଁ ଉଚ୍ଛୁଳି ପଡୁଛି, ପାଣି ଗରା କାଖେଇ କେତି ନୂଆବୋଉ ଯାଉଥିଲା, ମତେ ଦେଖି ସେ କହିଲା ଡେରି କରିଦେଲ ମନୁ, ଆଜି ପୂର୍ବିର ବାହାଘର ଯାଅ ଯାଅ ଭଲସେ ଡାଲି ଭାତ ଖାଇବ।

ପାଦ ତଳୁ ମାଟି ତଳକୁ ତଳକୁ ଖସି ଗଲା ଆପେ ଆପେ ପାଦ ଚାଲିଗଲା ପୁରବୀର ବେଦୀ ପାଖକୁ ପୁରବୀର ଓଢଣା ତଳର ମୁହଁ ଝାପସା ଦିଶି ଯାଉଥିଲା । ତୁ ମତେ ଛାଡ଼ି ଯାଉଛୁ ସତ ତୁ ମତେ ତୁ ଭୁଲି ପାରିବୁନି କାହିଁକି ନା ତୁ ଜାଣିଛୁ କୌଣସି ସ୍ୱାର୍ଥ ରଖି ଭଲ ପାଇ ନ ଥିଲି। ରାଗ ରାଗିଣୀରେ ଅନୁବନ୍ଧିତ ଜୀବନର ପରିଭାଷା କାହା ଲାଗି ଜୀବନ ମରୁ ମରୀଚିକା ଆଉ କାହାର ପଣତ ଥିଲା ଭରପୁର!! ଜୀବନଟା ଆଜି ବାୟା ବସା ପରି ପବନରେ ଦୋହଲୁଛି କେତେବେଳେ ଛାଇ ତ କେତେବେଳେ ଆଲୋକ।

♥ ଭୁବନେଶ୍ୱର
(ମୋ) ୯୩୩୮୨୯୪୬୫୭



## ରଜନୀକାନ୍ତ ମହାନ୍ତି

ଅଗଷ୍ଟ ୧୯୯୬ ମାସ 'କଥା' ପତ୍ରିକାରେ ପ୍ରକାଶ ପାଇଥିବା ମୋର 'ବାଟୋଇ' ଗଳ୍ପ ପଢ଼ି ଆପଣ ଏହି ଚିଠିଟି ଲେଖିଥିଲେ । ଚିଠିଟି ସେତେବେଳେ ବି ଏବଂ ଏବେ ବି ଏକ ପ୍ରେରଣାପୂର୍ଣ୍ଣ ଉତ୍ସ, ସେଇ ମୋ' ଭିତରେ ପହଁରୁଚି । ଗଳ୍ପଟିର ଅଙ୍କନ ଯେ ପାଠକୀୟ ଶ୍ରଦ୍ଧା ଲାଭ କରିଛି ଏଇ ଆସ୍ଥା ଆପଣଙ୍କର ଚିଠିଟି ପ୍ରଦାନ କରିଛି । କଥା-ପୁରୁଷ ଆପଣଙ୍କଠାରେ କୃତଜ୍ଞ ।

### ପ୍ରିୟ ପାଠକ-୨

# ବାଟୋଇ ଗପ ପାଇଁ ଚିଠି

ପ୍ରାପକେଷୁ:
ଶ୍ରୀ ହୃଷିକେଶ ରଥ
ସା/ପୋ- ବ୍ରାହ୍ମଣ ଛାଇ
ଭାୟା- ପିତ୍ତଳ
ଜି- ଗଂଜାମ
ପିନ୍-୭୬୧୧୦୩ (ଓଡ଼ିଶା)

ମହାଶୟ,

ଶୁଭେଚ୍ଛା ନେବେ । ଆଶା, କୁଶଳରେ ଅଛନ୍ତି ।

ଆପଣଙ୍କ ସହ ମୋର ସାକ୍ଷାତ ହୁଏତ ଗୋଟେ ଚିଠିରେ । ଶାବ୍ଦିକ, ଭାବମୟ ସାକ୍ଷାତ । ଚିଠିଟି ମୋ ସାମ୍ନାରେ ଯେମିତି ଭାବରେ ଆପଣଙ୍କ ଚିତ୍ର ଆଙ୍କିଲା, ସେହି ଛବି ବା କାଳ୍ପନିକ ଅସ୍ତିତ୍ୱ ସହ ମୋର ଭେଟାଭେଟି । ଚିଠିଟି ଆପଣ ମୋତେ ଲେଖିଥିଲେ ତା ୨୪/୦୮/୧୯୯୬ରିଖରେ, ଆଜିକୁ ଅଠେଇଶି ବର୍ଷ ତଳେ । ସେ ଚିଠି ପାଇଁ ମୁଁ ତାର ଉତ୍ତର ଫେରେଇଥିଲି ତା ୨୯/୦୮/୧୯୯୬ରିଖରେ । ଇତି ମଧ୍ୟରେ ଆପଣଙ୍କ ଗାଁ ପାଖେ ପାଖେ ଥିବା ଋଷିକୂଲ୍ୟା ନଦୀରେ କେତେ ପାଣି ବୋହିଯିବଣି । ଚନ୍ଦ୍ର କେତେଥର ପୃଥିବୀକୁ ପରିକ୍ରମା କରିସାରିବଣି । କେତେ ଶବ୍ଦ, କେତେ ବାକ୍ୟ ଜନ୍ମ ନେଇସାରିଲେଣି ପୃଥିବୀ ପୃଷ୍ଠରେ।

ଅଗଷ୍ଟ ୧୯୯୬ ମାସ 'କଥା' ପତ୍ରିକାରେ ପ୍ରକାଶ ପାଇଥିବା ମୋର 'ବାଟୋଇ' ଗଳ୍ପ ପଢ଼ି ଆପଣ ଏହି ଚିଠିଟି ଲେଖିଥିଲେ । ଚିଠିଟି ସେତେବେଳେ ବି ଏବଂ ଏବେ ବି ଏକ ପ୍ରେରଣାପୂର୍ଣ୍ଣ ଉତ୍ସ । ସେଇ ମୋ' ଭିତରେ ପହଁରୁଚି । ଗଳ୍ପଟିର ଅଙ୍କନ ଯେ ପାଠକୀୟ ଶ୍ରଦ୍ଧା ଲାଭ କରିଛି ଏଇ ଆସ୍ଥା ଆପଣଙ୍କର ଚିଠିଟି ପ୍ରଦାନ କରିଛି । କଥା-ପୁରୁଷ ଆପଣଙ୍କଠାରେ କୃତଜ୍ଞ । ଆପଣଙ୍କୁ ମୁଁ ଯେଉଁ ପ୍ରତ୍ୟୁତ୍ତର ଦେଇଥିଲି ତାର ଭାବପକ୍ଷ କଣ ଥିଲା ତାହା ମୋ ବିସ୍ମୃତି ଗର୍ଭରେ । ଏବେ ଶ୍ରଦ୍ଧାସ୍ପଦ କଥାଶିଳ୍ପୀ ତପନ ମହାପାତ୍ରଙ୍କ ନିରନ୍ତର ଆଗ୍ରହରୁ ପୁଣିଥର ଆପଣଙ୍କ ଚିଠିର ନିଷ୍କର୍ଷରୁ ଉବୁକି ଉଠୁଥିବା ଆବେଗର, ଗଳ୍ପ-ମଂଜର ଶବ୍ଦାଙ୍କନ ହେଉଛି ।

ଅନେକ କ୍ଷେତ୍ରରେ ମୂଳ ଅନୁଭବ ପାଠକ ପାଖରେ ଅପହଂଚ ରହେ । ମୂଳ ଅନୁଭବରୁ ସୃଷ୍ଟ ଚରିତ୍ର ଓ ତାର ବିଚରଣ ହିଁ ପାଠକର ସାମୀପ୍ୟ ହୁଏ । ଅର୍ଥାତ୍ ମୂଳ ଅନୁଭବର ପ୍ରେରଣାରୁ ଜନ୍ମନିଏ ଚରିତ୍ର ଯିଏ ବାସ୍ତବତା ଓ କାଳ୍ପନିକତାର ସମନ୍ୱୟ ଓ ଯୌଗିକତାର ଆଶ୍ରୟରେ ବଂଚେ ଓ କାହାଣୀରେ ଖେଳେ, ଗତିଶୀଳ ହୁଏ ।


'ବାଟୋଇ' ଗଳ୍ପ କ୍ଷେତ୍ରରେ ତାହାହିଁ ଘଟିଚି । ସେଇ ୧୯୯୬ରେ ଭଦ୍ରକ ଜିଲ୍ଲା ବନ୍ତ ନିକଟରେ ହେଉଥିବା ଏକ ଗାଉଁଲୀ ହାଟରେ ମୁଁ ବୁଲୁ ବୁଲୁ ଦେଖିଲି ଜଣେ ଆଦିବାସୀ ବୁଢ଼ାଲୋକ ଚାରିପାଂଚଟି କୁକୁଡ଼ା ଖୁଣ୍ଟରେ ବାଂଧି ବସିଛନ୍ତି । ମୁହଁରେ ପ୍ରଚ୍ଛନ୍ନ ଉଦାସ ଓ କ୍ଲେଶ ବାରି ହେଇପଡୁଥାଏ । ସମୟ ଦିନ ବାରଟା ପାଖାପାଖି । ଗ୍ରାମ୍ୟ ହାଟରେ ବୁଲିବା, କୋଳାହଳରେ ମଜ୍ଜିବାରେ କି ସ୍ଫୁର୍ତ୍ତି, କି ଆନନ୍ଦ, ଆଃ ! ଅଥଚ ବୁଢ଼ା ଲୋକଟିର ଏମିତି ବିଷର୍ଣ୍ଣ ଅବସ୍ଥା ! ମୁଁ ତାକୁ ପଚାରିଲି- ମଉସା ! କଣ ହେଇଚି, ଭାରି ଦୁଃଖି ଜଣାପଡୁଛନ୍ତି !

ସେ ମୁହଁ ଉପରକୁ ଉଠେଇ ମୋତେ ଅନେଇଲେ । ଆଖି ତାଙ୍କର ଡବଡବେଇଗଲା । ପୁଅ ଯାଇଚି ଦାଦନ ଆଜ୍ଞା। ଚିଠି ନାହିଁ କି ପଇସା ନାହିଁ କି ସେ ଫେରୁନାହିଁ । ପୁଅ ତ ଗୋଟେ ! କୁକୁଡ଼ା ବିକି ଶ୍ରମ ଅଫିସକୁ ଯିବି ଆଜ୍ଞା !' ଏତକ କହି ଦୀର୍ଘଶ୍ୱାସ ନେଲେ ବୁଢ଼ାଲୋକ ।

ସେତିକିରେ ଜମି ଆସିଲା ସଂବେଦନା, ଆବେଗ ଓ ଯନ୍ତ୍ରଣାର ପିଣ୍ଡ । ଥାପି ହୋଇ ରହିଗଲା ଛାତିରେ, ମୁଣ୍ଡରେ, ଏକ ଅନୁଭବର ମଂଜି ହେଇ ! ଯା ସହିତ ଯୋଖି ହୋଇଗଲା ପୂର୍ବ ସଂଚିତ ଅନୁଭବର ଚରିତ୍ର ଭୈରବୀ ନନ୍ଦନ, ଯାହାଙ୍କର ରୂପାନ୍ତର ଘଟି ସାରିଥିଲା । ପୂର୍ବତନ ମଂତ୍ରୀର ନାଁ, ଠିକଣା, ପୋଷାକ ଓ ଆଟୋପ ଫିଙ୍ଗି ସେ ହେଇଯାଇଥିଲେ କେବଳ ବାଟୋଇ । ପୃଥିବୀରେ ଜଣେ ଗୋଟିଏ ଜୀବନ ନୁହେଁ ବହୁ ସ୍ତରର ଜୀବନ ଯାପନ କରିପାରିବ, ତାର ଉଦାହରଣ ବାଟୋଇ । ସେ ହିଁ ଗଳ୍ପର ପ୍ରମୁଖ ଚରିତ୍ର ଯିଏ ଅନାଥ ମାରିଣ୍ଡିର ପୁଅକୁ ଫେରେଇ ଆଣିଛନ୍ତି ଗଳ୍ପରେ । ଯେଉଁ ବୁଢ଼ାଲୋକଟିକୁ ମୁଁ ପୀଡିତ ଅବସ୍ଥାରେ ବନ୍ତ ପାଖ ଗ୍ରାମ୍ୟହାଟରେ ଭେଟିଥିଲି, ତାଙ୍କ ପୁଅକୁ ସେ ଫେରି ପାଇଲେ କି ନାହିଁ ଜାଣିବାର ଯୁ' ନାହିଁ; କିଂତୁ ସାହିତ୍ୟର ଆଶାବାଦ ତାଙ୍କର ସେଇ ଆକୁଳତା, ଆର୍ତ୍ତିର ତୀରାକିଂତ ହେଇଚି କାହାଣୀରେ । ଲେଖକର ଆତ୍ମା ବିଶ୍ୱାସରେ ଡହକୁଚି ! ହଁ, ସେ ତାଙ୍କ ପୁଅକୁ ଫେରି ପାଇଛନ୍ତି ! ଏତକ ବିଶ୍ୱାସ ତ ସାହିତ୍ୟ ଦିଏ । ଦହନରୁ ଉଷ୍ମତା ଓ ଆଲୋକର ଜାଗୃତି । ମଣିଷ ହାରିଯାଇପାରେ, କିଂତୁ ଆବେଗ ଓ ସ୍ୱପ୍ନର ମୃତ୍ୟୁ ନାହିଁ ! ସଭ୍ୟତାର ଦୁଇଟି ଉପାଦାନ, ଗୋଟେ ବିଶ୍ୱାସ, ଅନ୍ୟଟି କଳ୍ପନାଶକ୍ତି ! ସଂସ୍କୃତି ତାକୁ ଗଢୁଥାଏ, ସାହିତ୍ୟ ତାର ମଂତ୍ର ! ଶବ୍ଦ ଶକ୍ତି !!

ହୃଷିକେଶ ବାବୁ ! ଜହ୍ନରାତିରେ ଏକୁଟିଆ ବିଲ ମଝିରେ, ନିଶୁନ ରାସ୍ତାରେ ଚାଲିବାକୁ, ବସିବାକୁ ମୋତେ ଭଲଲାଗେ । ସେଇମିତି ଗୋଟେ ଦିନ ଜହ୍ନରାତିରେ ମୋ ବସାପାଖ ବିଲରେ ହିଡ଼ ଉପରେ ବସିଲା ବେଳେ ହଠାତ୍ ସେଇ ଆଦିବାସୀ ବୁଢ଼ାଙ୍କ ଛବି ଜହବି ଆସିଲା, ତା ସହ ଭୈରବାନନ୍ଦଙ୍କ ରୂପାନ୍ତରିତ ଜୀବନଚର୍ଯ୍ୟାର ମହକ ! ବାସ୍, ଖଂଜି ଆସିଲା ବାଟୋଇ ଗଳ୍ପର ଜନ୍ମତିଥି ।

ଗଳ୍ପରେ ଅନାଥ ମାରିଣ୍ଡି ଯେ ତା ପୁଅକୁ ଫେରି ପାଇଛି, ସେତକ ନୁହେଁ, ଭୈରବୀନନ୍ଦନ ଯେଉଁ ଅତୁଳ ଅନୁଭବ ଲାଭ କରିଛି, ତାହାହିଁ ବାଟୋଇର ମଂଜକଥା । ଗଳ୍ପଟି ମୋର 'ଝିପିଝିପି ଅଂଧାର' (୨୦୦୨) ଗଳ୍ପ ସଂକଳନରେ ସ୍ଥାନିତ ହେଇଚି ।




### ପ୍ରିୟ ପାଠକ: ଶ୍ରୀ ହୃଷିକେଶ ରଥ

ମୁଁ ଆପଣଙ୍କୁ ପୂର୍ବରୁ ପଠାଇଥିବା ଚିଠିର ମର୍ମ ସହ ଏ ଚିଠିକୁ ମିଶାଇ ଦେବେ, ଅଠେଇଶି ବର୍ଷର ଭାବ ସଂକ୍ରମଣ ହୁଏତ ଭିନ୍ନ ଉଲ୍ଲାସ ସୃଷ୍ଟି କରିପାରେ ! ଯଦି ଏ ଚିଠିଟି ଆପଣଙ୍କ ନଜରକୁ ଆସେ ବା ଆପଣ ପ୍ରାପ୍ତ ହୁଅନ୍ତି ମୋ ପାଖକୁ ନିଶ୍ଚୟ ପତ୍ରଟିଏ ପଠାଇବେ, ଅନୁରୋଧ । ଆଶା ଓ ଅପେକ୍ଷାରେ ରହିଲି । ଶୁଭକାମନା କରୁଛି।


ମଂଗଳାଶୀ:

ରଜନୀକାନ୍ତ ମହାନ୍ତି, ବିଜୁପଟ୍ଟନାୟକ ନଗର, ମହତାବ ଛକ ନିକଟ,
ପୋ- ପ୍ରାଚୀନଗର,
ଭାୟା- ମାଧବନଗର,
ଭଦ୍ରକ-୭୫୬୧୮୧, ଓଡ଼ିଶା
ମୋ: ୮୭୬୬୯୪୪୮୫୮

---

### ପଢ଼ିବା ପରେ

# କବି ରଞ୍ଜନ ବାଗଙ୍କ ଫର୍ଦ୍ଦେ ଜୀବନର ଜଳଛବି :ମୁଁ ଦିନେ ଫେରିବି ନିଶ୍ଚୟ



● ଡ. ରାଧାରଂଜନ ପଟ୍ଟନାୟକ

କବି ରଞ୍ଜନ ବାଗ । ଉତ୍ତର ଆଧୁନିକ ଓଡିଆ କବିତା କ୍ଷେତ୍ରରେ ଜଣେ ବହୁ ଚର୍ଚ୍ଚିତ ଏବଂ ବହୁଧା ପଠିତ କବି ପ୍ରତିଭା। କବି ରଞ୍ଜନ ବାଗ ଆଜି ନୁହେଁ; ଅଶୀଦଶକରୁ କବିତା ଲେଖି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବି ଏଇ କିଛି ବର୍ଷ ହେବ, କବିତା ଜଗତରୁ ନିଜକୁ ଦୂରେଇ ରଖିଥିଲେ । ଜଣେ କବିତା ମନସ୍କ ବ୍ୟକ୍ତି କଣ କବିତା ପାଖରୁ ନିଜକୁ ଦୂରେଇ ରଖି ପାରିବ ? ବୋଧହୁଏ ନା । ଏହାହିଁ ଘଟିଛି କବି ରଞ୍ଜନ ବାଗ ଙ୍କ କାବ୍ୟିକ ଉତ୍ତରଣ ରେ । ଦୁଇ ହଜାର ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ଥରେ କବିତା ମଞ୍ଚ କୁ ସିଧା ଓଲ୍‌ହାଇ ଆସିଛନ୍ତି । କବିତାର ଶବ୍ଦରେ ପୁଣି ହଜିଛନ୍ତି ଏବଂ ମଜିଛନ୍ତି ।

୨୦୧୯ରେ ତାଙ୍କ କବି ଚେତନାର ପ୍ରଥମ ହସ୍ତାକ୍ଷର 'ପୁରୁଷକାର', ୨୦୨୧ ରେ ପୁରୁଷାର୍ଥ ପ୍ରକାଶ ପାଇ ପାଠକୀୟ ସ୍ୱୀକୃତି ପାଇବା ପରେ ୨୦୨୩ରେ ପାଠକ ମାନଙ୍କ ସାମ୍ନାକୁ ଆସିଛି ତାଙ୍କର ତୃତୀୟ କବିତା ସଙ୍କଳନ 'ମୁଁ ଦିନେ ଫେରିବି ନିଶ୍ଚୟ' ଯେଉଁ ସଂକଳନଟି ଟାଇମପାସ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶ ପାଇଛି । ଏଥିରେ 'ଶୀତ ରାତିର ଆଗନ୍ତୁକ' ଠାରୁ ଆରମ୍ଭ କରି 'ଚୁପରୁହ ! ନୂଆ ଭାରତ ଗଢ଼ା ଚାଲିଛି' ପର୍ଯ୍ୟନ୍ତ ୩୭ଟି କବିତାର ମନ୍ତ୍ରପାଠ କରିଛନ୍ତି କବି ରଞ୍ଜନ ବାଗ । ସମୁଦାୟ ସଂକଳନଟିରେ ଆଶା ଓ ବିଶ୍ୱାସ ଅଛି । ଅଛି ପୁଣି ଉଚ୍ଛ୍ୱାସ, ଯାହା ମୁହୂର୍ତ୍ତକ ରେ ଭିଜାଇ ଦିଏ ଛାତି, ମନ ଓ ପ୍ରାଣ। ନିରବଛିନ୍ନ ଅନୁଭୂତି ଏବଂ ଆବେଗର ଏକ ନିର୍ଦ୍ଦିଷ୍ଟ ସମୟର ସ୍ପନ୍ଦନ ହିଁ ଏଇ କବିତା ସଙ୍କଳନ। ବିପର୍ଯ୍ୟସ୍ତ ସମାଜ ଏବଂ ଉଷ୍ଣ ଚୈତନ୍ୟ ଭିତରେ ବଞ୍ଚିବାର ରାହା ଖୋଜି ଛନ୍ତି କବି। ବେଳେ ବେଳେ ରହସ୍ୟମୟ ଦୁନିଆ ତାଙ୍କ ସାମ୍ନାରେ ଶୀତର ନିର୍ଜନତା ସୃଷ୍ଟି କରିଛି 'ଶୀତ ଏବେ ମେଲାଣି ନେଉଛି କବିତା' ରେ। ସେଇଥିପାଇଁ ତ କବି କହନ୍ତି -'ଚାରିଆଡେ ଶୀତର /ଅହେତୁକ ନିର୍ଜନତା/ଆଉ କୁହୁଡ଼ିର ଆସ୍ତରଣ ଭିତରେ/ ଛାଇଟିଏ ଆଗକୁ ଆଗକୁ /ଯାଉଥିବା ଦୃଶ୍ୟମାନ ହେଲା।' (ପୃଷ୍ଠା-୧୧)

ସମୟ କାହାକୁ ଅପେକ୍ଷା କରେନି । ଚିରସ୍ରୋତ ନଦୀ ପରି ତାର ଧାର । ଯେମିତି ଶୀତଋତୁରେ କବି ନିଜ ହାତରେ ଲଗାଇ ଥିବା ଡାଲିଆ, କେଲେଣ୍ଡୁଲା, ଏନକା, ପିଟୁନିଆ, ଏସ ଷ୍ଟାର ଏବଂ ସାଲଭିଆ ଆଦି ରଙ୍ଗ ବେରଙ୍ଗ ର ଫୁଲଗଛ ଶୀତ ସହ ବାହୁଡ଼ି ଯିବେ -'ବଗିଚାକୁ ଶୂନ୍ୟ କରି' ଏହାହିଁ ତ ପ୍ରକୃତିର ନିୟମ । ଏମିତି ଏକ **philosophy** କୁ ନେଇ କବି ଶୀତ ଋତୁ ପରେ ବସନ୍ତ ଆଗମନର ପ୍ରତୀକ୍ଷା କରିଛନ୍ତି । ମଣିଷ ଜୀବନ ବି ଠିକ ସେଇପରି ।

ମଣିଷ ଏଇ ସମାଜରେ ବଞ୍ଚେ । କେବଳ ନିଜ ପାଇଁ ନୁହେଁ । ଅନ୍ୟ ମାନଙ୍କ ପାଇବି । କାହାରି ମନରେ ଦୁଃଖ ଦେଇ ଲୋତକ ବନ୍ୟା ସୃଷ୍ଟି କରିବା ଜଣେ ବ୍ୟକ୍ତିର ଲକ୍ଷ୍ୟ ନୁହେଁ; ବରଂ ଅନ୍ୟ ଜଣେ ମୁଖରେ ହସ ଫୁଟାଇ ପାରିଲେ ଏ ଜୀବନ ହେବ ଧନ୍ୟ । ସମ୍ଭବତଃ ଏଥିପାଇଁ କବି କହନ୍ତି-'କାହା ଆଖିରୁ ଝରୁଥିବା ଲୋତକର / କାରଣ ହେବା /ଜରୁରୀ ନୁହେଁ/ବରଂ କାହାର ହସରେ /ଫୁଲଟିଏ ହୋଇ ଫୁଟିଯିବା/ମୋର କାମ୍ୟ।' (ପୃଷ୍ଠା୧୪)

କବି ରଞ୍ଜନ ବାଗ କବିତା ରଚନାର ଶୈଳୀର ଅନିବାର୍ଯ୍ୟତା **objective co - relative** ବେଶ ଅନୁଭୂତ ହୋଇଥାଏ 'ପୁରୁଷାକାର-୯' କବିତାରୁ । ଏହି କବିତାଟି ଅନାସକ୍ତ ଚିତ୍ତ ଏବଂ ଶୁଦ୍ଧ ଭାବନାର ପ୍ରତିଧ୍ୱନି । ସେଇଥିପାଇଁ ନିର୍ବିବାଦରେ କୁହାଯାଇ ପାରେ ସେ ଜଣେ ବାସ୍ତବତାର ରୂପକାର । ଯେଉଁ ବାସ୍ତବତା **photographic** ବାସ୍ତବତା ନୁହେଁ ବରଂ **external reality** କୁ ଏଡାଇ **inner reality** ର ଚିତ୍ର ଅଙ୍କିବାର ପ୍ରୟାସ କରିଛନ୍ତି। ଏଥିରେ ଛାଇ ପରି ରହିଛି ଜୀବନର ମାର୍ମିକ ପ୍ରକାଶ ମାନତା।

ଅସ୍ତିତ୍ୱବାଦୀ କବି ସବୁବେଳେ ଆଶା ନେଇ ବଞ୍ଚେ । ସେ ନିଜକୁ କେବେ ଅସହାୟ ମନେ କରେନି । ପ୍ରତିପକ୍ଷ ସାମ୍ନାରେ ପରାଜୟକୁ ମୁଣ୍ଡ ପାତି ସହି ନିଏନି । ବରଂ ଆଗାମୀ ଭବିଷ୍ୟତ ପାଇଁ ସେ ସ୍ୱପ୍ନ ଦେଖେ । ଯେମିତି'ଦିନେ ପୁଣି ମୁ ଫେରେ/ନୂଆ ମୁହଁଟିଏ ହୋଇ /ବାକି ଥିବା କାର୍ଯ୍ୟର /ପୂର୍ଣ୍ଣଚ୍ଛେଦ ପାଇଁ/ମୁଁ ଏମିତି ଅସୁଥିବି ବାରମ୍ୱାର /ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର ଏବଂ ସବୁଜ ପୃଥିବୀ ଥିବା ଯାଏଁ।'(ପୃଷ୍ଠା-୧୫)

ମୋର ତ ମନେହୁଏ କବି ରଞ୍ଜନ ବାଗ କବିତା ଲେଖିଲା ବେଳେ ନିଜକୁ ସମ୍ପୂର୍ଣ୍ଣ **open** କରିଦେଇଛନ୍ତି। ଏଥିରେ କୃତ୍ରିମତାର କୋଟିକମ ନାହିଁ । କୃତ୍ରିକ ଆବେଗର ସାଜସଜା ନାହିଁ। ବରଂ ଜୀବନର ଚିରନ୍ତନ ମୂଲ୍ୟବୋଧ କୁ ଅନୁଭବ କରିଛନ୍ତି - 'ହଜାର ବର୍ଷ ପରେ' କବିତାରେ । ସମସାମୟିକ ସମାଜର ପ୍ରତିଟି ମଣିଷ କିପରି 'ପାପ'ର ସଂଜ୍ଞା ବାରମ୍ୱାର ବଦଳାଉଛନ୍ତି , ତାର ଏକ ନଜିର ଦେବାକୁ ଯାଇ କବି କହନ୍ତି -'ପାପର ସଂଜ୍ଞା ବଦଳି ଯାଉଥିବ /ପଚାଶ ବର୍ଷ ପୂର୍ବେ ଯାହା ନଗ୍ନତା /ଆଜି ତାହା ମାମୁଲି ଘଟଣା । (ପୃଷ୍ଠା-୧୭)

ମଣିଷ ଲୁଚାଇ ରଖିଥିବା ପାପ ସବୁ ବେଳେ ବେଳେ ପ୍ରଜାତିର ଡେଣା ନେଇ ଫୁଲ ବଣରେ ଘୁରି ବୁଲୁଥିବ ଠିକ ଅହଲ୍ୟାଙ୍କ ମନ ନେଇ । ଏଠାରେ କବି ପୁରାଣ ପୃଷ୍ଠାରୁ ଏକ ମିଥ ଅହଲ୍ୟାଙ୍କ ଉଦାହରଣ ଦେଇ ନିଜ ଜୀବନ ପରିଧିର ଦୃଶ୍ୟଦୃଶ୍ୟାନ୍ତରକୁ ସମ୍ନା କରିଛନ୍ତି । ଯେମିତି- 'ଲୁଚାଇ ରଖିଥିବା ପାପ ସବୁ ପ୍ରଜାପତିର ଡେଣା ନେଇ/ମୁକୁଳି ଆସି, ଆମ ଗାଁର ଫୁଲ ବଣ ରେ/ଘୁରି ବୁଲୁଥିବ/ଅହଲ୍ୟାଙ୍କ ମନ ନେଇ /ଅନୁପ୍ରବେଶ କାରୀଙ୍କ ପର ।' (ପୃଷ୍ଠା-୧୭) ଇନ୍ଦ୍ରଙ୍କ ପରି ଛଦ୍ମ ବେଶରେ ବି ଅନେକ ଛଦ୍ମବେଶୀ ଅନୁପ୍ରବବଶ କରି ନିଜର କାମ ତୀର୍ଥରେ ଅନେକ ଅନୁଚିତ କାର୍ଯ୍ୟ କରିଥାନ୍ତି, ଯାହା କବିଙ୍କ ମନରେ ଭାବାନ୍ତର ସୃଷ୍ଟି କରିଛି ।

ସମ୍ପ୍ରତି ପ୍ରତି ମୁହୂର୍ତ୍ତରେ ଲୋଡ଼ା ପଡୁଛି ମଣିଷର ପରିଚୟ । ଗୋଟେ ସଭ୍ୟତାର ଅହଂକାର ହିଁ ପରିଚୟ ସଙ୍କଟ ସୃଷ୍ଟି କରିଛି। ଯେଉଁଥିପାଇଁ ପାନ କାର୍ଡ, ଆଧାର କିମ୍ବା ଭୋଟର ପରିଚୟ ପତ୍ରରେ ଲିପିବଦ୍ଧ ହୋଇଯାଇଛି ମଣିଷର ଠିକଣା । ବୋଧହୁଏ ଗୋଟିଏ ସରକାରୀ କାଗଜ ତାକୁ ମଣିଷର ପରିଚୟ ଦିଏ । ବାସ୍ତବରେ କବି ରଞ୍ଜନ ବାଗ ସାମାଜିକ ଚେତନାର ଚଉତରା ରେ ଠିଆ ହୋଇ ସମକାଳ ଥିଓରୀ ଅଫ କଗ୍ନିସନ ଓ ମନସ୍ତତ୍ତ୍ୱ ବୌଦ୍ଧିକ କଳ୍ପନା ସହିତ ସମ୍ପୃକ୍ତ ରହି ସୃଜନଶୀଳ ସ୍ତରକୁ କରିଛନ୍ତି ଚେତନ । ଗୋଟିଏ ନିର୍ଦ୍ଦିଷ୍ଟ ସରଳ ଆଙ୍ଗିକ ଫରମେସନ କରିଛି ବିଶେଷ୍ୟ ଯୁକ୍ତ ସାମର୍ଥ୍ୟ, ଯେଉଁଠି - 'ଅସୁମାରୀ ସ୍ୱପ୍ନ ମୋର ଭାସିଯାନ୍ତି ପବନରେ /ଦୂରକୁ /ଆଷାଢ ଆକାଶ ର ମେଘ ଖଣ୍ଡେ ପରି ।'(ପୃଷ୍ଠା-୨୧)

ମଣିଷ ସ୍ୱପ୍ନ ଦେଖେ । ନିଦ ଭାଙ୍ଗିଗଲେ, ରାତି ପହିଗଲେ ନିଷ୍ଠୁର ବାସ୍ତବତା ଓହ୍ଲାଇ ଆସେ, ଯାହା ଅନୁଭବ କରିଛନ୍ତି କବି ବାଗ ।

କବିଙ୍କ 'ଗହମ ନିଦ' ଏକ ଅଦୃଶ୍ୟ ମାନ ଚିତ୍ରକଳ୍ପ । ଆଖି ଖୋଲିଦେଲେ କେବଳ ଅନ୍ଧକାର ହିଁ ଅନ୍ଧକାର । ସେଇଠି କବି ଖୋଜି ବସନ୍ତି ତାଙ୍କର ଅସ୍ତିତ୍ୱ ।

କବି ରଞ୍ଜନ ବାଗଙ୍କ ଫୋଟୋଗ୍ରାଫିକ ଦୃଷ୍ଟି ଗୋଟିଏ ପରେ ଗୋଟିଏ ଦୃଶ୍ୟକୁ ସମ୍ନା କରିଛି।' ଈଶ୍ୱର ଙ୍କ ପ୍ରତିଛବି 'ରେ ସାମ୍ପ୍ରତିକ ସମୟର ରାଜନୀତି କୁ ହିଁ ତର୍ଜମା କରିଛନ୍ତି। ରାଜନେତା ମାନେ ଈଶ୍ୱରଙ୍କୁ ବି ବାଦ ଦେଇ ନାହାନ୍ତି । ସବୁଠି ରାଜନୀତିର ମଞ୍ଜି ବୁଣିଛନ୍ତି । ଯେଉଁଥିପାଇଁ କବି କଣ୍ଠର ସ୍ୱୀକାରୋକ୍ତି -'ଆମେ ଏଠି ଈଶ୍ୱରଙ୍କୁ / ଭାଗ ଭାଗ କରିଛୁ/ଭାଇ ଭାଗ ପରି ।/ବୁହାଇ ଦେଇଛୁ/କେତେ ରକ୍ତ ନଦୀ/ଇତିହାସ ତାର ମୂକ ସାକ୍ଷୀ ।'(ପୃଷ୍ଠା-୨୩)

ସୃଜନଶୀଳ ବ୍ୟକ୍ତି ପୁରୁଷଟି ଯେଉଁ ସାରସ୍ୱତ କ୍ରିୟାରେ ଲିପ୍ତ ଥାଏ, ତାର ଏକ କଳାତ୍ମକ ସ୍ୱପ୍ନ ଭିନ୍ନ ଅନ୍ୟ କିଛି ହୋଇ ନପାରେ । ନିଜକୁ ପ୍ରସ୍ତ ପ୍ରସ୍ତ ଆବରଣ ଭିତରୁ ଫିଟାଇ ଦେବାର ଦୁର୍ବାର ଦୁଃସାହସ ଦେଖାଇଛନ୍ତି କବି ଶ୍ରୀ ବାଗ ।


କରୋନାର ଦ୍ୱିତୀୟ ଲହର ତାଣ୍ଡବ କବିଙ୍କୁ କରିଛି ବ୍ୟସ୍ତ ଓ ବିବ୍ରତ । ଯେଉଁଥିପାଇଁ କବି ଚକ୍ରଧର କଥା ସ୍ମରଣ କରିଛନ୍ତି, ଯିଏକି ବର୍ଷେ ହେବ ସହରକୁ ଆସିନାହିଁ । ଲକଡାଉନ ପୂର୍ବରୁ ଅସୁସ୍ଥ ଥିବା ଚକ୍ରଧର ଅନେକ ଡାକ୍ତରଙ୍କୁ ଦେହ ଦେଖାଇ ଥିଲେ ମଧ୍ୟ ସ୍ୱାସ୍ଥ୍ୟର କିଛି ବି ପରିବର୍ତ୍ତନ ହୋଇ ନାହିଁ । ବୋଧ ହୁଏ କବି ଚକ୍ରଧର ଚରିତ୍ର ଭିତରେ କରୋନା ରୋଗରେ ଆକ୍ରାନ୍ତ ମଣିଷ ମାନଙ୍କ କଥା କହିଛନ୍ତି ।

ଚକ୍ରଧର ଅସୁସ୍ଥ ଦେହରେ ବେଳେ ବେଳେ ଖବର କାଗଜ ପଢେ । ଦ୍ୱିତୀୟ ଲହରର ତାଣ୍ଡବ ତା ଆଖି ସାମ୍ନାରେ ଭାସି ଉଠେ । ଅନେକ ଚିହ୍ନା ମୁହଁ ଅବେଳରେ ବାହୁଡ଼ି ଯିବା ଦୃଶ୍ୟରେ ସେ ହୋଇଯାଏ ଆକ୍ତାମାକ୍ତା । ଏସବୁ ଭିତରେ ବି ଚକ୍ରଧର ବଞ୍ଚିବାର ଗୀତାପାଠ କରିଛି । କିନ୍ତୁ ତା ଆଖି ସାମ୍ନା -'କେଉଁଠି ଜୀବନ ଅଛି ତ/ ଜୀବିକା ଉଜୁଡି ଯାଇଛି/ଭୂମି ଅଛି, ଭିତ୍ତି ଭୂମି ଦୋହଲି ଯାଇଛି ।' ଏ ସବୁ ଭିତରେ ଚକ୍ରଧର ଅଣ୍ଟା ସଳଖି ଠିଆ ହୋଇଛି । ବଞ୍ଚିବାର ସ୍ୱପ୍ନ ଦେଖିଛି । ସମ୍ଭବତଃ ଏଇଥିପାଇଁ କବି କଣ୍ଠ ତୋଳିଛି -'ଜୀବନ ତ ଗୋଟେ ଯୁଦ୍ଧ/ତାକୁ ଲଢ଼ିବାକୁ ହେବ/ସଂଘର୍ଷ ର ପଥ ତ ଚିରକାଳ ବନ୍ଧୁର ।'

କବି ରଞ୍ଜନ ବାଗଙ୍କ ଅନ୍ୟାନ୍ୟ କବିତା 'ନିଶ୍ୱାସ କୁ ବିଶ୍ୱାସ ନାହିଁ 'ରେ ମୃତ୍ୟୁ ଚେତନାର ସରିସୃପୀୟ ଭାବନା ଜମାଟ ବାନ୍ଧିଛି। ଠିକ ଏହିପରି-'ସେଦିନ ଯେଉଁ ଲୋକଟି /ନିଜର ସୁନ୍ଦର ଫୋଟୋକୁ /ପ୍ରୋଫାଇଲରେ ଅପଲୋଡ କରିଥିଲା/ସେହି ଫଟୋଟି ଏବେ /ଫେସବୁକରେ ଘୁରି ବୁଲୁଛି' ।(ପୃଷ୍ଠା-୩୨)

ଏସବୁ ଭିତରେ କବି ନିଜ ଉପରେ ବିଶ୍ୱାସ ରଖିଛନ୍ତି । କବିର କେବେ ମୃତ୍ୟୁ ହୁଏନା । ତାର ସୃଜନ ହିଁ ଚିର କାଳ ରହିଥାଏ । ଏଇମିତି ଏକ ଦର୍ଶନ ତାଙ୍କ କାବ୍ୟ ଚେତନାକୁ କରିଛି ଉନ୍ମଥ ଏବଂ ମନ୍ମଥ । ସେଇଥିପାଇଁ ତ ସେ କହନ୍ତି - 'ଦିନେ ସମୟ ଆସିବ/ତୁମେ କେହି ନ ଥିବ /ମୁ କିନ୍ତୁ ଥିବି ସେହି/ ବହି ସବୁର କବିତା ଭିତରେ।' (ପୃଷ୍ଠା-୩୫)

କବି ରଞ୍ଜନ ବାଗଙ୍କର କବିତା ସର୍ଜନା ପ୍ରତି ରହିଛି ଅଙ୍ଗୀକାର ବଦ୍ଧତା, ରହିଛି ନିଜସ୍ୱ ବିଚରଣ ଭୂମି ଠାରୁ ବିଶ୍ୱ ସଂଚାରଣ ର ସ୍ୱର୍ଶ । ବୋଧହୁଏ ଏଇଥିପାଇଁ ତାଙ୍କ ଶବ୍ଦରେ ରହିଛି ପ୍ରଚଣ୍ଡ ବିସ୍ଫୋରଣ । ସ୍ୱପ୍ନ ଏବଂ ଆଶାବାଦର ଚିତ୍ର ଓ ଚରିତ୍ର ।






କବି ରଂଜନଙ୍କ କବିତାର ନକ୍ସାରେ ରହିଛି ତୁର୍କୀରୁ ବାହାନଗା, ଯେଉଁଠି ସେଦିନ ରେଳ ଦୁର୍ଘଟଣା ତମାମ ବିଶ୍ୱ କୁ ସ୍ତବ୍ଧ କରିଦେଇଥିଲା । କବି ସେଦିନର ସେଇ ସ୍ମୃତିକୁ ସାଉଁଟିଛନ୍ତି । ଏ ସବୁ ଭିତରେ କବି କୋମଳ ବିଦ୍ରୋହ ବି କରିଛନ୍ତି ତଦନ୍ତ ପ୍ରକ୍ରିୟା ଉପରେ । ଏଠି ଝିଣ୍ଟିକା ମାନେ ବଳି ପଡ଼ନ୍ତି ମାତ୍ର ବଣି ଚଢ଼େଇମାନେ ଚୁପ ଚାପ ଉଡି ଯାନ୍ତି । ସୁଦୂର ନୀଳ ଆକାଶକୁ । ଏଇମିତି ଏକ ଅପ୍ରିୟ ସତ୍ୟ ବଚନକୁ ପ୍ରକାଶ କରିବାରେ କୁଣ୍ଠା ପ୍ରକାଶ କରି ନାହାନ୍ତି କବି ରଞ୍ଜନ ବାଗ ।

କବିଙ୍କ 'କାଳଭଉଁରୀ'ଭିତରେ ମହାକାଳର ବିଭୀଷିକାମୟ ଦୃଶ୍ୟକୁ ବର୍ଣ୍ଣନା କରିଥିଲା ବେଳେ 'ଆସ ଖୋଜିବା'କବିତା ଆଣ୍ଠୁ ଉପରେ ଲୁଗା ଏବଂ ଗୋଲ ଚଷମା ପିନ୍ଧିଥିବା ସେଇ ଶୀର୍ଣ୍ଣ ମଣିଷଟିକୁ ଖୋଜିବାର ଆହ୍ୱାନ ଦେଇଛନ୍ତି କବି । ଶୋଷିତ ମାନଙ୍କର କଥା ବଖାଣୁ ଥିବା ବର୍ବରା ରାଓଙ୍କୁ ସ୍ମରଣ କରିବାକୁ ଭୁଲି ନାହାନ୍ତି ସେ ।

କବି ରଞ୍ଜନ ବାଗଙ୍କ ପ୍ରତିଟି କବିତା ପ୍ରଜ୍ଞା ପ୍ରାଣର ଚେତନାକୁ ସଫେଦ ସକାଳ ପରି ପ୍ରଦର୍ଶିତ କରିବାର ଭରପୂର ପ୍ରୟାସ କରିଛନ୍ତି । ରାତି କଣ ପାହିଗଲା, ସପ୍ତମ ଋତୁ, ମୋ ଦେଶ, ପୁରୁଷାକାର -୧୦ ଆଦି କବିତା ଭିତରେ ଜୀବନକୁ ନୂଆ ଢଙ୍ଗରେ ଦେଖିବା ଓ ପରଖିବାର କବିତ୍ୱ ଚାତୁର୍ଯ୍ୟ ରହିଛି । କବିତା ହୋଇଛି ତାଙ୍କ ପାଇଁ ଜୀବନର ଗୋଟିଏ ମମତାମୟ ଅଙ୍କୁରୋଦ୍ଗମ । ଜୀବନବାଦୀ କବି ରଞ୍ଜନ ବାଗ ଆପଣାର ନୈତିକ ସ୍ଥିତି ପ୍ରତି ସଚେତନ ରହି କବି ଧର୍ମ କୁ ବଞ୍ଚାଇ ରଖିବାର ପ୍ରୟାସ କରିଛନ୍ତି ।

କବି ରଂଜନଙ୍କ କାବ୍ୟିକ ଦୃଷ୍ଟି ଅଟକି ଯାଇଛି ବାଲେଶ୍ୱର ସହରର ଫାଣ୍ଡି ଛକ ଠାରେ, ଯେଉଁଠି ସେ ଏକ ଅସମ୍ପୂର୍ଣ୍ଣ ସ୍କେଚ ଅଙ୍କିଛନ୍ତି । ଅତୀତର ବାଲେଶ୍ୱର ଏବଂ ଆଜିର ବାଲେଶ୍ୱର କିଭଳି ଚଳମାନ ସମୟ ସହିତ ଗତିବେଗ **speed** ଯାହା ଏଯୁଗର ଧର୍ମ, ତାହାହିଁ ଲକ୍ଷ୍ୟ କରିଛନ୍ତି କବି । ଏଠି ରାଜ୍ୟର ପ୍ରଥମ ଉଡ଼ନ୍ତା ପୋଲ ମଗର ମାଛ ପରି ଦୀର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ହାମୁଡେଇ ପଡିଛି । ବଦଳି ଯାଇଛି ବାଲେଶ୍ୱରର ସହରର ରାସ୍ତା ଘାଟର ମାନଚିତ୍ର । ତକାଳୀନ ବାଲେଶ୍ୱର ସହରର ଆଇନଜୀବୀ ବିଷ୍ଣୁ ମହାପାତ୍ର, କାଳିପଦ ଭଟାଚାର୍ଯ୍ୟ, ଶ୍ରମିକ ନେତା ନିକୁଞ୍ଜ ବସନ୍ତରେ, ଲାଲୁ ବାବୁ ଓରଫ ପ୍ରଦୀପ ଦାସ ଆଉ ନାହାନ୍ତି ଆଜି ମୁରବୀଶୂନ୍ୟ ହୋଇଯାଇଛି ବାଲେଶ୍ୱର ପୁରୁଣା ଘର ଭଙ୍ଗା ହୋଇ ନୂଆ ଥାନା ଏବଂ କୋଠା ନିର୍ମାଣ ହୋଇଛି । ବଦଳି ଯାଇଛି ବାଲେଶ୍ୱରର ସମ୍ପୂର୍ଣ୍ଣ ପାଣିପାଗ । ଜୟନ୍ତ ବାବୁ ବି ଆଜି ନାହାନ୍ତି, କେବଳ ଅଛି କୁ-ଖ୍ୟାତ ଲଜ ମୂକସାକ୍ଷୀ ପରି।

ଏଇଠି କୁ-ଖ୍ୟାତ ଶବ୍ଦଟି ଭିତରେ ଅତୀତରେ ବଦନାମ ଜୟନ୍ତ ଲଜର କଥା କହିବାକୁ ସାମାନ୍ୟ ବି କୁଣ୍ଠା ବୋଧ କରିନାହାନ୍ତି ।

କବିଟିଏ ତ୍ରିକାଳ ଦ୍ରଷ୍ଟା । ସେ ଦେଖିପାରେ ଅତୀତକୁ , ବର୍ତ୍ତମାନକୁ ପୁଣି ଭବିଷ୍ୟତକୁ ।

ତେବେ କବି ରଂଜନବାଗଙ୍କର ଓମିକ୍ରିନ, ପୁରୁଷାକାର-୧୧, ଶାରଣାର୍ଥୀ, ପୁନଶ୍ଚ ଭଗୀରଥ, ବାଲେଶ୍ୱର ଡାଏରି :ଆଇ ଟି ଆଇ ଛକ, ବର୍ଷା ଓ ଯୁବତୀ ସବୁ ଶବ୍ଦ ନିଖୋଜ ଏବେ ପୁନର୍ଜନ୍ମ, ମାତ୍ର ନ ସେକେଣ୍ଡ, ନିଘୋଡ଼ ନିଦରେ, ଶୀତ ଆସିବାର ବେଳ, ବାଲେଶ୍ୱର ସିନେମା ଛକ : ଫ୍ଲାକ୍ସ ବେକ ସ୍କେଚ, କୁଆଡେ ଗଲେ ଶ୍ରୀଦେବ ଭଳି କବିତା ଭିତରେ ଅଛି ଜୀବନ ଚେତନାର ସ୍ଫୁରଣ, ମାନବୀୟ ସଂପର୍କର ନବ ମୂଲ୍ୟାୟନ, ନିବିଡ଼ ଆଶାବାଦର ଉଜ୍ଜୀବନ, ସମାଜ ଚେତନାର କଳାତ୍ମକ ଅଭିବ୍ୟକ୍ତି, କବି ମାନସ ଭୂମିରେ ବ୍ରହ୍ମଣ୍ଡୀୟ ଉପଲବ୍ଧି ର ବିସ୍ତାର ସର୍ବୋପରି ରୋମାଣ୍ଟିକ ଚେତନାର ସ୍ୱର ଓ ସଂଳାପ ।

କବି ରଞ୍ଜନ ବାଗଙ୍କ 'ବାପା' କବିତାରେ ସ୍ୱପ୍ନ ଭଙ୍ଗର କରୁଣ ସ୍ୱୀକାରୋକ୍ତି ଏବଂ ଶବ୍ଦର ଏକ ସ୍ୱଷ୍ଟ କନଫେସନ ହୋଇ ଠିଆ ହୋଇଛି। ନିରୋଳା ଶବ୍ଦ, ଜୀଜିବିଷାର ସ୍ୱପ୍ନ ଭିତରେ କବିଙ୍କ ସ୍ୱର ଖୁବ କ୍ଷିପ୍ର ହୋଇଛି । ଚୁପ ରୁହ ଭାରତ ଗଢ଼ା ଚାଲିଛି, ମାଆ ମାଟି ଓ ଆକାଶ ଭିତରେ ସମସାମୟିକ ସମାଜର ଆଖି ଦେଖା କାହାଣୀ ପରସିଛନ୍ତି । ଯେମିତି-'ରାତେରାତ ବଦଳି ଯାଉଛି ଆଇନ/ବିଚାର ପୂର୍ବରୁ ମୃତ୍ୟୁ ଦଣ୍ଡ ପାଇଁ/ ଏବେ ତୟାର ରୁହ ।'(ପୃଷ୍ଠା୧୧)

ଏଠି ଜଙ୍ଗଲ ହେଉ ବା ଜନପଦ ପ୍ରତି ମୁହୂର୍ତ୍ତରେ ପୋଡି ହୋଇ ଯାଉଛନ୍ତି ପଶୁ, ପକ୍ଷୀ, ସରୀସୃପ ଏବଂ ଅସଂଖ୍ୟ ମଣିଷ । ଏଇମିତି ଏକ ଦୃଶ୍ୟ କବିଙ୍କୁ କରିଛି ବିଚଳିତ । ନୂଆ କିଛି ଗଢିବା ନାଁ ରେ ଧ୍ୱଂସ ପ୍ରାୟ ସମୃଦ୍ଧ ସଭ୍ୟତାର କବର ଉପରେ ମୁଣ୍ଡ ଟେକୁଛି ଦିଶାହୀନ ଦର୍ଶନର ପ୍ରୟୋଗ ଶଳା । କେବଳ ସେତିକି ନୁହେଁ, ଅଫିମ ନିଶାରେ ଆଜିର ଯୁବକ ଟଳମଳ । କେବଳ ଭୋଟ ବ୍ୟାଙ୍କର ରାଜନୀତି । ସ ତରେ ଆମେ କେଉଁ ଆଡକୁ ଯାଉଛୁ, ଯେଉଁଠି କାଳସର୍ପ ଫଣା ଟେକିଛି । ଚାରିଆଡେ ବିଷର ଫୁତ୍କାର । ସଭିଏଁ ଆତଙ୍କିତ । ଝଡ ପୂର୍ବରୁ ଖେଳି ଯାଇଛି ନିରବତା । ତେଣୁ କବି କଣ୍ଠ ତୋଳିଛି - 'ଚୁପ ରୁହ !ଚୁପ ରୁହ ! ଗଢ଼ା ଚାଲିଛି ନୂଆ ଭାରତ' (ପୃଷ୍ଠା୧୨)

କବି ରଞ୍ଜନ ବାଗ ସାମ୍ପ୍ରତିକ ସମୟର ବୟସ୍କ ଓ ତରୁଣ ସମସ୍ତ କବିଙ୍କ ସ୍ୱରରେ ଏକ ମିଶ୍ର ଭାବନା (**mixed feelings** ) କାବ୍ୟ ପରମ୍ପରାସହିତ ଯୋଗସୂତ୍ର ସ୍ଥାପନ କରିବା ଏକ ଆଶ୍ୱାସନା ର ବିଷୟ ନିଶ୍ଚୟ । ସେଇଥି ପାଇଁ ତ କବି ଆଶା ରଖିଛନ୍ତି 'ମୁ ଦିନେ ଫେରିବି ନିଶ୍ଚୟ' କବିତାରେ । କବି ରବି ଠାକୁର ଏବଂ କୁନ୍ତଳା କୁମାରୀଙ୍କ ପରି ଆଶାବାଦୀ ହୋଇଛନ୍ତି। ସେ ନିଶ୍ଚୟ ଫେରିବେ -'ଏ ମାଟି ଓ ମଣିଷ ପାଖକୁ।' ଜନ୍ମ ମୃତ୍ୟୁର ରହସ୍ୟ ଭିତରେ ବି କବି ଅନ୍ଧାରର ଗର୍ଭ ଗୃହରୁ ପୁଣି ବଳଙ୍ଗ ନଦୀର ଧାରେ ଧାରେ, ହସୁଥିବା କାଶତଣ୍ଡିର ସମ୍ଭାର ଭିତରେ ଖୋଜି ଖୋଜି ନିଶ୍ଚୟ ଫେରିବେ, ଠିକ୍ ସକାଳର ଶୁଭ୍ର ଗୋଲାପଟିଏ ପରି । ସତରେ କବି ରଂଜନଙ୍କ କାବ୍ୟ ପୁରୁଷ ପାଶୋରି ହେଉ ନ ଥିବା ସ୍ୱପ୍ନ ଓ ପ୍ରବଣତା, ଆବେଗ, ଅସ୍ତିତ୍ୱର ବିରଳ ଅନୁଭବ ଏବଂ ନାନାବିଧ ଚିତ୍ରକଳ୍ପ ଓ ବିମ୍ବର ଆଶ୍ରୟରେ ଚହଟି ଉଠିଛି । କବିତାରେ କବିଙ୍କ ବକ୍ତବ୍ୟ ଯାହାବି ହେଉ, ପ୍ରକାଶ ଭଙ୍ଗୀ ଏବଂ ଶବ୍ଦ ସଜା ହିଁ ପାଠକ ମାନଂକୁ ଅଧିକତର ଭାବ ବିହ୍ୱଳ କରିଛି । ମନେହୁଏ କବି ରଞ୍ଜନ ବିବିଧ ଉପଲବ୍ଧିର ସ୍ୱରରେ ପାଠକମାନଙ୍କୁ ସତେ ଯେମିତି ବାନ୍ଧି ପକାଇଛନ୍ତି । ବ୍ୟକ୍ତିଗତ ଭାବେ ମୁ ତାଙ୍କର କବିତା ଗୁଡିକୁ ପାଠ କରି ଅନେକତ୍ର ହୋଇଛି ବିଭୋର, ହୋଇଛ ମନ୍ତ୍ରମୁଗ୍ଧ । ଶବ୍ଦର ବୈଚିତ୍ର୍ୟ ଏବଂ ବହୁ ଭିନ୍ନ ବିଶିଷ୍ଟତାକୁ ଆକଳନ କରି ସରିବା ପରେ **structuralism, post structuralism,stylistic** ପ୍ରଭୃତି ଆଧୁନିକତା ର ସମାଲୋଚନା ଧାରାରେ ବିଶ୍ଳେଷଣ କଲାବେଳେ କବି ରଞ୍ଜନଙ୍କ ବହୁବିଧ ବିଦଗ୍ଧ ପାଠକର ପ୍ରାଣକୁ ଯେ ଅନାୟାସରେ ସ୍ୱର୍ଶ କରିପାରିବ,ଏଇ କଥାକୁ ମୁଁ ଜୋର ଦେଇ କହି ପାରେ ।

'ମୁଁ ଦିନେ ଫେରିବି ନିଶ୍ଚୟ 'କବିତା ସଙ୍କଳନରେ କବି ରଂଜନଙ୍କ ଜୀବନ ରାଗ ଏବଂ ଆଶାବାଦର ଉପସର୍ଗ ପ୍ରତି ଦୁର୍ବଳତା ଆଲୋକର **fade in ,fade out** ପଦ୍ଧତି ଓ ନିଜ ଚିନ୍ତା ଓ ଚେତନା ର କଳାତ୍ମକ ଅଭିବ୍ୟକ୍ତି ଖୁବ ଚମତ୍କାର । ଏଥିରେ ନା ଅଛି ଛଳନା !ନା ଅଛି ପ୍ରତାରଣା ! **Hypocracy!**ଏକାନ୍ତ ନିଜସ୍ୱ ଚିନ୍ତାଧାରା । ମାପଚୁପ ଶବ୍ଦ , ସର୍ବୋପରି ସାମ୍ପ୍ରତିକ କବିତାର ବାଦ ବିବାଦରୁ ବାହାରି ଏକ ସହବସ୍ଥାନ କବିତା କକ୍ଷ ର ପରିକଳ୍ପନା କରିଛନ୍ତି । ଯାହା ସଂକଳିତ ଭାବାବେଗ **ground zero** ରୁ ଆରମ୍ଭ ହୋଇ ସମକାଳ ସମାଜ ଆଡକୁ ସଂଚରି ଯାଇଛି। କବିତାଗୁଡିକର ଆଙ୍ଗିକ, କଳାପକ୍ଷ, ଭାବ ପକ୍ଷ ବେଶ ସଫଳ ଭାବେ ଉତ୍ତରିଛି କବିଙ୍କ ହାତରୁ । ଏଥିରେ କ୍ଲାନ୍ତି କର ପ୍ରବଚନ ବା ଦୁର୍ବୋଧ ଶବ୍ଦ ବସାଣର ଗୁରୁଭାର ଅନୁପସ୍ଥିତ । ଏକ ନିଚ୍ଛକ ଭାବାବେଗ ସହିତ ବିଶୁଦ୍ଧ ବିଶ୍ୱାସ 'ମୁ ଦିନେ ଫେରିବି ନିଶ୍ଚୟ ?' କବିତା ସଙ୍କଳନଟିକୁ ରସୋତୀର୍ଣ୍ଣ କରିପାରିଛି।

❤ ସଲଟରୋଡ, (କଦ୍ରାବାଦ)
ସୁନହଟ,ବାଲେଶ୍ୱର-୨

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୮ ଫେବୃଆରୀ ୨୦୨୪
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



ଚେତନାର ଦର୍ପଣ - ୧୮

# ଆଶାର ନଦୀ



♥ ଲଳିତ ମୋହନ ମିଶ୍ର

ଏମିତି କୌଣସି ଗଛ ଫୁଲ ପତ୍ର ଡାଳ ନାହିଁ ଯେଉଁଥିରେ କି ଔଷଧୀୟ ଗୁଣ ନାହିଁ । ଏମିତି କୌଣସି ମଣିଷ ନାହିଁ ଯାହାର ଭଲ ଗୁଣ କିମ୍ବା ଖରାପ ଗୁଣ ନାହିଁ । ତେଣୁ ଆମେ ସମସ୍ତଙ୍କୁ ଖରାପ କହିବା ଠିକ୍ ନୁହେଁ । ଭଗବାନଙ୍କ ଦୁନିଆରେ ଏକ ଆଶାର ନଦୀ ପ୍ରବାହିତ ହେଉଅଛି । ଆଶା ଏକ ଜହ୍ନରାତି । ଆଶା ଅଶିଣର ଭରା ଧାନକ୍ଷେତ । ଆଶା ଏକ ନୀଳପକ୍ଷୀ । ଆଶା ସପନର ମିଠାମିଠା ଗୀତ । ଆଶା ଏକ ଲମ୍ବା ପଥ, ଯାହାର ନାହିଁ ଅନ୍ତିମ ଦିଗନ୍ତ । ଆଶା ଏକ ସୁଶୋଭନ ତରୀ ଏବଂ ସେ ବିଶ୍ୱାସର ନେତ । ଆଶା ଏକ ମଧୁରାତି, ଉଡେ ଯହିଁ ପ୍ରିୟାର ପଣତ । ଆଶା ଏକ ଜଉମୁଦ ଚିଠି, ଖୋଲିଦେଲେ ବହିବ ବସନ୍ତ । ଆଶା ଏକ ପ୍ରଜାପତି ଛୁଉଁ ଛୁଉଁ ଉଡିଯାଏ । ଆଶା ଏକ ଜିଇଁବାର ନିଶା, ଭୁଲିସବୁ ଉଦାସୀ ଅତୀତ । ତେଣୁ କାହାକୁ ଖରାପ କହିବା ପାଇଁ ତରବରିଆ ହୁଅନ୍ତୁ ନାହିଁ, ଏହି ଶିକ୍ଷା ଜୀବନରେ ଅନେକ ଥର ଆସେ । ମଣିଷକୁ ଚିହ୍ନିବା ଅତ୍ୟନ୍ତ କଷ୍ଟକର । ମଣିଷର ସମ୍ପୂର୍ଣ୍ଣ ଗୁଣକୁ ତା' ଜୀବନର ଗୋଟିଏ ଅଂଶକୁ ନେଇ ଆକଳନ କରିବା ଠିକ୍ ନୁହେଁ । ମଣିଷର ପରୀକ୍ଷା ପାରିବାରିକ ଜୀବନ ଏବଂ ସାର୍ବଜନୀନ ଜୀବନକୁ ଦୃଷ୍ଟି ଗୋଚର କରିବା ଉଚିତ୍ । ମଣିଷର ମନୋଭାବ ଜାଣିବା ଏକ ଜଟିଳ ସମସ୍ୟା । ସେ କେଉଁ ସମୟରେ କ'ଣ କରିବେ, କ'ଣ କହିବେ ତାହା କହିବା କଷ୍ଟକର। ଲର୍ଡ ରବର୍ଟସ୍ ଜଣେ ବାହାଦୁର ସେନାପତି , କିନ୍ତୁ ସେ ବିଲେଇଙ୍କୁ ଭୟ କରୁଥିଲେ । ବିଲେଇକୁ ଡରୁ ଥିବାର ଦେଖି କିଏ କହି ପାରିବ ତାଙ୍କୁ ଏତେବଡ଼ ସାମ୍ରାଜ୍ୟର ସେ ସେନାଧକ୍ଷ ? ତେଣୁ କାହାର କେଉଁଠି ଦୁର୍ବଳତା ? ତାକୁ ଦେଖି ତାଙ୍କର ଜୀବନ ଚରିତ୍ର ଉପରେ ସନ୍ଦେହ କରିବା ଉଚିତ ନୁହେଁ। ଆମର ନୀତି ହେବା ଉଚିତ୍, ଯେତେବେଳ ପର୍ଯ୍ୟନ୍ତ ଆମେ ତାକୁ ବ୍ୟକ୍ତି ଚୋର ବୋଲି ପ୍ରମାଣ ନ କରିଛେ ସେତେବେଳ ପର୍ଯ୍ୟନ୍ତ ତାଙ୍କୁ ବିଶ୍ୱାସ କରନ୍ତୁ। ଦାର୍ଶନିକ ହର୍ବର୍ଟ ସ୍ପେନ୍ସର କହିଛନ୍ତି, ଯିଏ ଅବିଶ୍ୱାସରେ ଜୀବନ ଆରମ୍ଭ କରେ, ସେ ନିଜ ଜୀବନକୁ ଏବଂ ଅନ୍ୟର ଜୀବନକୁ ଦୁଃଖମୟ କରିଦିଏ । ତେଣୁ ସଂସାରରେ ବିଶ୍ୱାସର ସହିତ କାର୍ଯ୍ୟ କର । ତା ଦ୍ୱାରା ଦୁନିଆଟି ସତ୍ୟ ଭାବରେ ଚାଲିବ । ଭଗବାନଙ୍କ ଦୁନିଆରେ ଆଶାର ନଦୀ ପ୍ରବାହିତ ହେଉଅଛି । କେହି ସେଥିରୁ ଗୋଟିଏ ଲୋଟାରେ ଭର୍ତ୍ତି କରି ଆଣୁଛି, କିଏ ମାଠିଆରେ, ଆଉ କିଏ ଗରାରେ । କିଛି ଅଭାବୀ ଦୁଃଖୀ ଲୋକ ନଦୀର ପ୍ରବାହକୁ ଦେଖି ରହିଯାଆନ୍ତି । କିନ୍ତୁ ସେମାନେ ସେହି ଜଳରେ ଆଚମନ କରିବାର ମଧ୍ୟ ସୌଭାଗ୍ୟ ଅର୍ଜନ କରି ନାହାଁନ୍ତି। କୌଣସି ବ୍ୟକ୍ତିକୁ ତରବରିଆ ଭାବରେ ବିଚାର କରିବା ସହଜ କାମ ନୁହେଁ । ପ୍ରମାଣ ନ ମିଳିଲା ପର୍ଯ୍ୟନ୍ତ କାହା ବିଷୟରେ ଏକ ନିର୍ଦ୍ଦିଷ୍ଟ ମତାମତ ଦେବା ଠାରୁ ଦୂରେଇ ରହିବା ଉଚିତ୍ । ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନର ପ୍ରତିଟି ଦିଗ ଦୁର୍ବଳ କିମ୍ବା ଶକ୍ତିଶାଳୀ ନୁହେଁ । ତେଣୁ ଜଣେ ବ୍ୟକ୍ତିଙ୍କୁ ଚିହ୍ନିବା ବେଳେ ତା ପ୍ରତି ଉଦାର ମନୋଭାବ ପୋଷଣ କରିବା ଦରକାର।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୧୬)

## ଆଉ କେତେଥରର ବନ୍ୟା ବିପତ୍ତି

**ରାତି ବଢ଼ିବା ସହିତ ବନ୍ୟାପାଣିର ଘୁ'ଘୁ' ଶବ୍ଦ ମନରେ ଭୟ ସଂଚାର କରୁଥାଏ । ଫୋନ କରି ବନ୍ୟା ପରିସ୍ଥିତି ସଂପର୍କରେ ନାଟୁ ସହିତ ଆଲୋଚନା କଲି । ନୌକାଘାଟ ବନ୍ଦ ଥିବାରୁ ସେ ନଳଗଜା ଦେଇ ବୁଲାଣିଆ ରାସ୍ତାରେ ଘରକୁ ଆସିବ କହିବାରୁ ମୁଁ ତାକୁ ମନାକଲି କାରଣ ଶାଞ୍ଜିପୁର ସଡକରେ ତାରାଦିଘି ଗାଁ ପାଖରେ ପ୍ରବଳ ବେଗରେ ବନ୍ୟାପାଣି ବୋହୁଥାଏ। ସୁଅବି ପ୍ରଖର । ତେଣୁ, ସେଠାରେ ପାରିହେବା ସମ୍ଭବ ନୁହେଁ।**

### (କ)୨୦୦୭ର ବନ୍ୟା

ଜୁଲାଇ ମାସ ୦୪ତାରିଖ ବୁଧବାର-- ଆଷାଢ଼ କୃଷ୍ଣପକ୍ଷ ଚତୁର୍ଥୀ ତିଥି । ଜୁନ ୩୦ତାରିଖରେ ସ୍ନାନ ପୂର୍ଣ୍ଣିମା ଯାଇଥାଏ । ମାତ୍ର ସେଦିନ ବା ତା'ପର ଦୁଇଦିନ ଆମ ଅଞ୍ଚଳରେ ପାଗ ଶୁଖିଲା ଥିଲା ।

ସେତେବେଳେ ମୁଁ ପ୍ରାୟତଃ ରାଇବଣିଆ ଦୁର୍ଗ ସଂପର୍କରେ ଲେଖିବାରେ ବ୍ୟସ୍ତ ରହୁଥିଲି। ଚାଷବାସ କାମ ଠିକ୍ ଭାବରେ ଚାଲିଥାଏ ।

୦୩ ତାରିଖ ରାତିରୁ ବର୍ଷା ଆରମ୍ଭହେଲା -ପ୍ରଥମେ ଝିପିଝିପି, ତାପରେ ଜୋରରେ । ତା'ସହିତ ପବନର ବେଗ ବଢ଼ିଲା । ତେଣୁ ସେଇ ରାତିରୁ ବିଜୁଳି କରେଣ୍ଟ ଯୋଗାଣ ବନ୍ଦ ହୋଇଗଲା ।

୦୪ତାରିଖ ସକାଳ ଓଳି ବି ବର୍ଷା ଲାଗିରହିଲା । ତେବେ ଉପରଓଳିକୁ କମିଗଲା । ଛତାନେଇ ସଡକ ଆଡେ ବୁଲିବାକୁ ଗଲି । ଅନେକ ଲୋକଙ୍କ ସହିତ ସାକ୍ଷାତ ହେଲା । ସରପଞ୍ଚ ପଦରୁ ବିଦାୟ ନେଇଥିଲି ପ୍ରାୟ ୩୭ବର୍ଷ ତଳେ । କିନ୍ତୁ ଲୋକଙ୍କ ସୁଖଦୁଃଖ ସହିତ ଜଡିତ ହେବାର ଅଭ୍ୟାସ ସେଯାଏ ରହିଥିଲା । ତେଣୁ, ସେମାନଙ୍କ କ୍ଷୟକ୍ଷତି, ଅଭାବ ଅସୁବିଧା ସଂପର୍କରେ ସ୍ୱଭାବତଃ ପଚାରି ବୁଝୁଥାଏ । ମୋ ବୁଦ୍ଧି ଅନୁସାରେ ପ୍ରତିକାରର ବାଟ ବି ଦେଖାଉଥାଏ ।

ସେଇଠାରେ ଶୁଣିଲି ଯେ ଆମ ଗାଁର ପୂର୍ବପାଖ ବର୍ଷାପାଣିରେ ବୁଡିଗଲାଣି ଓ ଗାଆଁ ଭିତରକୁ ପାଣି ପଶୁଛି । ଅନୁମାନ କଲି, ରାତି ପାହିଲାବେଳକୁ ଗାଆଁର ପଶ୍ଚିମପାଖ ବି ବୁଡିଯିବ ।

ଆଶଙ୍କା ସତ୍ୟରେ ପରିଣତ ହେଲା । ୦୫ତାରିଖ ଗୁରୁବାର ଦିନସାରା ବର୍ଷା ଲାଗିରହିବା ଫଳରେ ଓ ଉପର ମୁଣ୍ଡରୁ ପାଣି ବୋହି ଆସିବା ଯୋଗୁଁ ସନ୍ଧ୍ୟା ସୁଦ୍ଧା ଚତୁର୍ଦ୍ଦିଗ ଜଳମୟ ହୋଇଗଲା । ଶାନ୍ତିପୁର ସଡକ ବି ବୁଡିଯାଇଥାଏ ।

ରେଡିଓରେ ବନ୍ୟାର ସତର୍କ ସୂଚନା ଘଡିକୁଘଡି ପ୍ରଚାର ହେଉଥାଏ ୦୫ତାରିଖ ଦିନସାରା। (ଜୋରରେ ବର୍ଷା ହେଲେ ଓ ପବନ ବୋହିଲେ ଆମ ଅଞ୍ଚଳରେ ବିଜୁଳି କରେଣ୍ଟ ରହେନି । ତେଣୁ ବନ୍ୟା ଆଶଙ୍କା ଥିଲେ ଲୋକେ ବେଟାରିରେ ଚାଲୁଥିବା ରେଡିଓ ବ୍ୟବହାର କରନ୍ତି, ଟି.ଭି.ନୁହେଁ । ସୁତରାଂ ଅଧିକାଂଶ ଲୋକଙ୍କ ଘରେ ଉଭୟ ଟି.ଭି. ଓ ରେଡିଓ ରହିଥାଏ।)

୦୬ତାରିଖ ଭୋର ୦୪ଟାରୁ ବର୍ଷା ସଂପୂର୍ଣ୍ଣ ରୂପେ ଛାଡିଗଲା, ଗରମ ବି ବଢ଼ିଲା । ସୂର୍ଯ୍ୟୋଦୟ ପରେପରେ ବନ୍ୟାଜଳ ଆମ ଗାଆଁ ଚାରି ପାଖରେ ଘେରିଗଲା, ଗାଆଁ ଭିତରେ ବି ପାଣି ପଶିଲା। ଭଣଜାବୋହୂ ଓ ନାତି ଆନନ୍ଦ ଜଳେଶ୍ୱରରେ ରହୁଥିବାରୁ ନାଟୁ ଜଳେଶ୍ୱର ଓ ଜୋଇଁ ବଳରାମ ତାଙ୍କ ଘର ଶିଖରପୁରକୁ ଚାଲିଗଲେ ।

ରାତିସାରା ଆମଗାଆଁରେ କେହି ଶୋଇପାରି ନଥିଲେ। ପହଣା ଗଡିଆ ଚାରିପାଖରେ କିଏ ଜାଲ ଘେରାଉ ଥାଏତ ଆଉ କିଏ ଘର ଭିତରକୁ କିମିତି ପାଣି ନପଶିବ, ସେପାଇଁ ଯତ୍ନ କରୁଥାଏ। ଆଉ କିଛିଲୋକ ଆଗାମୀକାଲି ମାଛ ଧରିବାର ବନ୍ଦୋବସ୍ତ କରୁଥାନ୍ତି ।

ରାତି ବଢ଼ିବା ସହିତ ବନ୍ୟାପାଣିର ଘୁ'ଘୁ' ଶବ୍ଦ ମନରେ ଭୟ ସଂଚାର କରୁଥାଏ ।

ଫୋନ କରି ବନ୍ୟା ପରିସ୍ଥିତି ସଂପର୍କରେ ନାଟୁ ସହିତ ଆଲୋଚନା କଲି । ନୌକାଘାଟ ବନ୍ଦ ଥିବାରୁ ସେ ନଳଗଜା ଦେଇ ବୁଲାଣିଆ ରାସ୍ତାରେ ଘରକୁ ଆସିବ କହିବାରୁ ମୁଁ ତାକୁ ମନାକଲି କାରଣ ଶାନ୍ତିପୁର ସଡକରେ ତାରାଦିଘି ଗାଁ ପାଖରେ ପ୍ରବଳ ବେଗରେ ବନ୍ୟାପାଣି ବୋହୁଥାଏ। ସୁଅ ବି ପ୍ରଖର । ତେଣୁ ସେଠାରେ ପାରିହେବା ସମ୍ଭବ ନୁହେଁ। ରାତିସାରା ସିଏ ଓ ବଳରାମ ଆମ ଘରକୁ ବାରବାର ଫୋନ୍ କରୁଥାନ୍ତି । ଏତଦ୍‌ବ୍ୟତୀତ ମିଲିଟାରୀ ବଜାରରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାୟକ, ପେଣ୍ଡରାସାହିରୁ ଗୌରାଙ୍ଗ ଦାସ, ବାଲେଶ୍ୱରରୁ କାଳୀପଦ ପଣ୍ଡା ଏବଂ ଆହୁରି ଅନେକ ବନ୍ଧୁ ଫୋନକରି ଆମ ଅବସ୍ଥା ସମ୍ପର୍କରେ ପଚାରୁଥାନ୍ତି । ସେତେବେଳକୁ ଆମ ଗାଆଁ ଚାରିପାଖରେ ପାଣି ଆଉ ପାଣି ଓ ପାଣିର ସୁଅ । ବନ୍ୟାଜଳରେ ଆମେ ବନ୍ଦୀ ହୋଇସାରିଥିଲୁ। ଅର୍ଥାତ୍ ପୂର୍ବରେ ନଦୀ, ଦକ୍ଷିଣ, ଉତ୍ତର ଓ ପଶ୍ଚିମରେ ବନ୍ୟାପାଣି ଦ୍ୱାରା ଆମେ ଆବଦ୍ଧ ହୋଇସାରିଥିଲୁ । ଆପଦ ବିପଦରେ ଗାଆଁ ବାହାରକୁ ଯିବା ସମ୍ଭବ ନଥିଲା । ସରକାରଙ୍କ ତରଫରୁ ବି କିଛି କରାଯାଇ ନଥିଲା । ବନ୍ୟାରେ ଆକ୍ରାନ୍ତ ଅଞ୍ଚଳ କହିଲେ ସେମାନେ ନଦୀର ପୂର୍ବପାଖରେ ଥିବା ଜଳେଶ୍ୱର ବ୍ଲକର ଅବଶିଷ୍ଟ ଅଞ୍ଚଳକୁ ହିଁ ବୁଝୁଥିଲେ। ଏବେ ନଦୀରେ ଦୁଇଟିପୋଲ ହୋଇଯିବା ପରେ ସେ ପରିସ୍ଥିତିର ପରିବର୍ତ୍ତନ ହୋଇଛି ।

ଯାହେଉ ଦିନ ପ୍ରାୟ ୧୨ଟାଯାଏ ପାଣି ବଢ଼ିବାପରେ କମିବାକୁ ଲାଗିଲା । ପାଣି ବଢୁଛି କି କମୁଛି ଜାଣିବା ପାଇଁ ଗାଆଁର ପିଲା ଓ ସାଧାରଣ ଲୋକେ ଗାଁକୁ ଆସିଥିବା ବଢ଼ିପାଣିର ଶେଷ ମଥାରେ କାଠି ପୋତନ୍ତି। ପାଣି ବଢୁଥିଲେ, ସେ କାଠିର ଆଗକୁ ପାଣି ମାଡିଯାଏ, କମୁଥିଲେ ପାଣି ପଛକୁ ଚାଲିଯାଏ । ଉଭୟ କ୍ଷେତ୍ରରେ ଯଥାକ୍ରମେ ଲୋକେ ଦୁଃଖ କରନ୍ତି ବା ଖୁସିରେ ନାଚନ୍ତି। ଏବେ ଫୋନ ପ୍ରଚଳିତ ହୋଇଯିବାରୁ ଲୋକେ ସିଧାସଳଖ ବ୍ଲକରୁ ଓ ରାଜଘାଟର ଜଳ ସମ୍ପଦ ଅଫିସରୁ ବୁଝିନେଉଛନ୍ତି ।

ଏଥର ବନ୍ୟାପ୍ଲାବିତ ଅଞ୍ଚଳରେ ନାହିଁ ନଥିବା କ୍ଷତି ହୋଇଥିବାର ଖବର ମିଳିଲା। ୧୯୭୭ ମସିହାର ବନ୍ୟାଠୁଁ ଏହା ଅଧିକ ପ୍ରଳୟଙ୍କରୀ ଥିଲା ବୋଲି ସମସ୍ତେ ମତଦେଲେ ।

ଆମ ଗାଆଁର ଜୟନ୍ତ ମହାନ୍ତି ଓ ତାରାଦିଘି ଗ୍ରାମର ଜଣେ ଯୁବକ ବନ୍ୟାପାଣି ସୁଅରେ ଭାସି ଯାଉଥିବା ବେଳେ ଉପସ୍ଥିତ କେତେଜଣ ଲୋକ ସେମାନଙ୍କୁ ଉଦ୍ଧାର କରିଥିଲେ ବୋଲି ଶୁଣି ଦୁଃଖ ପ୍ରକାଶ କଲି । (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ବାଲ୍ୟକାଳର ଆଶ୍ରୟ : ସ୍ୱଭାବ କବିଙ୍କ ଖଟ

ସ୍ମୃତି ଆଲେଖ୍ୟ

■ ପ୍ରଫେସର ମଣୀନ୍ଦ୍ର କୁମାର ମେହେର




କବିଙ୍କ ପରଲୋକ ପରେ ତାଙ୍କର ବ୍ୟବହୃତ ଖଟଟି ବ୍ୟବହାର କରିବାର ଅଧିକାର ରହିଥିଲା କେବଳ କବି ପୁତ୍ରଙ୍କର । ପୂଜ୍ୟ ପିତାମହ ସେଇ ଖଟରେ ଶୋଇ ରହିଥିବାବେଳେ ନିଶ୍ଚୟ ଏହାହିଁ ଅନୁଭବ କରୁଥିବେ ଯେ- ସତେ ଯେମିତି ପିତାମାତାଙ୍କ କୋଳରେ ସେ ଶାୟିତ । ଏହି ଅନୁଭବ ତାଙ୍କ ଭିତରେ ସୃଷ୍ଟି କରୁଥିଲା ଶାନ୍ତି ଓ ଅବର୍ଣ୍ଣନୀୟ ତୃପ୍ତି । ଏହା ଆଜି ଭାବିପାରୁଛି ମୁଁ ଅତୀତର ଦୃଶ୍ୟ ମନେ ପକାଇ ପକାଇ । ମୋ ବାଲ୍ୟକାଳରେ ଅପୂର୍ବ ସୌଭାଗ୍ୟ ମିଳିଥିଲା ମୋତେ। ସେହି ଖଟରେ ପୂଜ୍ୟ ପିତାମହଙ୍କ ସହିତ ଏକତ୍ର କିଛି କିଛି ସମୟ ଶୟନ କରିବା ପାଇଁ ।

ମୋତେ ସେତେବେଳେ ହେଉଥାଏ ତିନିଚାରି ବର୍ଷ ମାତ୍ର । ସନ୍ଧ୍ୟା ଯେତେବେଳେ ନଇଁ ଆସେ, ସେତେବେଳେ ପିତାମହ ସ୍ନେହାର୍ଦ୍ର କଣ୍ଠରେ ଡାକୁଥିଲେ ତାଙ୍କ ନିକଟକୁ ମୋତେ । ମା ମଧ୍ୟ ଅତ୍ୟନ୍ତ ଉଲ୍ଲସିତ ଚିତ୍ତରେ ପଠାଇ ଦେଉଥିଲେ- ଦାଦା ବା ଜେଜେଙ୍କ ନିକଟକୁ । ପ୍ରଶାନ୍ତ ଚିତ୍ତରେ ସେ ଶୋଇ ରହିଥାନ୍ତି । ମୋତେ ମୋ ପିଉସୀ ତାଙ୍କ ନିକଟରେ ଟେକି ନେଇ ଶୁଆଇ ଦିଅନ୍ତି । ସେହି ସମୟରେ ମୁଁ ପିତାମହଙ୍କ ନିକଟରୁ ଶୁଣିଥିଲି ସଂପୂର୍ଣ୍ଣ ରାମାୟଣର କାହାଣୀ । ମୋତେ ପାଖରେ ଶୁଆଇ ପିତାମହ ଅନୁଭବ କରୁଥିଲେ ଅବର୍ଣ୍ଣନୀୟ ଆହ୍ଲାଦ । ଆଉ 'ରାମାୟଣ'ର କଥାବସ୍ତୁ ଆରମ୍ଭ କରିଥିଲେ ମୋର ଶିଶୁ- ମାନସ ମଧ୍ୟକୁ ସଞ୍ଚରିତ କରିଦେବା ପାଇଁ । ଏହା ଯେ ସାରା ଜୀବନ ପାଇଁ ମୋର ସୁବର୍ଣ୍ଣ ସ୍ମୃତି ହୋଇ ରହିବ ଏହା ସେ ଭାବି ପାରିଥିବେ କି ନା ତାହା କହିବି ବା କିପରି ? ଯାହାବି ହେଉନା କାହିଁକି ନିଜ କର୍ତ୍ତବ୍ୟ ସମ୍ପାଦନ କରିଦେଇଛନ୍ତି, ଏହାରି ମାଧ୍ୟମରେ, ତାହା ଉପଲବ୍ଧି କରିପାରୁଥିଲି ଓ କରିପାରୁଛି ଅଧିକରୁ ଅଧିକ ଗଭୀରତର ଭାବରେ । ଯୌବନ କାଳରେ ଏହି ସ୍ମୃତି ସହିତ ପିତାମହ ସମସ୍ତ ସ୍ନେହପୂର୍ଣ୍ଣ ଉକ୍ତି ସାରାରାତି ମୋ ଆଖି ଦୁଇଟିକୁ କରିଦେଉଥିଲା ଅଶ୍ରୁସ୍ନା। ପାଖରେ ବାପା, ମା ଶୋଇ ରହିଥାନ୍ତି । ସେମାନଙ୍କୁ କେବେହେଲେ ଦେଖାଇ ନାହିଁ ମୋ ଆଖିର ଏହି ଉଷ୍ମ ଅଶ୍ରୁଧାରା । ବାପାଙ୍କ ପଛପଟକୁ କାନ୍ଥ ଆଡ଼କୁ ମୁହଁ କରି କାନ୍ଦୁଥିଲି ଯେପରି ବ୍ୟାକୁଳ ହୃଦୟରେ, ମୁଁ ଜାଣିଥିଲି ଏବେ ବି ଜାଣୁଛି ଯେ ମୁଁ କାନ୍ଦୁନଥିଲି । ବାସ୍ତବରେ ମୋର ଅନ୍ତରାତ୍ମା କ୍ରନ୍ଦନ କରୁଥିଲା ଯାହାକୁ ରୋକି ପାରିବାର ଶକ୍ତି ନଥିଲା ମୋ ଭିତରେ ।

ଯେହେତୁ ଆଜି କବିଙ୍କ ବ୍ୟବହୃତ ଖଟଟିର ପ୍ରସଙ୍ଗ ହିଁ ଉପସ୍ଥାପିତ ହେଉଛି ଆଉ ଅନ୍ୟ କଥା ବର୍ଣ୍ଣନା କରିପାରୁ ନାହିଁ ଏ ଅବସରରେ । କବିଙ୍କ ଖଟରେ ଛୋଟବେଳେ ଶୋଇଥିବା ସମୟରେ କବିପୁତ୍ରଙ୍କ ଠାରୁ ଶୁଣୁଥିଲି ରାମାୟଣର ଚିତ୍ତାକର୍ଷକ କାହାଣୀ । ଆଉ କେତେବେଳେ ଶୋଇଯାଉଥିଲି ନିଦ୍ରାଭିଭୂତି ତାହା ମଧ୍ୟ ଜାଣିବାର ଆଉ ଶକ୍ତି ନଥିଲା ମୋର । ସେହି ସମୟରେ କେତେଥର ଯେ କବିଙ୍କ ଖଟଟିକୁ ଆଉ ପିତାମହଙ୍କ ଶରୀରକୁ ନିଜ ଅଜାଣତରେ ମୁଁ କରିଦେଇଛି ଓଦା ତାହା ଜାଣିଛି ପରବର୍ତ୍ତୀ ସମୟରେ । ମୋର ସାନପିଉସୀ ପ୍ରଥମେ ଲେଖିଥିଲେ ଚିଠି ମୋ ଉଦ୍ଦେଶ୍ୟରେ । ସେଠି ସିଏ ଉପଦେଶ ଦେଇଥିଲେ କଞ୍ଚା ଶବ୍ଦ ବ୍ୟବହାର କରି ଦାଦାଙ୍କ ଖଟକୁ ଓଦା ନ କରିବା ପାଇଁ । ଚିଠିର ସେଇ ଗୋଟିଏ ବାକ୍ୟ ପଢ଼ି ହାସ୍ୟରୋଳରେ ସଙ୍ଗୀତମୟ ହୋଇଉଠିଥିଲା ଆମ ଗୃହ- ପରିସର । ଏବେ ବି ସେଇ ଧାଡ଼ିଟି ମନେ ପକାଇବା ମାତ୍ରକେ ଅନ୍ତର ଭିତରେ ଖେଳିଯାଏ ହସର ଅସଂଖ୍ୟ ଲହରୀମାଳା । କବିଙ୍କ ଖଟଟିକୁ ମୋର ଓଦା କରିଦେବା ଦ୍ୱାରା ପିତାମହ ଯେ ଦିନେବେଳେ ଯେତେବେଳେ ନେଇ ଆସନ୍ତି ଦାଦାଙ୍କ ପାଖରୁ, ସେତେବେଳେ ଓଦା ହୋଇଯାଇଥିବା ଖଟଟି ଉପରେ ଶୁଖିଲା ପରିଷ୍କାର ଚାଦର ପକାଇ ଦେବାପାଇଁ ଉଦ୍ୟତ ହେଲେ ଦାଦା କରି ଦେଉଥିଲେ ମନା । ସମଗ୍ର ରାତିଟି ସେହି ଓଦା ଖଟରେ ବି ଶୋଇରହି ଅନୁଭବ କରୁଥିଲେ ପ୍ରଗାଢ଼ ପରିତୃପ୍ତି। ଏହି ବିଷୟ ସବୁ ଶୁଣିବା ବେଳେ ମୋ ଭିତରେ ସୃଷ୍ଟି ଅମାପ । ମୁଁ ଯେ ଦିନେ ତାଙ୍କ ସ୍ନେହକୁ ଝୁରିହେବି ଏହା ସେ ହୁଏତ ଭାବିଥିବେ ବୋଲି ମନେ ହୁଏନାହିଁ । ତାଙ୍କ ସ୍ନେହ-ଧାରା ଥିଲା ଏକ ନିଃସ୍ୱାର୍ଥ ବାତ୍ସଲ୍ୟ ଭାବରେ ନିର୍ଝର । ମୁଁ ତାଙ୍କ ପାଖରେ ଶୋଇ ରହି ପ୍ରପିତାମହ କବି ଗଙ୍ଗାଧରଙ୍କ ଓ ପିତାମହ କବିପୁତ୍ର ଭଗବାନ ମେହେରଙ୍କ ସ୍ନେହ-ସୁଧାରେ ସ୍ନାନ କରୁଥିଲି।







ଗୋଟିଏ ସୁଯୋଗରେର ଦୁଇ ମହାନ ପିତାପୁତ୍ରଙ୍କ ସୁଗଭୀର ସାନ୍ନିଧ୍ୟ ଲାଭ କରିବା ଥିଲା ମୋର କି ଦିବ୍ୟ ସୌଭାଗ୍ୟ । ତାହା ବର୍ଣ୍ଣନା କରିବାର ଶକ୍ତି ମୋ ପାଖରେ ନଥିବା ସ୍ୱାଭାବିକ । ସେଦିନ ଦରୋଟି ଭାଷାରେ ଭାବ ପ୍ରକାଶ କଲାବେଳେ ଯେପରି ଥିଲି ମୁଁ ଅକ୍ଷମ ମୋର ଏ ସମସ୍ତ ଲେଖା ସେହି ଦରୋଟି କଣ୍ଠର ଖଣ୍ଡ ଖଣ୍ଡ ଉଚ୍ଚାରଣ ବୋଲି ମନେ ହୁଏ । ସେହି ଦରୋଟି ଭାଷା ଥିଲା ମୋ ପିତାମହଙ୍କ ପାଇଁ ଯେତିକି ସ୍ମୃତି ମଧୁର, ଆଜିର ସ୍ମୃତିଚାରଣ ବିଷୟରେ ସେ ଯଦି ଜାଣିପାରୁଥିବେ, ତେବେ ନିଶ୍ଚୟ ଅନୁଭବ କରିପାରୁଥିବେ ଯେ ମୋର ଅଧା କଥା ବ୍ୟକ୍ତ କରିପାରୁଥିବା ବେଳେ, ଅଧାରୁ ଅଧିକ ରହିଯାଉଛି ଅବ୍ୟକ୍ତ ହୋଇ । କବିଙ୍କ ସେହି ଖଟଟିକୁ ଦାଦାଙ୍କ ଚାଲିଯିବା ପରେ ଘରେ ଆଉ କେହି ମଧ୍ୟ ବ୍ୟବହାର କରିନାହାନ୍ତି । ତାହା ପୂଜାର ସାମଗ୍ରୀ ହୋଇ ରହିଛି ଘରେ । ବରପାଲିରେ ଥିବା ପର୍ଯ୍ୟନ୍ତ ଖଟଟିକୁ ପରିଷ୍କାର ପରିଚ୍ଛନ୍ନ ରୂପରେ ରଖିବାର ଦାୟିତ୍ୱ ବହନ କରିଥିଲି ଓ ଆଶା ତଥା ଆସ୍ଥା ରଖିଥିଲି ପରିବାର ବର୍ଗଙ୍କ ଉପରେ ଯେ ଖଟଟି ନିଶ୍ଚୟ ଭାବରେ ରହିବ ସୁରକ୍ଷିତ ହୋଇ।

ଯଦି ଖଟଟି ଯତ୍ନ ସହକାରେ ସଂରକ୍ଷିତ ତେବେ ମୋ ଅନ୍ତର ମଧ୍ୟରେ ଏପରି ତୀବ୍ର ଆଲୋଡ଼ନ ସୃଷ୍ଟି ହେଉଛି କାହିଁକି ? ଦିନେ ଖଟର ଅଂଶକୁ ମୁଁ ଓଦା କରି ଦେଉଥିଲି । କିନ୍ତୁ ଆଜି ସେଇ ଖଟଟିର ସ୍ମୃତି ମୋ ଆଖିକୁ ଭିଜାଇ ଦେଉଛି, ଆଉ ଦେଉଥିବ ସାରା ଜୀବନ।

♥ ପ୍ରାକ୍ତନ ବିଭାଗ ମୁଖ୍ୟ
ସ୍ନାତକୋତ୍ତର ଭାଷା ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ
ବାଲେଶ୍ୱର

# ସାତକଡ଼ି ହୋତା: ଅସ୍ତମିତ ଆଉ ଏକ ଉଜ୍ଜ୍ୱଳ ନକ୍ଷତ୍ର




ଜୀବନ ଦୀର୍ଘ ନୁହେଁ, ବଡ଼ ହେବା ଆବଶ୍ୟକ। ଓଡ଼ିଶାର ଯେଉଁ କୃତୀ ସାରସ୍ୱତ ସାଧକ ଭାଷା ପ୍ରତି ତାଙ୍କ ପ୍ରଚଣ୍ଡ ଅନୁରାଗ ରଖି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ତାଙ୍କ ଭିତରୁ ଅନ୍ୟତମ ଥିଲେ ପ୍ରଖ୍ୟାତ ସାହିତ୍ୟିକ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭାପତି, ରେଳବାଇର ପୂର୍ବତନ ମହାପ୍ରବନ୍ଧକ ତଥା ଦୈନିକ ଖବରକାଗଜ ସମୟର ସମ୍ପାଦକ ସାତକଡ଼ି ହୋତା। ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଗଳ୍ପ ଠାରୁ ଉପନ୍ୟାସ, ଅନୁବାଦ ଠାରୁ କବିତା, ସାହିତ୍ୟର ସବୁ ଦିଗରେ ସେ ଲେଖନୀ ଚାଳନା କରିଥିଲେ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଜଗନ୍ନାଥ ଖୁଣ୍ଟା ଗ୍ରାମରେ ପିତା ବିଶ୍ୱେଶ୍ୱର ହୋତା ଓ ମାତା କାଞ୍ଚନ ଦେବୀଙ୍କ ଗର୍ଭରୁ ୧୯୨୯ ମସିହା ସେପ୍ଟେମ୍ବର ୨୯ ତାରିଖରେ ସାତକଡ଼ି ଜନ୍ମ ଗ୍ରହଣ କରିଥିଲେ। ସହରୀ ଲୋକଙ୍କ ପଠନସ୍ପୃହା ବୃଦ୍ଧି ଓ ଲୋକଙ୍କୁ ସାହିତ୍ୟମନସ୍କ କରାଇବା ପାଇଁ ୧୯୮୫ ମସିହାରୁ ଭୁବନେଶ୍ୱରରେ ପ୍ରଥମେ 'ଭୁବନେଶ୍ୱର ପୁସ୍ତକ ମେଳା' ଆରମ୍ଭ ହୋଇଥିଲା। ଜୀବନର ଶେଷାର୍ଦ୍ଧ ପର୍ଯ୍ୟନ୍ତ ସେ ପଢ଼ାପଢ଼ି ଓ ଲେଖାଲେଖିରେ ନିଜକୁ ମଗ୍ନ ରଖୁଥିଲେ। ମୁହୂର୍ତ୍ତିଏ ସମୟକୁ ବି ସେ ନଷ୍ଟ କରୁନଥିଲେ।

ସାତକଡ଼ି ବାବୁ ଜଣେ ଅମାୟିକ ବ୍ୟକ୍ତିତ୍ୱ ଥିଲେ। ସବୁବେଳେ ଲୋକମାନଙ୍କ ସହ ସମୟ ଅତିବାହିତ କରିବାକୁ ଭଲ ପାଉଥିଲେ। ତାଙ୍କ ଜୀବନରେ ଘଟିଥିବା ଘଟଣା ମାନଙ୍କୁ ଉଦାହରଣ ଜରିଆରେ ସମସ୍ତଙ୍କୁ କହି ଜୀବନକୁ ସରସ ସୁନ୍ଦର କରି ଗଢ଼ି ତୋଳିବାକୁ ପରାମର୍ଶ ଦେଉଥିଲେ। ବିଭିନ୍ନ ସମୟରେ କୌଣସି ନିଷ୍ପତ୍ତି ନେବା ସମୟରେ ଭିନ୍ନମତକୁ ସ୍ୱାଗତ କରୁଥିଲେ।

ସାତକଡ଼ି ବାବୁ କେବଳ ଜଣେ ସାହିତ୍ୟିକ ନଥିଲେ, ରେଳ ବିଭାଗରେ ଜଣେ ପ୍ରଶାସକ ଭାବେ ନିଜର ଅଲିଭା ଛାପ ଛାଡ଼ି ଯାଇଛନ୍ତି। ଭାରତୀୟ ରେଳବାଇ ଟ୍ରାଫିକ ସେବା ଆଇଆରଟିଏସ ଅଧିକାରୀ ସାତକଡ଼ି ବାବୁ ଖୋର୍ଦ୍ଧା ରୋଡ଼ ରେଳ ଡିଭିଜନରେ ଅଧୀକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ସେହିପରି ରାଜ୍ୟ ସଚିବାଳୟରେ କମିଶନର, ରେଳ କୋଅର୍ଡ଼ିନେସନ ଭାବେ ବେଶ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ଭାରତୀୟ ରେଳବାଇ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସାତକଡ଼ି ବାବୁ ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ କରିପାରିଥିଲେ। କର୍ମମୟ ଜୀବନର ଶେଷ ପର୍ଯ୍ୟନ୍ତ ସାତକଡ଼ି ବାବୁ ସାହିତ୍ୟ ସାଧନା ଓ ସ୍ତମ୍ଭ ରଚନା କରିବା ସହ ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ସଭା ସମ୍ମିଳନୀରେ ଯୋଗଦେଇ ମାର୍ଗଦର୍ଶନ କରିଆସୁଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ଭାବେ ସେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇଁ ସଫଳ ନେତୃତ୍ୱ ନେଇଥିଲେ। ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହିତ ଓଡ଼ିଆ ଭାଷା ଓ ସାହିତ୍ୟକୁ ନିଜର କୃତି ମାଧ୍ୟମରେ ପରିପୃଷ୍ଟ କରିଥିଲେ। ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କର ଅମଳିନ ସ୍ମୃତି ସେ ଛାଡ଼ି ଯାଇଛନ୍ତି। ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସେ ଜଣେ ବଡ଼ ଶୁଭେଚ୍ଛୁ ଥିଲେ ଓ ସେ ଅନେକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ। ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହିତ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ ଓ ବଳିଷ୍ଠ କରିବାରେ ଏପରି ଜଣେ ଜୀବନ ସାଧକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଆଲେଖ୍ୟ: ଡ଼ଃ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ମୋ: ୯୯୩୭୧୭୨୮୧୦

# ମକରପଡିଆ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ




ପାରାଦ୍ୱୀପ , ୧୭/୨ (ନି.ପ୍ର): କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ମକର ପଡିଆ ନିକଟରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲ ରାହାମାର ଅଷ୍ଟମ ବାର୍ଷିକ ଉତ୍ସବ'ସର୍ଗମ' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଗୋଲକ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିଚାଳନା କମିଟିର ନିର୍ଦ୍ଦେଶକ ଆଡ୍‌ଭୋକେଟ ଡ଼ ସୁନାକର ବେହେରା ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣରେ ଉତ୍କଳୀୟ ପରମ୍ପରା ସଂସ୍କୃତି ଓ ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷା ସହିତ ଚରିତ୍ର ଗଠନ କୁ ନେଇ ମତ ବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଜଗତସିଂହପୁରର ଅଧକ୍ଷ ସୁଶାନ୍ତ କୁମାର ସେଠୀ ନିଜର ବକ୍ତବ୍ୟରେ ଇଂରାଜୀ ଭାଷା ଏକ ଅନ୍ତର୍ଜାତୀୟ ଭାଷା ହୋଇଥିବାରୁ ଛାତ୍ରଛାତ୍ରୀ ମାନେ ଉଚ୍ଚଶିକ୍ଷା ପାଇଁ ଇଂରାଜୀ ଭାଷାକୁ ଗୁରୁତ୍ୱ ଦେବା ଆବଶ୍ୟକ କିନ୍ତୁ ମାତୃଭାଷା ଓଡ଼ିଆ ପ୍ରତି ଅନୁରାଗ ରହିବା ଦରକାର । ମୁଖ୍ୟ ବକ୍ତା ଭାବେ ଆଦିକବି ଶାରଳା ଦାସ ମହାବିଦ୍ୟାଳୟ,ତିର୍ତୋଲ ଗଭର୍ନିଙ୍ଗବଡି ସଭାପତି ବିମଳ କୁମାର ମହାପାତ୍ର ଛାତ୍ର ଛାତ୍ରୀଙ୍କ ବୌଦ୍ଧିକ ବିକାଶ ପ୍ରତି ପ୍ରଯତ୍ନ ହେବା ପାଇଁ ପରାମର୍ଶ ଦେଇଥିଲେ । ସ୍ୱତନ୍ତ ଅତିଥି ଶିକ୍ଷାବିତ୍ ରବିନ୍ଦ୍ର କୁମାର ପରିଡା ସଂମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଓସ୍ତାର ପୂର୍ବତନ ରାଜ୍ୟ ସମ୍ପାଦକ ଶିକ୍ଷାବିତ୍ ବସନ୍ତ କୁମାର ଦାସ, ସାହିତ୍ୟ ଧର୍ମୀ ଅନୁଷ୍ଠାନ ସୁଶ୍ରୀ ଶୁଭଶ୍ରୀ ଚରିଟେବୁଲ ଟ୍ରଷ୍ଟ ଅଧକ୍ଷା ବସନ୍ତ ମଞ୍ଜରୀ ଦାସ, ବାଟଶ୍ରୀ ଚରିଟେବୁଲ ଟ୍ରଷ୍ଟ ଅଧକ୍ଷା ବିଭୂଷିତା ଦାସ, ବିଦ୍ୟାଳୟର ପ୍ରତିଷ୍ଠାତା ସୁରେଶ କୁମାର ସ୍ୱାଇଁ ଇତ୍ୟାଦି ଉପସ୍ଥିତ ଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଡ୍ରାମାରେ ନିଖୁଣ ଅଭିନୟ ସମସ୍ତିଙ୍କୁ ବିମୁଗ୍ଧ କରିଥିଲା । ଶ୍ରୀମତୀ ଅଞ୍ଜନା ସ୍ୱାଇଁ ବିଦ୍ୟାଳୟର ଉପାଧକ୍ଷା ବାର୍ଷିକ ବିବରଣୀ ପଠନକରି ଜିଲ୍ଲାସ୍ତରରେ ଅଲମ୍ପାଡ଼ ପରୀକ୍ଷାରେ ୫୮ ଜଣ ଛାତ୍ର ଛାତ୍ରୀ ରୌପ୍ୟ,ସ୍ୱର୍ଣ୍ଣ,ବ୍ରୋଞ୍ଜ ପଦକ ହାସଲ କରି ଗୌରବ ଆଣିଦେଇଛନ୍ତି ବୋଲି କହିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା ମାନେ ପୂର୍ଣ୍ଣ ସହଯୋଗ ସହ ଗୁରୁମା ଭାଗ୍ୟଶ୍ରୀ ପରିଜା ମଞ୍ଚ ସଂଚାଳନ କରିଥିଲେ । ସର୍ବଶେଷରେ ବରିଷ୍ଠ ଗୁରୁଜୀ ରାଧାରମଣ ଶତପଥୀ ଅତିଥି ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# କଙ୍କଡ଼ାପାଳ ସରକାରୀ ୟୁପି ସ୍କୁଲର ବାର୍ଷିକୋତ୍ସବ



ବାଲିଆପାଳ , ୧୭/୨ (ନି.ପ୍ର): ଏ ସଂସାରରୁ ମୁକ୍ତି ପାଇବାର ଏକ ମାଧ୍ୟମ ହେଉଛି ବିଦ୍ୟା। ବିଦ୍ୟା ଠୁ ବଳି ଆଉ ବଡ ଧନ ଅଥବା ରତ୍ନ ଏ ସଂସାରରେ ନାହିଁ। ବିଦ୍ୟା ହିଁ ସବୁ କାର୍ଯ୍ୟ ଅଥବା ସମସ୍ୟା ସମାଧାନର ମୂଳ ମନ୍ତ୍ର ବୋଲି ଶନିବାର ବଳିଆପାଳ ବ୍ଲକ ଚଉମୁଖ ପଞ୍ଚାୟତ କଙ୍କଡ଼ାପାଳ ସରକାରୀ ୟୁ ପି ସ୍କୁଲର ବାର୍ଷିକୋତ୍ସବରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏଥିରେ ସୁ ସାହିତ୍ୟିକ ତଥା ବରିଷ୍ଠ ଶିକ୍ଷାବିତ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଖଗେନ୍ଦ୍ର ନାଥ ସୀ, ସୁଧାଂଶୁ କୁମାର ନାୟକ, ଏବିଇଓ ମନ୍ମଥ କୁମାର ପଣ୍ଡା, ସି ଆର ସି ସି ଜୟାନନ୍ଦ ଗିରି, ନାରାୟଣ ଜେନା, ବାଲିଆପାଳ ପଞ୍ଚାୟତ ସମିତି ଉପାଧକ୍ଷ ରାଜେଶ କୁମାର ଚୌଧୁରୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ହରିପଦ ବେହେରା ସଭା ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ମନ୍ମଥ କୁମାର ମଣ୍ଡଳ ମଞ୍ଚ ଆହ୍ୱାନ, ବିନୟ କୁମାର ସାମନ୍ତ ଅତିଥି ପରିଚୟ, ସୁଦେଷ୍ଣା ଦାସ ବିବରଣୀ, ରାଧାକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସହର ଓ ମେଡିକାଲ ଦଳ ଏବଂ ଏଚଏସଏମ ଦଳ ସିନର୍ଜି କ୍ରିକେଟ୍ ଟୁର୍ନାମେଣ୍ଟ -୨୦୨୪ରେ ନକଆଉଟ ମ୍ୟାଚରେ ବିଜୟୀ

ରାଉରକେଲା, ୧୭/୨ (ନି.ପ୍ର): ସହର ଓ ମେଡିକାଲ ଦଳ ଏବଂ ଏଚଏସଏମ ଦଳ ସିନର୍ଜି କ୍ରିକେଟ୍ ଟୁର୍ନାମେଣ୍ଟ-୨୦୨୪ ର ଚତୁର୍ଥ ଦିନରେ ନିଜ ନିଜ ପ୍ରାରମ୍ଭିକ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରତିଯୋଗିତା ସେକ୍ଟର ୬ ଇସ୍ପାତ ଷ୍ଟାଡିୟମଠାରେ ଖେଳା ଯାଉଛି ।

ସହର ଓ ମେଡିକାଲ ଦଳ ପ୍ରଥମ ମ୍ୟାଚରେ ବ୍ଲାଷ୍ଟ ଫର୍ଣ୍ଣେସ ଦଳକୁ ୭ ରନରେ ପରାସ୍ତ କରିଥିଲା। ଟସ୍ ଜିତିବା ପରେ ବ୍ୟାଟିଂ ରିବାକୁ ଚୟନ କରି ସହର ଓ ମେଡିକାଲ ଦଳ ଧାର୍ଯ୍ୟ ୧୫ ଓଭରରେ ୯ ୱିକେଟ୍ ରେ ୯୫ ରନ ସ୍କୋର କରିଥିଲା। ବ୍ଲାଷ୍ଟ ଫର୍ଣ୍ଣେସ ଦଳ ୮୮ ରନରେ ଅଲଆଉଟ ହୋଇଯାଇଥିଲେ। ସହର ଓ ମେଡିକାଲ ଦଳର ଶ୍ରୀ ରାଜୁ କାନ୍ତ ସଇନି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।


ଦ୍ୱିତୀୟ ମ୍ୟାଚରେ ଏଚଏସଏମ ଦଳ ପିପିସି ଓ ଆରସିଏଲ ଦଳକୁ ୬ୱିକେଟରେ ପରାସ୍ତ କରିଥିଲା। ପିପିସି ଓ ଆରସିଏଲ ଦଳ ପ୍ରଥମେ ବ୍ୟାଟିଂ କରି ୩ ୱିକେଟ୍ ହରାଇ ୧୩୯ ରନ ସ୍କୋର କରିଥିଲା। ପ୍ରତ୍ୟୁତ୍ତରରେ, ଏଚଏସଏମ ଦଳ ୧୪.୩ ଓଭରରେ ୪ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଶ୍ରୀ ରାଜ କିଶୋର ମାଝି ମ୍ୟାଚ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ।

# ଲୁହାଗୁଣ୍ଡ ବୋଝେଇ ଟ୍ରଲର ଓ ମାର୍ବଲ ବୋଝେଇ ଟ୍ରଲର ମଧ୍ୟରେ ଦୁର୍ଘଟଣା: ଯାତାୟତ ବାଧାପ୍ରାପ୍ତ




ବେତନଟୀ , ୧୭/୨ (ନି.ପ୍ର): ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟରାଜପଥ ହାତୀଝୁରୀ ନିକଟରେ ଆଜି ସକାଳୁ ଘନ କୁହୁଡି ପାଇଁ ଲୁହାଗୁଣ୍ଡ ବୋଝେଇ ଟ୍ରଲର ଓ ମାର୍ବଲ ବୋଝେଇ ଟ୍ରଲର ମଧ୍ୟରେ ଦୁର୍ଘଟଣା ଘଟି ଜଣେ ଚାଳକ ଆହତ ହୋଇଥିବା ବେଳେ କିଛି ସମୟ ପାଇଁ ଯାତାୟାତ ପ୍ରଭାବିତହୋଇଛି । ଘଟଣା ରୁ ପ୍ରକାଶ ଜେଏଚ -୦୯ଏଏ-୮୮୫୯ ନମ୍ବର ବିଶିଷ୍ଟ ଲୁହାଗୁଣ୍ଡ ବୋଝେଇ ଟ୍ରଲର ବୋକାରୋ ରୁ ବିଶାଖାପାଟଣା ଅଭିମୁଖେ ଯାଉଥିବାବେଳେ ଘନ କୁହୁଡି ପାଇଁ ହାତୀଝୁରୀ ନିକଟରେ ରାସ୍ତାପାର୍ଶ୍ୱ ଏକ ଢାବାରେ ରାତ୍ରୀ ଯାପନ କରିଥିଲା । ଶନିବାର ସକାଳ ସମୟରେ ବାହାରୁଥିବା ସମୟରେ ଘନ କୁହୁଡି ପାଇଁ ରାଜସ୍ଥାନରୁ ବାଲେଶ୍ୱରକୁ ମାର୍ବଲନେଇ ଆସୁଥିବା ଆରଜେ-୦୨ ଜିଜି-୮୧୭୪ ନମ୍ବର ବିଶିଷ୍ଟ ଟ୍ରଲର ଦ୍ରୁତଗତିରେ ଆସି ଲୁହାଗୁଣ୍ଡ ବୋଝେଇ ଟ୍ରଲରକୁ ପଛପଟୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ମାର୍ବଲବୋଝେଇ ଟ୍ରଲରର କ୍ୟାବିନ ଭାଙ୍ଗି ଯାଇଥିବା ବେଳେ ଚାଳକ ରାଜସ୍ଥାନର ମେହବୁବ ଖାନ ଆହତ ହୋଇ କ୍ୟାବିନ ଭିତରେ ଚାପିହୋଇ ରହିଯାଇଥିଲେ । ଟ୍ରଲର କେବିନ ଭିତରୁ ଆହତ ଚାଳକଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ଧାର କରିଥିଲେ । ଦୁର୍ଘଟଣାଗ୍ରସ୍ତ ମାର୍ବଲ ବୋଝେଇ ଟ୍ରଲରଟି ଜାତୀୟ ରାଜପଥ ଉପରେ ଅଟକି ରହିଥିବାରୁ କିଛି ସମୟ ପାଇଁ ରାସ୍ତାରେ ଯାତାୟତ ପ୍ରଭାବିତ ହୋଇଥିଲା । ଖବର ପାଇ ବୈଶିଙ୍ଗା ଥାନା ଅଧିକାରୀ ତପନ କୁମାର ପ୍ରଧାନ ଘଟଣାସ୍ଥଳରେ ପହଁଚି ଟ୍ରଲରକୁ ରାସ୍ତାପାର୍ଶ୍ୱକୁ ସ୍ଥାନାନ୍ତର କରିବାପରେ ଯାତାୟତ ସ୍ୱାଭାବିକ ହୋଇଥିଲା । ପୁଲିସ ୨ଟ୍ରଲରକୁ ଜବତ କରିବା ସହିତ ଆହତ ଚାଳକଙ୍କୁ ଚିକିତ୍ସା କରାଇ ତଦନ୍ତ ଆରମ୍ଭ କରିଛନ୍ତି ।

# ସୁଗୋ, ପଦ୍ମପୁର ଓ ଜଗନ୍ନାଥପ୍ରସାଦ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚିତ



ବାସୁଦେବପୁର, ୧୭/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଗୋ ପଞ୍ଚାୟତ ରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏହି ସୁଗୋ ପଞ୍ଚାୟତର ସାଧାରଣ ସଭା ଓ ସଚେତନତା ଶିବିର ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ସୁଗୋ ପଞ୍ଚାୟତର ଲୋକପ୍ରିୟ ସରପଞ୍ଚ ଚିନ୍ତାମଣି ନାୟକ । ବିଧାୟକ ଶ୍ରୀ ରାଉତରାୟ ଆମ ଓଡ଼ିଶା ନବୀନ ଓଡ଼ିଶା ର ଆଭିମୁଖ୍ୟ କୁ ଆଲୋଚନା କରିଥିଲେ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ଜନ ହିତକର ଯୋଜନା କୁ ଆଲୋଚନା କରିଥିଲେ । ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ଆମ ପଞ୍ଚାୟତର ବିକାଶ ପୁସ୍ତିକା କୁ ଅତିଥି ବନ୍ଧୁ ଉନ୍ମୋଚନ କରିଥିଲେ ।ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ସବୁବେଳେ ଏହି ସୁ ଗୋ ପଞ୍ଚାୟତ କୁ ଅଧିକ ଗୁରୁତ୍ୱ ଦେଇଥିଲେ ବୋଲି ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ତାଙ୍କ ବକ୍ତବ୍ୟ ରେ ପ୍ରକାଶ କରିଥିଲେ । ଶେଷରେ ସରପଞ୍ଚ ଚିନ୍ତାମଣି ନାୟକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପଦ୍ମପୁର ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ସଞ୍ଜୀବ କୁମାର ସାହୁ, ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ସରପଞ୍ଚ ରାଜେନ୍ଦ୍ର ନାରାୟଣ ନାୟକ, ଯୁବ ବିଜେଡ଼ି ନେତା ଅଶୋକ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଓ ରାଜ୍ୟ ସରକାରଙ୍କ ସଫଳ ଯୋଜନା କୁ ଆଲୋଚନା କରିଥିଲେ । ସେହିପରି ଜଗନ୍ନାଥ ପ୍ରସାଦ ପଞ୍ଚାୟତର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ସରପଞ୍ଚ ବାସୁଦେବ କାଣ୍ଡି ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗର୍ଭବତୀ ମହିଳାମାନଙ୍କ ପ୍ରସୂତି ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ଆମ ପଞ୍ଚାୟତର ବିକାଶ ପୁସ୍ତିକା ଅତିଥି ଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଏହି ସଭାରେ ଯୋଗ ଦେଇଥିଲେ । ବାସୁଦେବପୁର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ବ୍ଲକ ପରିସରରେ ଲକ୍ଷ୍ମୀ ବସ ଯୋଜନା କୁ ଉଦଘାଟନ କରିଥିଲେ ଓ ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଓ ଅନ୍ୟାନ୍ୟ ଅତିଥି ବସ ରେ ଆସି ପଦ୍ମପୁର ରେ ଓହ୍ଲାଇଥିଲେ । ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ଜନ ସାଧାରଣ ପ୍ରଶଂସା କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ମଧ୍ୟାହ୍ନଭୋଜନ ପାଚିକା-ସହାୟିକାଙ୍କ....

ଏହି ବର୍ଦ୍ଧିତ ପାରିଶ୍ରମିକ ପିଛିଲା ଭାବେ ୨୦୨୩ ଅକ୍ଟୋବର ମାସରୁ ଲାଗୁ ହେବ । ସେହିପରି ରାଜ୍ୟରେ ପଂଚାୟତସ୍ତରରେ କାର୍ଯ୍ୟରତ 'କୃଷକ ସାଥୀ'ମାନଙ୍କର ପାଇଁ ସହାୟତା ରାଶି ପରିମାଣ ବୃଦ୍ଧି ହୋଇଛି । କୃଷକସାଥୀମାନଙ୍କ ଆବଶ୍ୟକ ଖର୍ଚ୍ଚ ପାଇଁ ସହାୟତା ରାଶି ପରିମାଣ ବର୍ଷକୁ ୧୨ହଜାର ଟଙ୍କା ପରିବର୍ତ୍ତେ ୧୮ହଜାର ଟଙ୍କାକୁ ବୃଦ୍ଧି ହୋଇଛି । ଏହି ବର୍ଦ୍ଧିତ ରାଶି ୨୦୨୩ ଅକ୍ଟୋବର ମାସରୁ ଲାଗୁ ହେବ । ଏହାଦ୍ୱାରା ରାଜ୍ୟର ୧୩୬୦୦ କୃଷକ ସାଥୀ ଉପକୃତ ହେବେ । ୨୦୦୭-୦୮ ମସିହାରେ ରାଜ୍ୟ ସରକାର କୃଷି ପ୍ରସାରଣ କାର୍ଯ୍ୟରେ ସହାୟତା ପାଇଁ ରାଜ୍ୟର ଅଗ୍ରଣୀ ଚାଷୀମାନଙ୍କୁ କୃଷକ ସାଥୀ ଭାବେ ନିଯୁକ୍ତି ଦେଇଥିଲେ । ପ୍ରତ୍ୟେକ ପଂଚାୟତରେ ୨ଜଣ ଲେଖାଏଁ କୃଷକ ସାଥୀ କାର୍ଯ୍ୟ କରୁଛନ୍ତି ।

## ମାଡ଼ ମାରିଥିବା....

ଦୁର୍ଗା ପ୍ରସାଦ ଶତପଥୀ। ବାଲେଶ୍ୱର ଟାଉନ୍‌ର ଜଣେ ଛାତ୍ର ଏମ୍‌କେସିଜି ମେଡ଼ିକାଲ କଲେଜରେ ଜଣେ ଦ୍ୱିତୀୟ ବର୍ଷରେ ପଢୁଥିଲେ। ଗତ ଶୁକ୍ରବାର ରାତିରେ କ୍ୟାମ୍ପସ୍ ଭିତରେ ହେଉଥିଲା ବ୍ୟାଣ୍ଡପାର୍ଟି ଅଭ୍ୟାସ୍। ସେଥିରେ ଛାତ୍ର ଜଣକ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସରିବା ପରେ ସେ ନିଜ ଗାଡ଼ିରେ ହଷ୍ଟେଲ୍ ଫେରୁଥିଲେ। ରାସ୍ତାରେ ତାଙ୍କୁ ଦୁଇ ଜଣ ସିନିୟର ଛାତ୍ର ଅଟକାଇଥିଲେ। ହଷ୍ଟେଲ୍‌ରେ ଛାଡ଼ିବାକୁ ଅନୁରୋଧ କରିଥିଲେ। ଅନୁରୋଧ ରକ୍ଷା ସେ ଦୁଇ ଛାତ୍ରଙ୍କୁ କ୍ୟାମ୍ପସ ଭିତରେ ଥିବା ସେମାନଙ୍କ ହଷ୍ଟେଲ୍‌ରେ ଛାଡ଼ିବାକୁ ଯାଇଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଥିବା ଦୁଇ ଜଣ ଏମ୍‌ବିବିଏସ୍ ୪ର୍ଥ ବର୍ଷର ସିନିୟର ଛାତ୍ର ତାଙ୍କୁ ମାଡ ମାରିଥିଲେ। ଯାହାଫଳରେ ଛାତ୍ରଙ୍କ ବେକ ଓ ଆଖିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଛାତ୍ରଙ୍କ ବାପା ଏନେଇ ମେଡ଼ିକାଲ୍ ଅଧକ୍ଷ ଓ ବୈଦନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାଛଡ଼ା ଏମ୍‌କେସିଜି ମେଡ଼ିକାଲ୍ କଲେଜରେ ରାଗିଂ ନେଇ ଖବର ପ୍ରକାଶ ପାଇଥିଲା। ଏହା ପରେ ତତ୍ପର ହୋଇଥିଲେ ମେଡ଼ିକାଲ୍ କଲେଜ କର୍ତ୍ତୃପକ୍ଷ। ଘଟଣାର ତଦନ୍ତ ପାଇଁ ମେଡ଼ିକାଲ୍ ଆଣ୍ଟି ରାଗିଂ ସେଲ୍‌କୁ ଦାୟିତ୍ୱ ଦିଆଯାଇଥିଲା। ମାଡ଼ ଖାଇଥିବା ଛାତ୍ର, ମାଡ଼ ମାରିଥିବା ଛାତ୍ର ଓ ରାସ୍ତାରେ ଲିଫ୍‌ଟ ନେଇଥିବା ଦୁଇ ଛାତ୍ରଙ୍କୁ ଡାକି ଆଲୋଚନା କରିଥିଲେ ଆଣ୍ଟି ରାଗିଂ ସେଲ୍‌ର କର୍ମକର୍ତ୍ତା। ମେଡ଼ିକାଲ୍ ଆଣ୍ଟି ରାଗିଂ ସେଲ୍ ନିଷ୍ପତ୍ତି ଅନୁସାରେ ମାଡ଼ ମାରିଥିବା ଦୁଇ ସିନିୟର ଛାତ୍ରଙ୍କୁ ଦୁଇ ମାସ ପାଇଁ ବ୍ୟାନ୍ କରାଯାଇଛି। ସେମାନେ ମେଡିକାଲ କ୍ୟାମ୍ପସ୍ ଆସିପାରିବେ ନାହିଁ। ସେମାନେ କ୍ଲାସ ମଧ୍ୟ କରିପାରିବେ ନାହିଁ। କିମ୍ବା ନିଜ ହଷ୍ଟେଲରେ ରହିପାରିବେ ନାହିଁ। ସେପଟେ ଲିଫ୍‌ଟ ନେଇଥିବା ଦୁଇ ଛାତ୍ରଙ୍କୁ ମଧ୍ୟ ବ୍ୟାନ୍ କରାଯାଇଛି। ଦୁଇ ଛାତ୍ର ଏକ ସପ୍ତାହ ପାଇଁ ମେଡିକାଲ କମ୍ପାସ ଯାଇପାରିବେ ନାହିଁ। ଏ ନେଇ ସୂଚନା ଦେଇଛନ୍ତି ଅଧକ୍ଷ ଦାୟିତ୍ୱରେ ଥିବା ପ୍ରଫେସର ଦୁର୍ଗା ପ୍ରସାଦ ଶତପଥୀ। ଆଗକୁ ଯେଭଳି ଏମିତି କୌଣସି ଘଟଣା ନଘଟିବ, ସେଥିପ୍ରତି ଦୃଷ୍ଟି ଦିଆଯାଇଥିବା ସେ କହିଛନ୍ତି।

## ୨ ଶିଶୁ ସମେତ ୪ ଜଣଙ୍କୁ ନିର୍ମମ...

ଟ୍ରାକ୍‌ରେ ଯୁବକଙ୍କର ମୃତଦେହ ପଡ଼ିଥିବା ବେଳେ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ଟ୍ରାକ୍‌ରେ ଦୁଇଟି ଅଖା ପଡ଼ିଥିବାରୁ ଅଖାରେ ମୃତଦେହକୁ ଭର୍ତ୍ତି କରି ଆଣି ଟ୍ରାକ୍‌ରେ ଫିଙ୍ଗା ଯାଇଥିବା ସନ୍ଦେହ କରାଯାଉଛି। ଫଳରେ ଟ୍ରେନ୍ ଧକ୍କାରେ ତାହା ଖଣ୍ଡବିଖଣ୍ଡିତ ହୋଇ ଟ୍ରାକ୍ ଭିତରେ ଓ ବାହାରେ ପଡ଼ି ରହିଛି। ମୃତକଙ୍କ ପରିଚୟ ମିଳି ପାରିନି। ଟ୍ରାକ୍ ନିକଟରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୁଇଟି ବାଡ଼ି ଜବତ ହୋଇଛି। ଗତକାଲି ରାତିରେ ଏହି ଘଟଣା ଘଟିଥିବା କୁହାଯାଉଛି। କେହି ଦୁର୍ବୃତ୍ତ ଏହି ହତ୍ୟାକାଣ୍ଡ ଘଟାଇଥିବା ପରେ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଏପରି କରିଥିବା ପୁଲିସ୍ ଅନୁମାନ କରୁଛି। ଏପରି ଲୋମଟାଙ୍କୁରା ଘଟଣା ସମ୍ପର୍କରେ ପ୍ରଚାରିତ ହେବା ପରେ ଉକ୍ତ ଟ୍ରାକ୍‌ରେ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଛି। ଖବର ପାଇ ଝାଡ଼ଖଣ୍ଡର ଚକ୍ରଧରପୁର ଡିଏସପି ରାକେଶ ମିଞ୍ଜ, ରେଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଫୋରେନସିକ୍ ଟିମ୍ ସାହାଯ୍ୟରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ସେମାନେ ଏକ ପରିବାରର ସଦସ୍ୟ ବୋଲି ଅନୁମାନ କରାଯାଉଛି। ତେବେ ଏନେଇ କିଛି ଠୋସ୍ ପ୍ରମାଣ ମିଳିନି। ଏଥିସହ ହତ୍ୟାକାରୀଙ୍କ ସମ୍ପର୍କରେ ବି କିଛି ସୁରାଗ ମିଳି ପାରିନି।

## ବଢୁଛି ଅଡୁଆ: ବିଜେଡି ବିଧାୟକ ...

ପଳାସପଲ୍ଲୀରେ ଥିବା ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲଙ୍କ ଘରେ ବି ରେଡ ହୋଇଥିଲା। ଚଢ଼ାଉ ବେଳେ ଇଡି ଟିମ୍ ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତିଙ୍କ ଭୁବନେଶ୍ୱରର ପଳାଶପଲ୍ଲୀ ଘରୁ ୧୦ ଲକ୍ଷ ଟଙ୍କା ସହ ଏକ ଫର୍ଚ୍ୟୁନର କାର ଜବତ କରିଥିଲା। ଉକ୍ତ ଗାଡ଼ିଟି ପ୍ରୟାସକାନ୍ତି ଚଳାଉଥିବା ବେଳେ ତାହା ତ୍ରିଷ୍ଟା ସ୍କାଏ ସ୍କାପର ଲିମିଟେଡ ନାମକ ବିଲଡର ସଂସ୍ଥା ନାଁରେ ଥିବା ସୂଚନା ମିଳିଥିଲା। ବରପଦା ଇଞ୍ଜିନିୟରିଂ କଲେଜ ନାଁରେ ଏକ ସୋସାଇଟି ହୋଇଥିବା ବେଳେ ସେଥିରେ ହୋଇଥିବା ଦୁର୍ନୀତିରେ ପ୍ରୟାସକାନ୍ତି ସାମିଲ ଥିବା ଅଭିଯୋଗ ହୋଇଥିଲା। କଲେଜ କର୍ମଚାରୀମାନେ ଦରମା ପାଉ ନ ଥିବା ବେଳେ ଉକ୍ତ ଟଙ୍କାରେ ପ୍ରୟାସକାନ୍ତି ଦାମୀ ଗାଡ଼ି ଚଢୁଥିବା କର୍ମଚାରୀମାନେ ଅଭିଯୋଗ କରିଥିଲେ। ଏହାପରେ ଇଡି ଏହି ଘଟଣାର ଖୋଳତାଡ଼ ଆରମ୍ଭ କରିଥିଲା। ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ମାମଲାରେ ତ୍ରିଷ୍ଟା ସ୍କାଏ ସ୍କ୍ରାପର ନାଁ ଉଠୁଥିବାରୁ ଇଡି ଟିମ୍ ଉକ୍ତ ବିଲଡର ସଂସ୍ଥାର ନିର୍ଦ୍ଦେଶକ ଦେବବ୍ରତ ଧୀରଙ୍କ ଘରେ ବି ରେଡ କରିଥିଲା। ରେଡ ବେଳେ ସେଠାରୁ କିଛି ଜମି କିଣାବିକା କାଗଜପତ୍ର ଜବତ ହୋଇଥିଲା। ଉକ୍ତ କାଗଜପତ୍ର ଅନୁଯାୟୀ ବରପଦା ଇଞ୍ଜିନିୟରିଂ କଲେଜ ନାଁରେ ଭୁବନେଶ୍ୱରର କଣ୍ଟାବାଡ ଅଞ୍ଚଳରେ ୩୨ ଏକର ଜାଗା କିଣା ଯାଇଥିବା ବେଳେ ପରବର୍ତ୍ତୀ ସମୟରେ ତାହାକୁ ଉକ୍ତ ବିଲଡର ସଂସ୍ଥା ହାତକୁ ଟେକି ଦିଆଯାଇଛି। ତେବେ ଏହି ହସ୍ତାନ୍ତର ପ୍ରକ୍ରିୟା ଆଇନଗତ ଭାବେ ହୋଇଛି ନା ନାହିଁ ତାହାର ତଦନ୍ତ କରୁଛି ଇଡି।

## ଏନସିପି ବନାମ ଏନସିପି ...

ଅଜିତ ପାୱାରଙ୍କ ଝିଅ। ସେ ବାରାମତି ଲୋକସଭାର ସଦସ୍ୟ ଅଛନ୍ତି। ତେବେ ଶୁକ୍ରବାର ନିର୍ବାଚନ ବିଗୁଲ ବଜାଇ ଅଜିତ ପାୱାର ଏହି ଅସନରେ ସୁପ୍ରିୟା ସୁଲେଙ୍କୁ ଟକ୍କର ଦେବା ପାଇଁ ଏଭଳି ଜଣେ ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇବେ ଯିଏ ପ୍ରଥମର ନିର୍ବାଚନ ଲଢ଼ିବାକୁ ଯାଉଥିବା କହିଛନ୍ତି। କିନ୍ତୁ ଏହି ଆସନରେ ସିଏ ଯାହାକୁ ଟିକେଟ୍ ଦେବ ତାଙ୍କୁ ବିପୁଅ ଭୋଟରଙ୍କ ସମର୍ଥନ ରହିଥିବା ଅଜିତ ପାୱାର କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜୁଲାଇ ମାସରେ ଅଜିତ ପାୱାର ଆଠ ଜଣ ଅନ୍ୟ ବିଧାୟକଙ୍କ ସହ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ସରକାରରେ ସାମିଲ ହୋଇଯାଇଥିଲେ। ଏହାପରେ ଏନ୍‌ସିପିରେ ଫାଟ ସୃଷ୍ଟି ହୋଇଥିଲା। ନିର୍ବାଚନ ଆୟୋଗ ଶରଦ ପାୱାର ବନାମ ଅଜିତ ପାୱାର ଦଳ ମାମଲାରେ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗ ସମସ୍ତ ଡକ୍ୟୁମେଣ୍ଟାରୀ ପ୍ରମାଣକୁ ଦେଖିବା ପରେ ଅଜିତ ପାୱାରଙ୍କ ଦଳକୁ ପ୍ରକୃତ ଏନ୍‌ସିପିର ମାନ୍ୟତା ଦେଇଛନ୍ତି। ଦଳର ଉଭୟ ନାମ ଏବଂ ପ୍ରତୀକ ଚିହ୍ନ ଅଜିତଙ୍କୁ ଦିଆଯାଇଛି।

## କଂଗ୍ରେସକୁ ଝଟ୍‌କା...

କମଲନାଥ ତାଙ୍କ ପୁଅଙ୍କ ସହ ବିଜେପିରେ ଯୋଗ ଦେଇପାରନ୍ତି। ତାଙ୍କ ସହ କଂଗ୍ରେସର ୧୦ ବିଧାୟକ ମଧ ବିଜେପିରେ ସାମିଲ ହେବା ନେଇ କୁହାଯାଉଛି। ସେପଟେ ବିଜେପି ପ୍ରବକ୍ତା ନରେନ୍ଦ୍ର ସାଲୁଜା କମଲନାଥ ଓ ନକୁଲ ନାଥଙ୍କ ଫଟୋକୁ ସୋଶାଲ ମିଡିଆରେ ପୋଷ୍ଟ କରି 'ଜୟ ଶ୍ରୀ ରାମ' ଲେଖିଛନ୍ତି। ବିଜେପିର ମଧ୍ୟପ୍ରଦେଶ ଅଧକ୍ଷ ବିଡି ଶର୍ମା କମଲନାଥ ତାଙ୍କ ପୁଅ ନକୁଲନାଥଙ୍କୁ ନେଇ ଶୁକ୍ରବାର ଦିନ ଏକ ବୟାନ ଦେଇଥିଲେ। ସେ କହିଥିଲେ କି, 'କମଲନାଥ ଓ ତାଙ୍କ ପୁଅ ଯଦି ବିଜେପିରେ ମିଶିବାକୁ ଚାହାଁନ୍ତି ତେବେ ତାଙ୍କ ପାଇଁ ବିଜେପିର ଦ୍ୱାର ସବୁଦିନ ପାଇଁ ଖୋଲା ରହିଛି।' ସୂତ୍ର ଅନୁସାରେ କମଲନାଥ ନିଜ ପୁଅ ନକୁଲନାଥଙ୍କ ରଜନୈତିକ କ୍ୟାରିୟରକୁ ନେଇ ଚିନ୍ତାରେ ଅଛନ୍ତି। ଗତ ଲୋକସଭା ନିର୍ବାଚନରେ ମଧ୍ୟପ୍ରଦେଶରେ କଂଗ୍ରେସକୁ କେବଳ ଗୋଟିଏ ଆସନ ମିଳିଥିଲା। କମଲନାଥଙ୍କ ଗଡ଼ କୁହାଯାଉଥିବା ଛିନ୍ଦୱାଡାରେ କଡା ସଂଘର୍ଷ ପରେ ନକୁଲନାଥ ବିଜୟ ହାସଲ କରିଥିଲେ। ସେପଟେ ବିଜେପି ଛିନ୍ଦୱାଡାକୁ ନିଜ ଦୁର୍ବଳ ତାଲିକାରେ ରଖିଛି।

## ଆସ୍ଥା ଭୋଟ୍ ଜିତି ....

ଆମକୁ ହଇରାଣ କରିଥିଲେ। କିନ୍ତୁ ୨୦୨୦ ଦିଲ୍ଲୀ ନିର୍ବାଚନରେ ୭୦ଟି ସିଟ୍ ମଧ୍ୟରୁ ଆପ୍ ପାଖକୁ ୬୨ଟି ଆସିଥିଲା। ଆଗକୁ ସେମାନେ ଦିଲ୍ଲୀର ପରାଜୟ ହଜମ କରିପାରିବେନି। ଗୋଟିଏ ରାଜ୍ୟରେ ବିଜେପି ମାଗଣା ବିଦ୍ୟୁତ୍ ଦେଇକି ଦେଖୁ, ଆପ୍ ପଞ୍ଜାବ ଏବଂ ଦିଲ୍ଲୀରେ ବିଦ୍ୟୁତ କାଟ୍ ଶୂନ୍ୟ କରିଦେଇଛି। ବିଜେପିକୁ ଆହ୍ୱାନ କରୁଛି ଗୁଜୁରାଟର ୧୦ଟି ବିଦ୍ୟାଳୟର ଉନ୍ନତି ଆଣିକି ଦେଖାଉ ବୋଲି କେଜ୍ରିୱାଲ କହିଛନ୍ତି। କେଜ୍ରିୱାଲ କହିଛନ୍ତି, ଆମେ ଅତି ସାମାନ୍ୟ ଲୋକ, ଆମର କୌଣସି ସ୍ଥିତି ନଥିଲା। ଆମ ବିରୋଧରେ ବଡ ଷଡଯନ୍ତ୍ର କରାଯାଉଛି। କିନ୍ତୁ ଆମେ ଦୃଢ ଭାବରେ ଠିଆ ହୋଇଛୁ। କାରଣ କୋଟି କୋଟି ଲୋକଙ୍କ ପ୍ରାର୍ଥନା ଆମ ସହିତ ଅଛି। ବିଜେପି ସହ କେବଳ ଅଭିଶାପ ରହିଛି। ଯେକୌଣସି ବ୍ୟକ୍ତିଙ୍କ ଘରେ ରେଡ୍ କରୁଛନ୍ତି, ଗୋଟିଏ ବି ଟଙ୍କା ପାଉନାହାନ୍ତି। ଆମର ସମ୍ପତ୍ତି ଲୋକମାନଙ୍କ ହୃଦୟରେ ଅଛି, ଆପଣ ଯେଉଁଠାରେ ଖୋଜୁଛନ୍ତି, ସେଠାରେ ନାହିଁ ବୋଲି କେଜ୍ରିୱାଲ କହିଛନ୍ତି। ସେ ଆହୁରି କହିଛନ୍ତି, 'ଆମ୍ ଆଦମୀ ପାର୍ଟି ପୁଣ୍ୟର ରାଜନୀତି କରେ, ବିଜେପି ପାପ ରାଜନୀତି କରେ। ଲୋକେ କଣ ଚାହୁଁଛନ୍ତି, ସେମାନଙ୍କୁ ସ୍ଥିର କରିବାକୁ ପଡିବ। ବିଜେପି ୨୦୨୪ ନିର୍ବାଚନ ଜିତିବା ପରେ ଦିଲ୍ଲୀ ବିଧାନସଭାକୁ ରଦ୍ଦ କରିବାକୁ ଚାହୁଁଛି।

## ଇସ୍ରୋର ଇନସାଟ୍-୩ଡିଏସ....

ଭାଗ ଏବଂ ଜଳ ଭାଗ ଉପରେ ନଜର ରଖିବା ପାଇଁ ଇସ୍ରୋ ଏହାକୁ ଡିଜାଇନ୍ କରିଛି। ଇନସାଟ୍-୩ଡଝକୁ 'ନଟି ବଏ' ବୋଲି ମଧ କୁହାଯାଏ। ଇସ୍ରୋର ଜଣେ ପୂର୍ବତନ ଅଧକ୍ଷ ଏହାର ନାମ 'ନଟି ବଏ' ରଖିଥିଲେ। ଏହି ଉପଗ୍ରହର ଓଜନ ୨,୨୭୪ କିଲୋଗ୍ରାମ ଏବଂ ଏହା ପ୍ରାୟ ୪୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହି ସାଟେଲାଇଟର ନିର୍ମାଣ ପାଇଁ ଭାରତ ସରକାରଙ୍କ ଆର୍ଥ ସାଇନ୍ସ ମନ୍ତ୍ରଣାଳୟ ଆର୍ଥିକ ଅନୁଦାନ ଦେଇଛି।

ରବିବାର, ଫେବୃଆରୀ ୧୮, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଗଡଚଣ୍ଡୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଓ କଳସ ଶୋଭାଯାତ୍ରା

ବାଲିଆପାଳ , ୧୭/୨ (ନି.ପ୍ର): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ସ୍ଥିତ ନବ ନିର୍ମିତ ଗଡ ଚଣ୍ଡୀ ମନ୍ଦିର ର ପ୍ରତିଷ୍ଠା ଉତ୍ସବ ଓ କଳସ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। କିମ୍ବଦନ୍ତୀରୁ ଜଣାଯାଏ ଯେ ମାତା ଗଡ ଚଣ୍ଡୀ ହେଉଛନ୍ତି ବାଲିଆପାଳର ଐତିହାସକ ପ୍ରାଚୀନ ଦେଉଳା କାନ୍ଥି ଦୁର୍ଗର ଇଷ୍ଟ ଦେବୀ ଚଣ୍ଡୀ। ବିଧର୍ମୀ କଳା ପାହାଡ଼ ଏହି ଦୁର୍ଗକୁ ଆକ୍ରମଣ କରି ଧ୍ୱଂସ ସ୍ତୁପରେ ପରିଣତ କରିଥିଲେ। ମାତ୍ର ଚଣ୍ଡୀଙ୍କର ସେ କିଛି କ୍ଷତି କରି ପାରି ନ ଥିଲେ। ଦେବୀ ସେଠାରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ।ପରେ ଧୀବର ମାନେ ଦେବୀଙ୍କୁ ବଙ୍ଗୋପ ସାଗର କୂଳରୁ ଉଦ୍ଧାର କରି ପଞ୍ଚୁପାଲି ପଞ୍ଚାୟତ ଦ୍ୱାରିକା ଗ୍ରାମ ରେ ଏକ ପଲ୍ଲା ଘରେ ରଖି ପୂଜାର୍ଚ୍ଚନା କରିଥିଲେ। ପରବର୍ତ୍ତୀ ସମୟରେ ଦେବୀ ଦ୍ୱାରିକେଶ୍ୱରୀ ନାମରେ ନାମିତ ହୁଅନ୍ତି। ଗଡର ଅଧୀଶ୍ୱର ହେଉଛନ୍ତି ଅନନ୍ତ ବାସୁଦେବ। ଅନନ୍ତ ବାସୁଦେବ ଏବେ ଖଗଡ଼ାପାଳ ଗ୍ରାମରର ସ୍ୱର୍ଗତ ରମେଶ ଚନ୍ଦ୍ର ପତିଙ୍କ ଘରେ ରହି ପୂଜା ପାଉଛନ୍ତି। ଦୁଇ ବର୍ଷ ତଳେ କୁଶୁଡିହା ଗ୍ରାମ ର ବଂଶୀଧର କମିଳା ରୋଗ ପଡ଼ି ଦୁର୍ବଳ ହେଲେ।ତାଙ୍କ ବଡ ଭାଇ ଗୋପାଳଙ୍କୁ ଦେବୀ ସ୍ୱପ୍ନ ରେ ଦେଖା ଦିଅନ୍ତି।ତାଙ୍କୁ ମନ୍ଦିର କରି ପୂଜା ଅର୍ଚ୍ଚନା କଲେ ବଂଶୀଧର ରୋଗ ମୁକ୍ତ ହେବ ବୋଲି କହିଲେ। ବଂଶୀଧର ରୋଗ ମୁକ୍ତ ହେବାରୁ ଗୋପାଳ ଗ୍ରାମ ବାସୀଙ୍କ ସହାୟତାରେ ମନ୍ଦିର ପ୍ରତିଷ୍ଠା କଲେ। ତେବେ ଆଜି ମନ୍ଦିର ର ପ୍ରତିଷ୍ଠା ଦିବସ ଅବସରେ ଗ୍ରାମର ୪୫୦ ମହିଳା ସୁବର୍ଣ୍ଣରେଖା ନଦୀରୁ ପବିତ୍ର ଜଳ ଉଠାଇ ମନ୍ଦିର ପରିସର ରେ ସ୍ଥାପନ କରିଛନ୍ତି। ଏଥି ପାଇଁ ଯଜ୍ଞ , ନାମ ସଙ୍କର୍ତ୍ତନ, ନଗର ପରିକ୍ରମା, ପ୍ରବଚନ ସଭା, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ଗୋପାଳ ବିଶ୍ୱାଳ, ସରୋଜ ପିଳା, ସଦନ କମିଳା ପ୍ରମୁଖ ପରିଚାଳନା କରିଥିବା ବେଳେ ଉମାକାନ୍ତ ନାଥ, ମନ୍ମଥ ନାୟକ, ସୁଶାନ୍ତ ବିଶ୍ୱାଳ, ଅର୍ଦ୍ଧେନ୍ଦୁ ବାରିକ, ପଦ୍ମ ଲୋଚନ ବାରିକ, ଅନୁପମ କମିଳା, ସୀତାଂଶୁ ବାରିକ, ମଦନ ବାରିକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ୨୦ତାରିଖ ରେ ପୂର୍ଣ୍ଣାହୃତି ଓ ପ୍ରସାଦ ସେବନ।

## ହରିପୁର,ରଟିଣା ଓ ବାଉଁଶଗଡିଆରେ ସଚେତନତା କାର୍ଯ୍ୟକ୍ରମ




ଖଇରା, ୧୭/୨ (ନି.ପ୍ର): ଆମ ଓଡିଶା ନବୀନ ଓଡିଶା ପ୍ରଚଳନ ପରେ ଗ୍ରାମାଞ୍ଚଳ ଭିତ୍ତିଭୂମି ସୁଦୃଢ ହେବାସହ ଲୋକଙ୍କ ଜିବନଶୈଳିରେ ପରିବର୍ତ୍ତନ ଆଣିଛି ବୋଲି ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିଭିନ୍ନ ପଞ୍ଚାୟତରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି । ଶୁକ୍ରବାର ହରିପୁର,ରଟିଣା ଓ ବାଉଁଶଗଡିଆ ଇତ୍ୟାଦି ପଞ୍ଚାୟତରେ ଗ୍ରାମବାସୀ, ଆଶା, ଅଙ୍ଗନୱାଡି,ମହିଳା ସ୍ୱୟଂ ସହାୟିକା ଗ୍ରୁପର ସଦସ୍ୟ ମାନଙ୍କ ଉପସ୍ଥିତିରେ ନବୀନ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିବିନ୍ନ ଯୋଜନା ଓ ବର୍ଦ୍ଧିତ ସହାୟତା ରାଶି ଉପରେ ଅଧିକାରୀ ଓ ନେତୃବୃନ୍ଦ ସଚେତନ କରିଥିଲେ । ହରିପୁର ପଞ୍ଚାୟତରେ ବିଧାୟକଙ୍କ ବ୍ୟତିତ ସରପଞ୍ଚ ପ୍ରଦୀପ ପର୍ଶୁରାମ ବେହେରା,ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଦାସ,ଅବସରପ୍ରାପ୍ତ ଯବାନ ଫକୀର ଚରଣ ତିଆଡି ଓ ମନମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ରଟିଣା ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ବାସନ୍ତିଲତା ମହାନ୍ତି,ପ୍ରାକ୍ତନ ସମିତିସଭ୍ୟ ରଘୁନାଥ ପଣ୍ଡା, ନିରଞ୍ଜନ ମହାପାତ୍ର,ନିର୍ବାହୀ ଅଧିକାରୀ ସରୋଜ କୁମାର ଦାସ ଉପସ୍ଥିତ ଥିଲେ । ପ୍ରଫୁଲ୍ଲ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଯୁବ ସଭାପତି ଅଜୟ ବେହେରା, ମୁରଲୀ ପାଣିଗ୍ରାହୀ, ଗୋପିନାଥ ପାଢୀ,ଅଞ୍ଜନ ମହାପାତ୍ର,ମଦନ ପୁହାଣ,କୈଳାସ ସାହୁ,କାଳିଆ ସାହୁ,ମଣ୍ଟୁ ମହାନ୍ତି,ଦିପୁ ମଲ୍ଲିକ, ବାବୁ ଦାସ,ପ୍ରମୁଖ ସହଯୋଗ କରିଥିଲେ । ବାଉଁଶଗଡିଆ ପଞ୍ଚାୟତରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ଅତିଥି , ଜିଲା ପରିଷଦ ସଭ୍ୟା ଗଜେନ୍ଦ୍ର ଦାସ,ସରପଞ୍ଚ ବିଚିତ୍ର ପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ସରକାରୀ କାର୍ଯ୍ୟକ୍ରମରେ ମଞ୍ଚ ବ୍ୟାନରେ ଶଙ୍ଖଚିହ୍ନ ଲଗାଯିବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ନିର୍ବାହୀ ଅଧିକାରିଣୀ ବେଦମତୀ ନାୟକ,ଜିଆରସ ବିଜୟ ତିଆଡିଙ୍କ ଉଦ୍ୟମରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀ ଓ ପାଣ୍ଡିଆନଙ୍କ କୁଶପୁତ୍ତଳିକା ଦାହ




ବାଲେଶ୍ୱର, ୧୭/୨ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଜ୍ୟର ସ୍ୱାଭିମାନ ରକ୍ଷା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ତଥା ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧକ୍ଷ ଭି କାର୍ତିକୟନ ପାଣ୍ଡିଆନଙ୍କ କୁଶପୁତଳିକା ଫକୀରମୋହନ ଗୋଲେଇ ନିକଟରେ ଦାହ କରାଯାଇଛି । ଜିଲ୍ଲା କଂଗ୍ରେସ କମିଟି ଅଧକ୍ଷ ସଂଜୀବ ଗିରିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଫକୀରମୋହନ ଗୋଲେଇରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା । ଏଥିରେ ଶ୍ରୀ ଗିରି ଅଧକ୍ଷତା କରି କହିଥିଲେ କି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଡି ଓ ସିବିଆଇର ଧମକ ଦେଇ ଅଣଭାଜପା ଦଳର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଗିରଫ କରାଉଛନ୍ତି । ସେହି ଭୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତିରିଆ ପ୍ରଧାନମନ୍ତ୍ରୀଙ୍କୁ ସମର୍ଥନ କରିଚାଲିଛନ୍ତି । ଓଡ଼ିଶାରେ ଉଭୟ ଦଳ ମଧରେ କଳି ହେଉଥିବା ଲୋକ ଦେଖାଣିଆ ହୋଇଥିବା ବେଳେ ଦିଲ୍ଲୀରେ ଉଭୟ ଦଳ କୋଳାକୋଳି ହେଉଛନ୍ତି । ପୁଣିଥରେ ଓଡ଼ିଆ ଜାତିର ଅସ୍ମିତାକୁ ବଳି ଦେଇ ନବୀନ ପଟ୍ଟନାୟକ ରାଜ୍ୟ ସଭାକୁ ଆଶ୍ୱନୀ ବୈଷ୍ଣବଙ୍କୁ ପଠାଇବା ଲାଗି ବିଧବଦ୍ଧ ଯୋଜନା କରିଛନ୍ତି । ଏହାକୁ ଦଳ ନିନ୍ଦା କରୁଛି ବୋଲି ସେ ଦର୍ଶାଇଛନ୍ତି । ଜନସାଧାରଣ ମଧ ଦୁଇଦଳର ଭିତରି ସମ୍ପର୍କକୁ ବୁଝିସାରିଲେଣି । ଆଜିର କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚଣ୍ଡ, ଉପସଭାପତି ଗୋପୀନାଥ ପାଢ଼ୀ, ଯୁବକଂଗ୍ରେସ ଜିଲ୍ଲା ସଭାପତି ରଞ୍ଜନ ଦାସ, ସାଧାରଣ ସମ୍ପାଦକ ତୁଷାରକାନ୍ତ ତପସ୍ୱୀ, ସଦର ଯୁବକଂଗ୍ରେସ ସଭାପତି ଜୀବନ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବସ୍ତା ବିଜେପି ପକ୍ଷରୁ ପଞ୍ଚାୟତ କର୍ମକର୍ତ୍ତା ଚୟନ

ବସ୍ତା, ୧୭/୨ (ନି.ପ୍ର): ବସ୍ତା ନିର୍ବାଚନମଣ୍ଡଳୀ ରେ ବସ୍ତାବ୍ଲକ କୁଡିଆ ପଞ୍ଚାୟତ ସଭାପତି ତପନ କୁମାର ପାତ୍ରଙ୍କ ପରିବର୍ତ୍ତେ ପଞ୍ଚାୟତ ନୂତନ ସଭାପତି ଭାବେ ଦିଲ୍ଲୀପ କୁମାର ପଣ୍ଡାଙ୍କୁ ମନୋନିତ ହୋଇଥିବା ସ୍ଥଳେ ତପନ କୁମାର ପାତ୍ରଙ୍କୁ ବସ୍ତା ମଣ୍ଡଳ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ବିଜେପି ଜିଲ୍ଲା ମନୋନୟନ କମିଟି ସୁପାରିଶ କ୍ରମେ ଏକ ପ୍ରେସ ବିବୃତିରେ ବସ୍ତା ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।

## ବାରଣ୍ଡାରେ ଚାଲିଛି ଜଟାସାହି ଅଙ୍ଗନୱାଡ଼ି

ଉଦଳା , ୧୭/୨ (ନି.ପ୍ର): ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ ଜଟାସାହି ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଟି ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ଚାଲିଛି । ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଘରଟିଏ ଯୋଗାଇ ଦେବା ପାଇଁ ଗ୍ରାମବାସୀ ମାନେ ବାରମ୍ବାର ଦାବି ଜଣାଇବା ସତ୍ୱେ କେହି କର୍ଣ୍ଣପାତ କରୁନଥିବାର କଥା ଅଭିଯୋଗ କରିଛନ୍ତି । ଏହି ଅଙ୍ଗନୱାଡ଼ି କେନ୍ଦ୍ରକୁ ତୁରନ୍ତ ଘର ଯୋଗାଇ ଦେବାକୁ ସେସ୍ୱଛାସେବୀ ରବିନ୍ଦ୍ର ଖଣ୍ଡେଇ, ସସ୍ମିତା ମଢ଼େଇ, ଲକ୍ଷ୍ମୀମଣି ସିଂ, ମିଲୁ ସିଂ, ହରିଶ୍ଚନ୍ଦ୍ର ସିଂ ପ୍ରମୁଖ ଦାବି ଜଣାଇଛନ୍ତି ।

## ଓଡିଶା ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ କନକ୍ଲେଭ୍‌ର ଦ୍ୱିତୀୟ ଦିନରେ ଖଣି କ୍ଷେତ୍ରରେ ସ୍ଥିରତା, ଇଏସଜି ଏବଂ ନବୀକରଣଯୋଗ୍ୟ ଶକ୍ତିର ମହତ୍ତ୍ୱ ଉପରେ ପ୍ୟାନେଲ୍ ଆଲୋଚନା





ପାରାଦ୍ୱୀପ , ୧୭/୨ (ନି.ପ୍ର): ଓଡିଶା ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ପ୍ରଦର୍ଶନର ଦ୍ୱିତୀୟ ଦିନ ୨ ଟି ପୃଥକ ପ୍ୟାନେଲ ଆଲୋଚନାରେ ଶିଳ୍ପ ବିଶେଷଜ୍ଞ ମାନେ ଅଂଶଗ୍ରହଣ କରିଥିଲେ । ପ୍ରଥମ ପ୍ୟାନେଲ ଆଲୋଚନାରେ ସ୍ୱାମୀ ପ୍ରେମ ଆନନ୍ଦଶ୍ରୀ ଜୀ, ଏମଡ଼ି , ଫ୍ୟୁଚରେକ୍ସ ଗ୍ରୁପ ଦ୍ୱାରା ସ୍ୱାଗତ ଭାଷଣରୁ ଆରମ୍ଭ ହୋଇଥିଲା । ଆମନ୍ତ୍ରିତ ଅତିଥିମାନେ ସ୍ଥିରତା ଏବଂ ଇଏସଜି ର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ । ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍ ର ଇଣ୍ଡିଆ ଆଣ୍ଡ ଓଭରସିଜ୍ ହେଡ୍ - ମାଇନିଂ ଡିଭିଜନ୍ ଶ୍ରୀ ଅମିତ କେ ଦୁବେ, ଜେଏସଡବ୍ଲୁ ଗ୍ରୁପ ଷ୍ଟିଲ୍ ଆଣ୍ଡ କୋଟେଡ୍ ବିଜନେସର ପରିବେଶର ବିଭାଗର କର୍ପୋରେଟ୍ ମୁଖ୍ୟ ଶ୍ରୀ ଆନନ୍ଦ ରାୟ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ର କାର୍ଯ୍ୟନିର୍ବାହୀ ଉପାଧକ୍ଷ ଶ୍ରୀ ବି ପି ମିଶ୍ର, ଏଲ ଏସ ଆଇ ଇଞ୍ଜିନିୟରିଂ ଆଣ୍ଡ କନ୍ସଲଟାଣ୍ଟ ଲିମିଟେଡ୍ ର ଉପାଧାକ୍ଷ ଶ୍ରୀ ପ୍ରବୀଣ ମିଶ୍ର, ଶ୍ରୀ କୁନାଲ ରମଣ, ନିର୍ଦ୍ଦେଶକ - ବିଜନେସ, ଅପଡେଟ୍, ଏମଏମଡି ହେଭି ମେସିନାରୀ (ଭାରତ) ପ୍ରାଇଭେଟ ଲିମିଟେଡ ର ନିର୍ଦ୍ଦେଶକ, ଶ୍ରୀ ସୁଭାଜିତ ଚୌଧୁରୀ, ଏଲ ଆଇ ଏନ କ୍ୟୁ ହଲ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ର ସହ-ପ୍ରତିଷ୍ଠାତା ତଥା ସିଇଓ ଶ୍ରୀ ମନସୁର ଫାରୁକି, ପ୍ୟାନେଲ ଆଲୋଚନାରେ ଯୋଗ ଦେଇ ସ୍ଥାୟୀ ଖଣିରେ ଗ୍ଲୋବାଲ ଟ୍ରେଣ୍ଡ ଏବଂ ଚ୍ୟାଲେଞ୍ଜର ବିଭିନ୍ନ ଦିଗ, ସ୍ଥାୟୀ ଖଣି ପାଇଁ ନିୟାମକ ଫ୍ରେମୱାର୍କ, ସ୍ଥାୟୀ ଖଣି ଅଭ୍ୟାସ ପାଇଁ ବୈଷୟିକ ଉଦ୍ଭାବନ, ପରିବେଶ ପରିଚାଳନାରେ ସର୍ବୋତ୍ତମ ଅଭ୍ୟାସ ଏବଂ ଖଣି କ୍ଷେତ୍ରରେ ଇଏସଜି ର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟ - ସେଣ୍ଟର ଫର ସଷ୍ଟେନେବିଲିଟି, ପିଏଚଡ଼ିସିସିଆଇ ର ମୁଖ୍ୟ ଶ୍ରୀ ମିଥିଲେଶ କୁମାର ଉପସ୍ଥିତ ଥିଲେ । ଏହି ଓଡିଶା ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ପ୍ରଦର୍ଶନର କାର୍ଯ୍ୟକ୍ରମରେ ଯୋଗ ଦେଇ ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍ ର ଇଣ୍ଡିଆ ଆଣ୍ଡ ଓଭରସିଜ୍ ହେଡ୍ - ମାଇନିଂ ଡିଭିଜନ୍ ଶ୍ରୀ ଅମିତ କେ ଦୁବେ କହିଛନ୍ତି ଯେ ଖଣି ଏବଂ ଇସ୍ପାତ ତିଆରିରେ ଓଡିଶା ବିଶ୍ୱ ଶିଳ୍ପ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି। ଏଏମ /ଏନଏସ ଇଣ୍ଡିଆ ଏହାର ଖଣି, ବେନିଫିକେସନ୍ ପ୍ଲାଣ୍ଟ ଏବଂ ଇସ୍ପାତ ତିଆରି ସହିତ ରାଜ୍ୟରେ ଏହାର ପାଦଚିହ୍ନ ରଖିଛି । ପାରାଦୀପରେ ଷ୍ଟିଲ୍ ପ୍ଲାଣ୍ଟ ସହିତ ଏଏମ /ଏନଏସ ଇଣ୍ଡିଆ କାର୍ଯ୍ୟ କରୁଛି ଏବଂ କେନ୍ଦ୍ରାପଡା ଠାରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଆମେ ଓଡିଶାରେ ଆମର ଅଭିବୃଦ୍ଧି ଯୋଜନା ପାଇଁ ପ୍ରତିବଦ୍ଧ। ଶ୍ରୀ ଦୁବେ ସ୍ଥାୟୀ ଖଣି ଦିଗରେ ଏଏମ /ଏନଏସ ଇଣ୍ଡିଆ କିଭଳି କାର୍ଯ୍ୟ କରୁଛି ସେ ବିଷୟରେ ଆଲୋଚନା କରିଥିଲେ । ୨ୟ ପ୍ୟାନେଲ ଆଲୋଚନାରେ ଶ୍ରୀପୁନିତ ଚୌଧୁରୀ ସଚିବ,ପିଏଚଡ଼ିସିସିଆଇ, ଶ୍ରୀ ଭକ୍ତି ବି ପରିଡା, ମ୍ୟାନେଜର, ଟାଟା ପାୱାର, ପ୍ରଫେସର ଲକ୍ଷ୍ମୀକାନ୍ତ ପାଇକରାୟ, ଉତ୍କଳ ବିଶ୍ୱବିଦ୍ୟାଳୟ "ଖଣି କ୍ଷେତ୍ରରେ ନବୀକରଣ ଯୋଗ୍ୟ ଶକ୍ତି: ଏକ ଆଗାମୀ ଭବିଷ୍ୟତର ସବୁଜ ମାର୍ଗ" ବିଷୟ ଉପରେ ଆଲୋଚନା କରିଥିଲେ। ବକ୍ତାମାନେ ଖଣିରେ ନବୀକରଣ ଯୋଗ୍ୟ ଶକ୍ତି ଗ୍ରହଣ କରିବା ଏବଂ ନବୀକରଣ ଯୋଗ୍ୟ ଶକ୍ତିକୁ କାର୍ଯ୍ୟକାରୀ କରିବା ଏବଂ ଭବିଷ୍ୟତର ଟ୍ରେଣ୍ଡ୍ ଏବଂ ଇନୋଭେସନ୍ସ ଉପରେ କିପରି ଆହ୍ୱାନକୁ ଦୂର କରିବେ ସେନେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ବାଲେଶ୍ୱରରେ ବିଜେଡି ଓ ବିଜେପିର ବାହାଘର




ବାଲେଶ୍ୱର, ୧୭/୨ (ନି.ପ୍ର): ବାଲେଶ୍ୱର ସଦର କଂଗ୍ରେସ ଦ୍ୱାରା ଯୁବନେତା ସରୋଜ କୁମାର ଲେଙ୍କା ଙ୍କ ନେତୃତ୍ୱରେ ବିଜେଡି ଓ ବିଜେପି ର ବାହାଘର ସ୍ଥାନୀୟ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି ।ଦୀର୍ଘ ୨୫ ବର୍ଷ ଧରି ଏହି ଦୁଇ ଦଳ ମଧ୍ୟରେ ଗୁପ୍ତ ପ୍ରେମ ସମ୍ପର୍କ ଚାଲି ଆସୁଅଛି ।ପ୍ରଥମରୁ ୯ ବର୍ଷ ଧରି ମିଳିତ ଶାସନ,ବିଜେପି ସରକାର ର ସମସ୍ତ ଜନବିରୋଧୀ ବିଲ କୁ ଆଖି ବନ୍ଦ କରି ନିସର୍ତ୍ତ ସମର୍ଥନ କରିବା,ମଣିପୁର ଆଦିବାସୀ ମହିଳା ଙ୍କୁ ନିବସ୍ତ୍ର କରି ରାସ୍ତାରେ ଚଲେଇ ଚଲେଇ ନେବା ବିରୁଦ୍ଧରେ ବିରୋଧୀ ଯେତେବେଳେ ଅଣସ୍ଥା ପ୍ରସ୍ତାବ ଆଣିଲା ବିରୋଧୀ ଙ୍କ ଅନସ୍ଥା ପ୍ରସ୍ତାବ ବିରୁଦ୍ଧରେ ବିଜେଡି ବିଜେପି ର ସାଥ ଦେବା,ପାଣ୍ଡିୟାନ ଙ୍କ ଚାକିରିରୁ ଇସ୍ତଫା ପ୍ରସଙ୍ଗ ,ଅଶ୍ୱିନୀ ବାବୁ ଙ୍କ ରାଜ୍ୟସଭା ପ୍ରସଙ୍ଗ ସବୁକିଛି ଦୁଇଜଣଙ୍କ ଗୁପ୍ତ ପ୍ରେମ ସମ୍ପର୍କ ପଦାରେ ପକେଇଛି ।ତେଣୁ ଓଡ଼ିଶାର ଜନତା ଏ ଗୁପ୍ତ ସମ୍ପର୍କ କୁ ଟୁପୁରୁ ଟାପୁରୁ ହେଲେଣି,ତେଣୁ କଂଗ୍ରେସ ଏହାକୁ ବିଧିବଦ୍ଧ ଭାବେ ବିଭାଘର କରି ଲୋକଲୋଚନକୁ ସ୍ୱୀକୃତି ପ୍ରଦାନ କରିଛି ।ଏହି ବିଭାଘର ଉତ୍ସବରେ ପାଖା ପାଖି ୫୦୦ ରୁ ଉର୍ଦ୍ଧ ବରଯାତ୍ରୀ ଓ କନିଆଁ ଯାତ୍ରୀ ଯୋଗ ଦେଇଥିଲେ ।ସନ୍ଧ୍ୟା ୭ ଟାରେ ଗଡଗଡ଼ିଆ ଛକ ରୁ ବାଜା,ଆଲୋକ ରେ ବରଯାତ୍ରୀ ଦଳ ଆସି ଟାଉନ ହଲ ଠାରେ ପହଞ୍ଚି ଥିଲେ ।ଏବଂ ପୁରା ବିଧିବଦ୍ଧ ଭାବେ ବିଭାଘର ସମ୍ପର୍ଣ୍ଣ ହୋଇଥିଲା। ଏହାସହ ଯେମିତି ସତସତିକା ବାହାଘର ହୁଏ ସେମିତି ଟାଉନହଲ ପରିସରରେ ସାଜସଜ୍ଜା ସାଙ୍ଗକୁ ବେଦୀ ବନ୍ଧା ହୋଇ ବିବାହ ଅନୁଷ୍ଠିତ ହୋଇଥିଲା।

## ଚାଷୀପଡ଼ା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ




ଅମର୍ଦ୍ଦାରୋଡ଼, ୧୭/୨ (ନି.ପ୍ର): ବସ୍ତା ବ୍ଲକ୍ ନଟାକଟା ପଞ୍ଚାୟତ ଅନ୍ତର୍ଗତ ଚାଷୀପଡ଼ା ପ୍ରାଥମିକ ବିଦ୍ୟାଳୟର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନୀଲ କୁମାର ମାରାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ବଂଶୀଧର ମଣ୍ଡଳ,ମୁଖ୍ୟ ବକ୍ତା ସ୍ଥାନୀୟ ସରପଞ୍ଚ ବନ୍ଦନା ସେଠୀ,ସମ୍ମାନିତ ଅତିଥି ପୂର୍ବତନ ଜିଲା ପରିଷଦ ସଦସ୍ୟ ଶମ୍ଭୁନାଥ ସେଠୀ,କାଶୀଶ୍ୱର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବାରିକ,ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମଣ କୁମାର ପାତ୍ର,ସଚ୍ଚିଦାନନ୍ଦ ଗିରି,ପରିଚାଳନା କମିଟି ସଭାପତି ରଞ୍ଜିତା ଦତ୍ତ,ମୋ ସ୍କୁଲ ଅଭିଯାନ ସଭାପତି ପିତାମ୍ବର ମହାପାତ୍ର,ପୂର୍ବତନ ପରିଚାଳନା କମିଟି ସଭାପତି ହରିହର ପାତ୍ର,ବସନ୍ତପୁର କ୍ଲଷ୍ଟର ସିଆରସିସି ଉମେଶ ଚନ୍ଦ୍ର ବାଡ଼ି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ ।ଶିକ୍ଷକ ବାସୁଦେବ ବିନ୍ଧାଣି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ପଙ୍କଜ କୁମାର ଗିରି ମଞ୍ଚ ଆମନ୍ତ୍ରଣ,ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ତରଙ୍ଗ ଚ୍ୟାନେଲରେ କମେଡ଼ିଆନ ଭାବେ ଅଭିନୟ କରୁଥିବା ଜୁନିଅର ପୁପୁ ପମପମ୍ ଓରଫ୍ ବୁଲୁ ନିଜର କମେଡ଼ିରେ ସମସ୍ତଙ୍କୁ ହସାଇଥିଲେ। ମନ୍ମଥ କୁମାର ବେହେରା, ରାମଚନ୍ଦ୍ର ବାଡ଼ି, ଗଜେନ୍ଦ୍ର ନାଥ ଦତ୍ତ,ହରିଶ୍ଚନ୍ଦ୍ର ଦତ୍ତ, ଅନାଦି ଚରଣ ପାତ୍ର,୩ ନଂ ୱାର୍ଡ଼ସଭ୍ୟ ଅରୁଣ କୁମାର ପାତ୍ର ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## କାଲିର ଅଭିନେତା ଆଜି ଭିନ୍ନକ୍ଷମ: ଖୋଜୁଛନ୍ତି କଳାକାର ଭତ୍ତା ଓ ବ୍ୟାଟେରି ଚାଳିତ ରିକ୍ସା



ଉଦଳା , ୧୭/୨ (ନି.ପ୍ର): ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ ସଦକାହ୍ନୁପୁର ଗ୍ରାମର ଦୃଶ୍ୟ । ଉକ୍ତ ଗ୍ରାମର ବାସିନ୍ଦା ଂ ସୋମନାଥ ସିଂଙ୍କ ପୁତ୍ର ହରିଶ୍ଚନ୍ଦ୍ର ଅତିତରେ ଜଣେ ଯାତ୍ରା ପାର୍ଟିର ଅଭିନେତା ଥିଲେ । ସଡ଼କ ଦୁର୍ଘଟଣାରେ ତାଙ୍କର ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ଅଚଳ ହୋଇଗଲା । ଫଳରେ ସେ ଜଣେ ଭିନ୍ନକ୍ଷମ ଭାବରେ ଏବେ ଘରେ ରହୁଛନ୍ତି । ସରକାର ତାଙ୍କୁ ମାସିକ ୫୦୦ ଟଙ୍କା ଭତା ଓ ୫ କିଗ୍ରା ଚାଉଳ ପ୍ରଦାନ କରୁଛନ୍ତି । କିନ୍ତୁ କଳାକାର ମାନଙ୍କୁ ମାସିକ ୨୦୦୦ ଟଙ୍କା ମିଳୁଥିବାରୁ ସେ କଳା କାର ଭତା ପାଇବା ପାଇଁ ଅନୁରୋଧ ଜଣାଇଛନ୍ତି । ସେହିପରି ଚାଲବୁଲ କରିବା ପାଇଁ ଏକ ବ୍ୟାରେଟରି ଚାଳିତ ରିକ୍ସା ଖୋଜୁଛନ୍ତି । ଏ ବାବଦରେ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି।

## ପ୍ରବାସୀ ଶ୍ରମିକଙ୍କ ଆଇନ୍ ସଚେତନତା ଶିବିର

ଭଦ୍ରକ , ୧୭/୨ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ତରଫରୁ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶିବିରରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ, ଶ୍ରୀମତୀ ନେହା ଅଗ୍ରୱାଲ ପରିଚ୍ଛଳନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ନିରାକାର ଜେନା, ସଭାପତି, ଭଦ୍ରକ ବାରସଂଘ, ଭଦ୍ରକ, ଡଃ ତାପସ କୁମାର ମହାନ୍ତି, ପେନାଲ ଓକିଲ, ଭଦ୍ରକ, ପ୍ରେମ ମଞ୍ଜରୀ ନାୟକ, ଶ୍ରମିକ ଇନ୍ସପେକ୍ଟର, ଭଦ୍ରକ, ସହାୟକ ଶ୍ରମିକ ଅଧିକାରୀ ଗଣ, ପ୍ରତ୍ୟୁଷ କୁମାର ବେହେରା, ଲୋକନାଥ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଜରିଆରେ ୧୨ ଜଣ ଶ୍ରମିକଙ୍କୁ ସହାୟତା ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧମରେ କୁଶଳୀ ଏବଂ ଅଣ କୁଶଳୀ ତଥା ଅଣ-ସଂଗଠିତ ଶ୍ରମିକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆଇନ୍ ଏବଂ ସହାୟତା ସଂପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଲିଗାଲ ସ୍ୱେଚ୍ଛାସେବୀ ଅନ୍ନପୂର୍ଣ୍ଣା ସାହୁ, ଉର୍ମିଳା ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo